# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 20/2023 Page 16 ₹ 7.00

୪୯ଶ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 265 ମୂଲ୍ୟ ₹୭/-





KP
GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP
GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
YouTube

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦/୨୦୨୩ | Bhubaneswar, Sunday, August 20/2023 | ପୃଷ୍ଠା-୧



## କୋଚିଂ ଦେବେ ସର୍ଦ୍ଦାର ସିଂ

ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସବ୍ ଜୁନିୟର ପୁରୁଷ ହକି ଦଳର କ୍ୟାମ୍ପରେ କୋଚିଂ ଦେବେ ପୂର୍ବତନ ଖେଳାଳି ସର୍ଦ୍ଦାର ସିଂ।

୧୪

୧୦

## ଇମ୍ରାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ: ବୁଶ୍ରା

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ ବୋଲି ତାଙ୍କ ସ୍ତ୍ରୀ ବୁଶ୍ରା ବିବି ଆଶଙ୍କା କରିଛନ୍ତି।






ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ୨୦୨୩ ନିମନ୍ତେ ଶନିବାର ଗୁରୁଗ୍ରାମରେ ମାସ୍କଟ ଲଞ୍ଚ ଅବସରରେ କ୍ରିକେଟର ଶେଫାଳି ବର୍ମା(ବାମ) ଓ ଯଶ ଧୂଲ୍।

# ଉଡାନ୍ ଯୋଜନା ବିଫଳ

- ୯୩% ରୁଟ୍‌ରେ କାମ କରୁନାହିଁ: ସିଏଜି ରିପୋର୍ଟ
- ମୋଦି ସରକାରଙ୍କ ମିଛ ଧରାପଡ଼ିଲା: ଖାର୍ଗେ

ନୂଆଦିଲ୍ଲୀ, ୧୯।୮

ଦେଶର ବିଭିନ୍ନ ଅଞ୍ଚଳକୁ ବିମାନ ସେବା ଯୋଗାଇଦେବା ଲାଗି ଉଡାନ୍ (ଉଡେ ଦେଶ କା ଆମ୍ ନାଗରିକ) ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। କେନ୍ଦ୍ରର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ୯୩ ପ୍ରତିଶତ ରୁଟ୍‌ରେ କାମ କରୁ ନ ଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୬ ଅକ୍ଟୋବର ୨୧ରେ ଉଡାନ୍ ଯୋଜନା ଆରମ୍ଭ ହୋଇଥିଲା। ଟାୟାର-୨ ଏବଂ ଟାୟାର-୩ ମହାନଗର ଓ ସହରଗୁଡ଼ିକୁ ଆକାଶପଥରେ ସଂଯୋଗ କରିବା ସହ ସାଧାରଣ ନାଗରିକଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହି ସେବା ଉପଲବ୍ଧ କରାଇବା ଉକ୍ତ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସ୍ଲିପର ପିନ୍ଧୁଥିବା ଲୋକେ ବିମାନରେ ଉଡ଼ିବେ ବୋଲି ମୋଦି ସରକାର ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ, ଯାହା ଅନ୍ୟ ପ୍ରତିଶ୍ରୁତି ଭଳି ପୂରଣ ହୋଇପାରିନାହିଁ। ଏପରିକି ଏୟାରଲାଇନ୍ସଗୁଡ଼ିକର ନିରପେକ୍ଷ ଅଡିଟ୍ କରାଯାଇ ନାହିଁ। ବହୁ ପ୍ରଚାରିତ ହେଲିକପ୍ଟର ସେବା ବନ୍ଦ ରହିଛି।

ସିଏଜି (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ଙ୍କ ରିପୋର୍ଟରୁ ଉଡାନ ଯୋଜନାର ବିଫଳତା ଜଣାପଡ଼ିବା ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାରଙ୍କ ଆଉ ଏକ ମିଥ୍ୟା ପ୍ରତିଶ୍ରୁତି ଓ ଜୁମ୍‌ଲା ପଦାରେ ପଡ଼ିଥିବା ସେ କହିଛନ୍ତି। ଦେଶବାସୀ ଉଡାନ୍ ପରିବର୍ତ୍ତେ ମିଥ୍ୟା ଓ ଜୁମଲା ପାଇଛନ୍ତି। ପ୍ରତିଶ୍ରୁତି ପୂରଣ କରିପାରୁ ନ ଥିବା ବର୍ତ୍ତମାନର




ଅକ୍ଷମ ସରକାରଙ୍କୁ ଦେଶବାସୀ କଦାପି କ୍ଷମା ଦେବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସମୟରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିରୁ କେବଳ ଉଡାନ୍ ବିଫଳତା ସାମ୍ନାକୁ ଆସିନାହିଁ, ଭାଜପା ନେତୃତ୍ୱାଧୀନ ସରକାରରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବ୍ୟାପକ ଦୁର୍ନୀତି ହୋଇଥିବା ରିପୋର୍ଟ ଦର୍ଶାଇଛି। ଭାରତମାଳା ପରିଯୋଜନା ଫେଜ୍-୧ ଅଧୀନରେ ଜାତୀୟ ରାଜପଥ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ନିୟମର ଉଲ୍ଲଂଘନ କରାଯାଇ ଟେଣ୍ଡର କିମ୍ବା ବିଡ୍ ସର୍ତ୍ତାବଳୀ ପୂରଣ କରୁ ନ ଥିବା ବିଫଳ ବିଡରମାନଙ୍କୁ ଜାଲ୍ ଦସ୍ତାବିଜ୍ ଆଧାରରେ ପ୍ରୋଜେକ୍ଟ କାର୍ଯ୍ୟ ପାଇଁ ଚୟନ କରାଯାଇ କାମ ଦିଆଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଦ୍ୱାରକା ଏକ୍ସପ୍ରେସ୍‌ୱେ ପ୍ରୋଜେକ୍ଟରେ ଅଟକଳଠାରୁ ବହୁ ଅଧିକ ଅର୍ଥ ବ୍ୟୟ ହୋଇଛି। ଏକ୍ସପ୍ରେସ୍ ୱେ ନିର୍ମାଣ ଲାଗି କିଲୋମିଟର ପିଛା ୧୮.୨୦ କୋଟି ଟଙ୍କା ବ୍ୟୟକୁ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଅନୁମୋଦନ କରିଥିବାବେଳେ ହରିୟାଣାରେ ଏକ କ୍ୟାରେଜୱେ ନିର୍ମାଣ ଲାଗି ଏନ୍‌ଏଚ୍‌ଏଆଇର ନିଷ୍ପତ୍ତି ଯୋଗୁ କିଲୋମିଟର ପିଛା ଖର୍ଚ୍ଚ ୧୫୦.୭୭ କୋଟି ଟଙ୍କାକୁ ବଢ଼ିଯାଇଥିଲା। ସେହିପରି ଦିଲ୍ଲୀ ବଡୋଦରା ଏକ୍ସପ୍ରେସ୍‌ୱେ ପାଇଁ ଏନ୍‌ଏଚ୍‌ଏଆଇ ବୋର୍ଡ ୩୨,୮୩୯ କୋଟି ଟଙ୍କା ମଞ୍ଜୁର କରିଥିଲା ଯାହା ଭାରତମାଳା-୧ ପରିଯୋଜନା ପାଇଁ କ୍ୟାବିନେଟ କମିଟିର ଅନୁମୋଦନ ପାଇ ନ ଥିଲା ବୋଲି ସିଏଜି ରିପୋର୍ଟରୁ ଜଣାପଡ଼ିଛି।

ସେହିପରି ବିନା ମଞ୍ଜୁରୀରେ ରେଳ ମନ୍ତ୍ରଣାଳୟ ସରକାରୀ ପାଣ୍ଠି ବିନିଯୋଗ କରିଥିବା ଅଡିଟ୍‌ରୁ ଜଣାପଡ଼ିଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟ ୧,୯୩୭ଟି ଘଟଣାରେ ମୋଟ ୨୩,୮୮୫.୪୭ କୋଟି ଟଙ୍କା ବିନା ମଞ୍ଜୁରୀରେ ବ୍ୟୟ କରିଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ☞ପୃଷ୍ଠା-୨

# କଳାପତାକା ପରେ କାଳିମାଡ଼

## ୫-ଟି ସଚିବଙ୍କୁ ବିରୋଧ ବଢୁଛି

ସାକ୍ଷୀଗୋପାଳ,୧୯।୮
(କିଶୋର ମହାପାତ୍ର/ ପ୍ରଶାନ୍ତ ବେହେରା)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ (୫-ଟି) ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି। ହେଲେ ପାଣ୍ଡିଆନ୍‌ଙ୍କ ଏଭଳି ଗସ୍ତକୁ ବିଭିନ୍ନ ମହଲରୁ ବିରୋଧ ହେଉଛି। ପୂର୍ବରୁ ୫-ଟି ସଚିବଙ୍କ ଗସ୍ତ ସମୟରେ ତାଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼, କଳାପତାକା ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ହେଲେ ଶନିବାର ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ(ୟୁଜିଏସ୍ଏମ୍) ଖେଳ ପଡ଼ିଆରେ ଏକ ସମାବେଶରେ ଯୋଗ ଦେବାକୁ ଯାଉଥିବା ସମୟରେ ଜଣେ ବ୍ୟକ୍ତି ପାଣ୍ଡିଆନ୍‌ଙ୍କ ଉପରକୁ କାଳିମାଡ଼ କରିଛନ୍ତି। ଏପରିକି ତାଙ୍କ ସହ ଥିବା ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ମଧ୍ୟ କାଳିମାଡ଼ କରାଯାଇଛି। କାଳିମାଡ଼ କରିଥିବା ଭାସ୍କର ସାହୁଙ୍କୁ ପୋଲିସ ତୁରନ୍ତ ନିଜ ହେପାଜତକୁ ନେଇଛି। ଏହି ଘଟଣାକୁ ନେଇ ଏବେ ରାଜନୈତିକ ଆରୋପ ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି।



ଶନିବାର ସତ୍ୟବାଦୀର ୟୁଜିଏସ୍ଏମ୍ ଖେଳ ପଡ଼ିଆରେ ଏକ ବିଶାଳ ଜନ ସମାବେଶକୁ ସମ୍ବୋଧିତ କରିବା ପାଇଁ ୫-ଟି ସଚିବ ପଣ୍ଡିଆନଙ୍କ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ଜିଲା ପ୍ରଶାସନ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଦିନରାତି ଏକକରି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଚେଷ୍ଟା କରିଥିଲେ। ପୁରୀ କାର୍ଯ୍ୟକ୍ରମ ସାରି ଅପରାହ୍ନ ୧ଘଟିକା ୫୫ମିନିଟ୍‌ରେ ୫-ଟି ସଚିବ ପାଣ୍ଡିଆନ କଲେଜକୁ ପ୍ରବେଶ କରିଥିଲେ। ସଚିବଙ୍କ କାର ସଭା ମଞ୍ଚଠାରୁ ୨୦୦ ଫୁଟ ଦୂରରେ ଅଟକିଥିଲା। କାର୍‌ରୁ ପାଣ୍ଡିଆନ୍ ବାହାରି ଚାଲିଚାଲି ବାରିକେଡ୍‌ର ଡାହାଣ ପାର୍ଶ୍ୱରେ ଠିଆ ହୋଇଥିବା ମହିଳାଙ୍କ ଠାରୁ ସ୍ୱାଗତ ସହ ବିଭିନ୍ନ ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ଅପରପାର୍ଶ୍ୱରେ ଉପସ୍ଥିତ ଲୋକଙ୍କ ସହ କରମର୍ଦ୍ଦନ କରି ସଭାମଞ୍ଚକୁ ଆସୁଥିବା ସମୟରେ କଣାସ ଅଡାଲ ପଞ୍ଚାୟତ ହରିପୁର ଗ୍ରାମର ଭାସ୍କର ସାହୁ ୪ଇଞ୍ଚର ଏକ ପ୍ଲାଷ୍ଟିକ କାଳି ବୋତଲ ଧରି ପ୍ରଥମେ ସଚିବଙ୍କ ☞ପୃଷ୍ଠା-୨

# ଝାରସୁଗୁଡ଼ା ଡିଏଚ୍‌ଏଚ୍‌ରେ ଶିଶୁ ବଦଳ ଅଭିଯୋଗ

ସମ୍ବଲପୁର,୧୯।୮(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍‌ଏଚ୍)ରେ ଶନିବାର ଏକ ନବଜାତ ଶିଶୁ ବଦଳ ନେଇ ଅଭିଯୋଗ ହୋଇଛି। ବ୍ରଜରାଜନଗର ରାମପୁରର ଦମ୍ପତି ରାଜକୁମାର ଗିରି ଓ ସ୍ତ୍ରୀ ଦୀପାଞ୍ଜଳିଙ୍କ ଅଭିଯୋଗକ୍ରମେ ପିଲା ଜନ୍ମହେବା ସମୟରେ ପୁଅ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଥିଲା। ହେଲେ ଘଣ୍ଟାକ ପରେ ମେଡିକାଲ ଷ୍ଟାଫ୍ ଗ୍ରହଣ ଖଣ୍ଡିଆ ଏକ ଶିଶୁ କନ୍ୟାକୁ ଆଣି ଦେଇଥିଲେ। ଆମ ପୁଅକୁ ନ ଦେବା ପର୍ଯ୍ୟନ୍ତ ମେଡିକାଲ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଡିଏନ୍ଏ ପରୀକ୍ଷା କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଅଣାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟପକ୍ଷେ ସିଡିଏମ୍‌ଓ ଡୋଲାମଣି ପଟେଲ କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

ସୂଚନା ଅନୁସାରେ, ରାଜକୁମାର ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ତାଙ୍କ ସ୍ତ୍ରୀ ଦୀପାଞ୍ଜଳିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ପ୍ରସବ ପାଇଁ ଦୀପାଞ୍ଜଳିଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ସମୟରେ ସେ ଶୌଚଯିବା ପାଇଁ ସ୍ତ୍ରୀ ଓ ପ୍ରସୂତି ବିଭାଗର ପାଇଖାନାକୁ ଯାଇଥିଲେ। ଶୌଚଯାଇ ଫେରିବା ସମୟରେ ପାଇଖାନା ସମ୍ମୁଖରେ ପିଲା ଜନ୍ମ ଦେଇଥିଲେ। ରାଜକୁମାରଙ୍କଠାରୁ ☞ପୃଷ୍ଠା-୨

# ଲେହରେ ଗଡ଼ିବ ହାଇଡ୍ରୋଜେନ୍ ବସ୍

## ଦେଶରେ ପ୍ରଥମ

ନୂଆଦିଲ୍ଲୀ,୧୯।୮

ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ବସ୍ ସେବା ଲେହରୁ ଆରମ୍ଭ ହେବ। ଏହାର ପ୍ରଥମ ବ୍ୟବସାୟିକ ପରୀକ୍ଷଣ ଇତିମଧ୍ୟରେ ଆରମ୍ଭ ହୋଇଛି। ଦେଶର ସର୍ବବୃହତ ଶକ୍ତି ଉତ୍ପାଦନକାରୀ ସଂସ୍ଥା ଜାତୀୟ ତାପଜ ବିଦ୍ୟୁତ୍ ନିଗମ(ଏନ୍‌ଟିପିସି) ଏହି ଯୋଜନାରେ ସହରାଞ୍ଚଳ ପରିବହନ ସେବା ପାଇଁ ଲେହ ପ୍ରଶାସନକୁ ୫ଟି ହାଇଡ୍ରୋଜେନ ଚାଳିତ ବସ୍ ପ୍ରଦାନ କରିଛି। ୧.୭ ମେଗାୱାଟ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କଲାଭଳି ଏକ ସୋଲାର ପ୍ଲାଣ୍ଟ ମଧ୍ୟ ଏହି ସଂସ୍ଥା ନିର୍ମାଣ କରିଛି।




ଏଠାରୁ ହାଇଡ୍ରୋଜନ୍ ଚାଳିତ ବସ୍‌ଗୁଡ଼ିକ ଲାଗି ଇନ୍ଧନ ଯୋଗାଯିବ। ଏହାର ଭିତ୍ତିଭୂମି ନିର୍ମାଣ ଲାଗି ଲେହ ପ୍ରଶାସନ ୭.୫ ଏକର ଜମି ଲିଜ୍ ସୂତ୍ରରେ ନେଇଛନ୍ତି। ଅଶୋକ ଲେଲାଣ୍ଡ କମ୍ପାନୀ ଏହି ବସ୍‌ଗୁଡ଼ିକୁ ଯୋଗାଇଛି। ପ୍ରତ୍ୟେକ ବସ୍ ମୂଲ୍ୟ ୨.୫ କୋଟି ଟଙ୍କା ରହିଛି। ଏହି ବସ୍‌ଗୁଡ଼ିକର ଯାତ୍ରୀ ଭଡ଼ା ଡିଜେଲ୍ ଚାଳିତ ବସ୍ ସହ ସମାନ ରହିଛି। ଏହି ବସ୍ ସେବା ପରିଚାଳନାରେ ଯଦି କିଛି କ୍ଷତି ଘଟେ ତେବେ ସେହି କ୍ଷତିକୁ ଏନ୍‌ଟିପିସି ଭରଣା କରିବ ବୋଲି କମ୍ପାନୀର ଜଣେ ଅଧିକାରୀ କହିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଏହି ସେବା ଆରମ୍ଭ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ
ଭାରତରେ ଦଙ୍ଗା



**ଆଜିର ମନ୍ତବ୍ୟ**

"ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ନିଜ ଲୋକଙ୍କୁ ଥଇଥାନ କରୁଛନ୍ତି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଇତଳିଆ ବେଉଷା,**
**ଛୋକାରୁଣୀ ମାଇପିଙ୍କ ଓଷା,**
**ପାଣିବୁହାନ୍ତିଙ୍କ ମୁଣ୍ଡରେ ଖୋଷା,**
**ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳିନଥାଏ। ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ,**
**ହଗି ଗଲେ ଗୀତ ଗାଏ।**

ସାଧାରଣତଃ ନୀଚ ସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ରାସ୍ତା ଖରାପ: ଷ୍ଟ୍ରେଚରରେ ହସ୍ପିଟାଲ ଯାଇ ମୃତ


ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି।

**କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଢେଙ୍କିକୋଟ (ନୀଳମଣି ମଣ୍ଡଳ) ୧୯।୮**

### ଗୃହରକ୍ଷୀଙ୍କୁ ସାପ କାମୁଡ଼ିଥିଲା

ସରକାର ବିକାଶକୁ ନେଇ ଡିଣ୍ଡିମ ପିଟୁଛନ୍ତି। ଗ୍ରାମଠୁ ସହର ପକ୍କା ରାସ୍ତା ପାଇଁ ଅନେକ କୋଟି ଖର୍ଚ୍ଚ ହେଉଛି। ମାତ୍ର ଏବେବି ଅନେକ ଗ୍ରାମାଞ୍ଚଳକୁ ଭଲ ରାସ୍ତା ନାହିଁ। ଫଳରେ ଲୋକେ ଜରୁରୀକାଳୀନ ସେବା ପାଇ ନ ପାରି ଅକାଳରେ ଜୀବନ ହରାଉଛନ୍ତି। ଏଭଳି ଅଭିଯୋଗ ଆସିଛି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସନ୍ତରାପୁର ଅଞ୍ଚଳରେ। ଗ୍ରାମକୁ ଆମ୍ବୁଲାନ୍ସ ନ ପହଞ୍ଚି ପାରିବାରୁ ସାପକାମୁଡ଼ାରେ ଗୁରୁତର ହୋଇଥିବା ଜଣେ ଗୃହରକ୍ଷୀଙ୍କୁ ୧ କି.ମି. ପର୍ଯ୍ୟନ୍ତ ଷ୍ଟ୍ରେଚ୍‌ରରେ ବୁହାଯାଇଥିଲା। ଚିକିତ୍ସାଳୟରେ ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସନ୍ତରାପୁର ପଞ୍ଚାୟତ ପରାଭା ସାହିର ପରମାନନ୍ଦ ମହାନ୍ତ (୩୨) ପୋଲିସ ବିଭାଗରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ସେ ଖାଇସାରି ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ଆବଶ୍ୟକତା ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଗାଁ ରାସ୍ତା ଖରାପ ଥିବାରୁ ଗାଁଠାରୁ ୧ କିଲୋମିଟର ଦୂରରେ ଆମ୍ବୁଲାନ୍ସ ଅଟକିଥିଲା। ରୋଗୀଙ୍କୁ ବାଧ ହୋଇ ଷ୍ଟ୍ରେଚର୍‌ରେ ବୋହି ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ତେବେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଭାଇ ଭୀମସେନ ମହାନ୍ତ କହିଛନ୍ତି। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ. ୫୨/୨୩) ରୁଜୁ ହୋଇଛି।

# ମହାନଦୀରେ ହେବ ୨ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର

**ସୋନପୁର, ୧୯।୮ (ମୃତ୍ୟୁଞ୍ଜୟ ଶତପଥୀ)**

ମହାନଦୀର ଖଇରମାଳ ଓ ଗୋଧନେଶ୍ୱର ନିକଟରେ ବହୁ ପ୍ରତୀକ୍ଷିତ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ହେବ। ଏହି ୨ ପ୍ରକଳ୍ପ ପାଇଁ ପ୍ରାୟ ୧୯୫୦ କୋଟି ଟଙ୍କା ବ୍ୟୟ କରାଯିବ। ଜଳ ସମ୍ପଦ ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ଶୁକ୍ରବାର ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ୨ ପ୍ରକଳ୍ପ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ଟେଣ୍ଡର ଆହ୍ୱାନ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମହାନଦୀ ଗର୍ଭରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିବ। ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରିବା ପରେ ଓଡ଼ିଶାର ଜୀବନରେଖା ମହାନଦୀରେ ଅଣମୌସୁମୀ ସମୟରେ ଜଳପ୍ରବାହ ଯଥେଷ୍ଟ ହ୍ରାସ ପାଇଥିଲା। ତେଣୁ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ଓଡ଼ିଶା ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ ପାଇଁ ୨୦୧୭ରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ସ୍ତରରେ ସର୍ଭେ ପରେ ଟେକ୍ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ମିଳିଥିଲା। ତେବେ କୌଣସି କାରଣରୁ ଏହା ବିଳମ୍ବ ହୋଇଥିଲା। ସୋନପୁର ବିଧାୟକ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟରେ ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱର ଓ ବୌଦ୍ଧ ଜିଲାର ଖଇରମାଳ ବ୍ୟାରେଜ ନିର୍ମାଣ ସମ୍ପର୍କରେ ଘୋଷଣା କରିଥିଲେ। ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ସୋନପୁର ସହର ରାମେଶ୍ୱରଠାରୁ ସାଢେ ୩ କି.ମି. ଦୂର ବୌଦ୍ଧ ଜିଲାର ଖଇରମାଳରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ବୌଦ୍ଧ ଜଳ ସମ୍ପଦ ବିଭାଗ ପକ୍ଷରୁ ୯୨୫କୋଟି ୫୯ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଥିଲା। ସେହିପରି ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ବୀରମହାରାଜପୁର ବ୍ଲକର ଗୋଧନେଶ୍ୱରରେ ପ୍ରକଳ୍ପ ନିର୍ମାଣ ପାଇଁ ୧୦୨୪କୋଟି ୮୧ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏ ସମ୍ପର୍କିତ ପ୍ରସ୍ତାବ ପ୍ରଶାସନିକ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ଗତ ମେ ୨୨ ତାରିଖରେ ପଠାଇଥିଲେ। ତେବେ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବାରେ ବିଳମ୍ବ ହୋଇଥିଲା। ଗତ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ପାଣ୍ଡିଆନ୍ ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ରାମେଶ୍ୱରକୁ ଯାଇ ପ୍ରସ୍ତାବିତ ଖଇରମାଳ ପ୍ରକଳ୍ପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପ ପାଇଁ ଶୀଘ୍ର ପ୍ରଶାସନିକ ଅନୁମୋଦନ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗତ ୧୮ ତାରିଖରେ ସରକାରଙ୍କ ଅନୁମୋଦନ ପରେ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକଶନ) କଣ୍ଟ୍ରାକ୍ଟ ବେସିସ୍‌ରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି।


ମହାନଦୀର ଖଇରମାଳରେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ସ୍ଥାନ।

- **ପ୍ରଶାସନିକ ଅନୁମୋଦନ ମିଳିଲା**
- **ଖର୍ଚ୍ଚ ହେବ ୧୯୫୦କୋଟି**
- **ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରିବ ଜଳ ସମ୍ପଦ ବିଭାଗ**
- **ଗୋଧନେଶ୍ୱର, ଖଇରମାଳ ପ୍ରକଳ୍ପରୁ ଉପକୃତ ହେବେ ସୁବର୍ଣ୍ଣପୁର, ବୌଦ୍ଧ ଜିଲାବାସୀ**

ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚରରେ ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରାଯିବା ଯୋଜନା ରହିଛି। ଗୋଧନେଶ୍ୱର ପ୍ରକଳ୍ପ ଖଇରମାଳଠାରୁ ବଡ଼ ହେବ। ମହାନଦୀ ଓ ତେଲନଦୀର ପାଣି ବର୍ଷାଦିନେ ସମୁଦ୍ରକୁ ବହିଯାଉଥିଲା। ଜଳର ଠିକ୍ ଉପଯୋଗ ହୋଇପାରୁ ନ ଥିଲା। ଖରାଦିନେ ନଦୀ ଶୁଖିଲା ପଡୁଥିଲା। ତେଣୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ସୁବର୍ଣ୍ଣପୁର ସହର ସମେତ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଏବଂ ବୌଦ୍ଧ ଜିଲାର ବୌଦ୍ଧ ସହର, ବୌଦ୍ଧ ଓ କଣ୍ଟାମାଳ ବ୍ଲକର ଲକ୍ଷାଧିକ ଅଧିବାସୀ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ପାନୀୟ ଜଳ ଚାହିଦା ପୂରଣ ସହ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ରବିଋତୁରେ ଜମିକୁ ଜଳସେଚିତ କରିପାରିବ। ଜଳ ଚାହିଦା ପୂରଣ, କୃଷିରେ ଉପଯୋଗ ଓ ସମୁଦ୍ରକୁ ବହିଯାଉଥିବା ଜଳର ସଂରକ୍ଷଣ ପାଇଁ ଏହି ପ୍ରକଳ୍ପଦ୍ୱୟ ବିଶେଷ ସହାୟକ ହେବେ ବୋଲି ଆଶା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରି ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଆପଣଙ୍କୁ ଆନୁଷ୍ଠାନିକ, ସାମାଜିକ କ୍ଷେତ୍ରରେ ସାମିଲ ରହିଥିଲେ ସମ୍ମାନ ଲାଭ କରିପାରନ୍ତି। ପାଖ ପଡ଼ୋଶୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ହିଁ ଚିନ୍ତାର ମୁଖ୍ୟ କାରଣ ହେବ। ନିଜ ଲୋକମାନଙ୍କ କାର୍ଯ୍ୟକଳାପ ଅସୁବିଧାରେ ପକାଇପାରେ।

**ବୃଷ** ସ୍ୱାର୍ଥ ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କନ୍ୟା ସନ୍ତାନଙ୍କ କର୍ମନିଯୁକ୍ତି କିମ୍ବା ବୈବାହିକ ସମ୍ବନ୍ଧ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ।

**ମିଥୁନ** କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। ଏକ ଭିନ୍ନ ପରିବେଶରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ଚିନ୍ତିତ ରହିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ସମସ୍ୟାଗ୍ରସ୍ତ ହୋଇ ପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇବା ଜନିତ ଟେନ୍‌ସନ୍ ବୃଦ୍ଧି ପାଇପାରେ। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ, ତଥାପି ସହଜରେ ଅନ୍ୟମାନଙ୍କୁ ବିଶ୍ୱାସ କରିପାରିବେ ନାହିଁ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ କେତେକ ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନ ଅସ୍ଥିର ରହିବ।

**ସିଂହ** ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ, କିନ୍ତୁ କ୍ଷତି ମଧ୍ୟ ହେବନି। ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ ଓ ନିଜର ଅଭିସନ୍ଧିକୁ ପୂରା କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ଅସଫଳ ହେବେ।

**କନ୍ୟା** ନିଜ କାମ ପଛରେ ପକାଇ ପର ପାଇଁ ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆକସ୍ମିକ ଭାବେ ବହୁ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ପ୍ରତିବାଦ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୁରାତନ ବନ୍ଧୁଙ୍କ ସହ ଦର୍ଶନ ଯୋଗ।

**ତୁଳା** ଆଜି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିକୁ ସଜାଡ଼ି ନେବାରେ ସମର୍ଥ ହେବେ। ଅନୁକୂଳ ଗ୍ରହସ୍ଥିତି କାରଣରୁ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହେବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**ବିଛା** ନିର୍ଦ୍ଦିଷ୍ଟ ସମୟରେ ଯାହା ପାଇବା ପାଇଁ ଆଶା କରୁଥିବେ ତାହା ପାଇବା ମୁସ୍କିଲ ହୋଇପଡ଼ିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ମଧ୍ୟ ଅଶାନ୍ତ ରହିପାରେ। ସାୟାହ୍ନେ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆଜି ବନ୍ଧୁମାନଙ୍କ ଜରିଆରେ କୌଶଳରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** ନିଜର ମାନସିକ ଅସୁସ୍ଥତା ହିଁ ସମସ୍ତ ଅସୁବିଧାର ମୂଳ କାରଣ ପାଲଟିଯିବ। ଅତି ନିକଟତମ ବ୍ୟକ୍ତିଟି ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। କାମର ଚାପ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର** ବନ୍ଧୁଙ୍କ ସହ ମନ କଥାକୁ ଲୁଚାଇ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଘରୋଇ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀଙ୍କ କ୍ରୋଧ ପରିସ୍ଥିତିକୁ ବଦଳାଇ ଦେଇପାରେ। ଦୀର୍ଘ ମିଆଦୀ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଗରୁ ଦେଖାଶୁଣା ନଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ହାତକୁ ନେଇଥିବା କାମଟି ବହୁତ ବାଧାବିଘ୍ନ ମଧ୍ୟରେ ସମ୍ପନ୍ନ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବହୁତ ଦିନର କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ଦୈହିକ ଦୁର୍ବଳତା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଅସହାୟ ମନେକରିପାରନ୍ତି।

**ମୀନ** ସମସ୍ୟାର ସରଳ ସମାଧାନ କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ଅନୁକୂଳ ପରିବେଶରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ଉଦାରତା ଗୁଣରୁ ପ୍ରଶଂସା ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ଆଲୋଚନା, ସାମ୍ବାଦିକତା, ଚଳଚ୍ଚିତ୍ର ପ୍ରଭୃତିରୁ ପ୍ରଶଂସିତ ହେବାର ବହୁତ ସମ୍ଭାବନା ଅଛି।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ଚତୁର୍ଥୀ ରବିବାର, ଅଗଷ୍ଟ ୨୦ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ, ସଦ୍ଭାବନା ଦିବସ, ବିଶ୍ୱ ମଶକ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଥୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୧ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ ଗତେ ଘ.୦୬।୦୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଉଡାନ୍ ଯୋଜନା ...

ରେଲୱେ ୨,୭୭୫ଟି ମାମଲାରେ ୮,୧୨୭.୯୭ କୋଟି ଟଙ୍କା ବିନା ମଞ୍ଜୁରୀରେ ବ୍ୟୟ କରିଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୮-୧୯ରୁ ୨୦୨୦-୨୧ ପର୍ଯ୍ୟନ୍ତ ସିଏଜି ରିପୋର୍ଟରେ ଅନୁରୂପ ତ୍ରୁଟି ଦର୍ଶାଯାଇଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ବିରୋଧୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରିବା ସହ ଦୁର୍ନୀତି ପାଇଁ ପ୍ରଧାନମନ୍ତ୍ରୀ ଉତ୍ତରଦାୟୀ ହେବାକୁ ଦାବି କରିଛନ୍ତି।

### କଳାପତାକା ପରେ ...

ମୁହଁକୁ ଫୋପାଡ଼ିଥିଲେ। ପରେ ଉକ୍ତ ବୋତଲରେ ଥିବା ଅବଶିଷ୍ଟ କାଳିକୁ ସଚିବଙ୍କ ନିକଟରେ ଥିବା ପୁରୀ ଜିଲାପାଳଙ୍କ ମୁହଁକୁ ମାଡ଼ କରି ପାଣ୍ଡିଆନ ଗୋ ବ୍ୟାକ୍, ଗୋ ବ୍ୟାକ୍ ବୋଲି ଜୋରରେ ଚିତ୍କାର କରିଥିଲେ। ଏହି ସମୟରେ ନିକଟରେ ଥିବା ୫ରୁ ୭ଜଣ ସୁରକ୍ଷା କର୍ମୀ କାଳିମାଡ଼ କରିଥିବା ଭାସ୍କରଙ୍କୁ କାବୁକରି ନେଇଥିଲେ। କାଳିମାଡ଼ରେ ସଚିବ ଓ ଜିଲାପାଳଙ୍କ ଆଖି, ପାଟି, ଦାନ୍ତ, ନାକ, କାନ ସମେତ ମୁହଁ ପୂରା କାଳି ହୋଇଯାଇଥିଲା। ଏପରି କି ଉଭୟେ ପିନ୍ଧିଥିବା ଶାର୍ଟ ମଧ୍ୟ ରଙ୍ଗ ହୋଇଯାଇଥିଲା। ଏହା ସତ୍ତ୍ୱେ ସଚିବ ସେଠାରେ ଉପସ୍ଥିତ ଲୋକଙ୍କ ସହ ମିଶି ସ୍ୱାଗତ ଗ୍ରହଣ କରିଥିଲେ। ପରେ ମଞ୍ଚ ନିକଟରେ ଥିବା ଏକ ଅସ୍ଥାୟୀ ପ୍ରକୋଷ୍ଠରେ ଉଭୟେ ପରିଷ୍କାର ହୋଇଥିଲେ। ଅପରାହ୍ନ ୨ଟା ୨୦ମିନିଟ୍‌ରେ ସଚିବ ମଞ୍ଚାସୀନ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କଥା କହିଥିଲେ। ସତ୍ୟବାଦୀରୁ ମିଳିଥିବା ସମସ୍ତ ଦାବି ଓ ଅଭିଯୋଗ ପତ୍ରକୁ ସେ ଖୁବ୍ କମ୍ ସମୟ ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର, ସ୍କୁଲ ଓ ମସଜିଦ୍‌କୁ ତୁରନ୍ତ ବିକାଶ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି କହିଥିଲେ। କିଛି ଅସମ୍ପୂର୍ଣ୍ଣ ନଦୀ ବ୍ରିଜ୍ ଓ କମ୍ୟୁନିଟି ହଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମହିଳା ସଙ୍ଗଠନ ନିମନ୍ତେ ସେମାନେ ଚିହ୍ନଟ କରିଥିବା ପୁରାତନ ଘରକୁ କାମ କରାଯାଇ ବ୍ଲକ ପ୍ରଶାସନ ଦ୍ୱାରା ପ୍ରଦାନ କରାଯିବ ଯେଉଁଥିରେ ସେମାନେ ବିଭିନ୍ନ ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିପାରିବେ ବୋଲି ସଚିବ ପାଣ୍ଡିଆନ୍ କହିଥିଲେ।

୫-ଟି ସଚିବଙ୍କ ଉପରକୁ କାଳିମାଡ଼ ଘଟଣା ପରେ ବିଭିନ୍ନ ରାଜନୈତିକ ଆରୋପ ଏବଂ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, କାଳିମାଡ଼ କରିଥିବା ଅଭିଯୁକ୍ତ ଭାସ୍କର ହେଉଛନ୍ତି ଭାଜପାର ଜଣେ ସକ୍ରିୟ କର୍ମକର୍ତ୍ତା। ସେ ସ୍ଥାନୀୟ ଭାଜପା ନେତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସଭା ତଥା ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଭଣ୍ଡୁର କରିବା ପାଇଁ ଏଭଳି କାଣ୍ଡ ଭିଆଇଛନ୍ତି। ତଦନ୍ତ କରାଗଲେ ସବୁ ଜଣାପଡ଼ିଯିବ। ଏହାର ଜବାବ ରଖି ସତ୍ୟବାଦୀର ଭାଜପା ନେତା ଓମ୍ ପ୍ରକାଶ ମିଶ୍ର କହିଛନ୍ତି, ଭାସ୍କର ହେଉଛନ୍ତି କଣାସ ଅଞ୍ଚଳର ବିଜେଡିର ଜଣେ ଆଗ ଧାଡ଼ିର ସକ୍ରିୟ ନେତା। ଗତ ନିର୍ବାଚନରେ ସେ ସମିତି ସଭ୍ୟ ଟିକେଟ ନେବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ମାତ୍ର ବିଧାୟକ ଏଥିରେ ରାଜି ନ ହେବାରୁ ସେ ସ୍ୱାଧୀନ ଭାବେ ଛିଡ଼ା ହୋଇଥିଲେ। ତେଣୁ ବିଧାୟକ ସାମନ୍ତରାୟଙ୍କ ଉପରେ ଆକ୍ରୋଶ ରଖି ଭାସ୍କର ଏଭଳି କାଣ୍ଡ କରିଥାଇପାରନ୍ତି। ଏହା ଉପରେ ତର୍ଜମା ନ କରି ନିଜ ଭୁଲକୁ ଲୁଚାଇବାକୁ ଯାଇ ବିଧାୟକ ଭାଜପା ଉପରେ ଅଯଥା ଦୋଷ ଲଦୁଛନ୍ତି। ପ୍ରକାଶ ଯେ, ପୂର୍ବରୁ ୫-ଟି ସଚିବ ପାଣ୍ଡିଆନ୍ ବୌଦ୍ଧ, ବଲାଙ୍ଗୀର, କଟକ ଜିଲା ଗସ୍ତ ସମୟରେ ବିରୋଧର ଶିକାର ହୋଇଥିଲେ। ତାଙ୍କ କାର୍‌କେଡକୁ ଅଣ୍ଡାମାଡ଼ କରାଯାଇଥିଲା। ଏପରି କି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ କଳାପତାକା ପ୍ରଦର୍ଶନ କରାଯାଇଥିଲା।

### କାର୍ଯ୍ୟାନୁଷ୍ଠାନ ଦାବି କଲା ଓଏଏସ୍ ଅଫିସର, କର୍ମଚାରୀ ସଂଘ

**ଭୁବନେଶ୍ୱର, ୧୯।୮ (ଅନିଲ ଦାସ)**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କାଳିମାଡ଼ ଘଟଣାକୁ ଓଏଏସ୍ ଅଫିସର ସଂଘ ସମେତ ବିଭିନ୍ନ କର୍ମଚାରୀ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏକ ଖବରଦତା ସମ୍ମିଳନୀରେ ରାଜ୍ୟ ଓଏଏସ୍ ସଂଘ ସଭାପତି ଜ୍ୟୋତିରଞ୍ଜନ ମିଶ୍ର ଏଭଳି ଅଶୋଭନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବି କରିଛନ୍ତି । କାଳିମାଡ଼ ଘଟଣା ଦୁର୍ଭାଗ୍ୟଜନକ । ଓଡ଼ିଶା ପ୍ରଶାସନିକ ସେବା ସଂଘ ଏହାର ଦୃଢ଼ ନିନ୍ଦା କରୁଛି । ଏଭଳି ଆଚରଣ ଏକ ଅସୁସ୍ଥ ବାତାବରଣ ସୃଷ୍ଟି ସହ ସରକାରୀ କର୍ମଚାରୀଙ୍କୁ ଜନସେବାରେ ନିରୁତ୍ସାହିତ କରି ସେମାନଙ୍କ ମନୋବଳ କମାଇବ ବୋଲି ସେ କହିଛନ୍ତି । ସେହିପରି ଓଡ଼ିଶା ସୂଚନା ସେବା ସଂଘ ଉପସଭାପତି ସୁଚେତା ପ୍ରିୟଦର୍ଶିନୀ କହିଛନ୍ତି, କାଳିମାଡ଼ ଘଟଣାକୁ ସଂଘ ନନ୍ଦା କରୁଛି। ଏହା ଓଡ଼ିଶା ବାସୀଙ୍କୁ ଗଭୀର ଭାବେ ମର୍ମାହତ କରିଛି । ଏଭଳି ଅଶୋଭନୀୟ ଆଚରଣ ଲୋକଙ୍କ ବିକାଶ ପାଇଁ କର୍ତ୍ତବ୍ୟରତ ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟନିଷ୍ଠା ଓ ପ୍ରତିଶ୍ରୁତିବଦ୍ଧତା ପ୍ରତି କୁଠାରଘାତ ସଦୃଶ ବୋଲି କହିଛନ୍ତି ।

### ଲେହରେ ଗଡ଼ିବ ...

ହେବାର ଥିଲା କିନ୍ତୁ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ଏହା ହୋଇପାରିନାହିଁ। ଗତ ଗୁରୁବାର ହାଇଡ୍ରୋଜେନ ଚାଳିତ ଏକ ବସ୍ ଲେହରେ ପହଞ୍ଚିଛି। ତେଣୁ ଏହି ସେବା ଖୁବଶୀଘ୍ର ଆରମ୍ଭ ହେବ ବୋଲି ଏନ୍‌ଟିପିସିର ଜଣେ ଅଧିକାରୀ କହିଛନ୍ତି। ୨୦୨୦ ସ୍ୱାଧୀନତା ଦିବସ ଅଭିଭାଷଣବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଦାଖକୁ କାର୍ବନମୁକ୍ତ କରିବା ପାଇଁ କହିଥିଲେ। ଯାହା ଦୁଇବର୍ଷ ପରେ ବାସ୍ତବ ରୂପ ନେବାକୁ ଯାଉଛି। ଲଦାଖ ହିମାଳୟ ପର୍ବତମାଳା ଭଳି ଉଚ୍ଚରେ ରହିଥିଲେ ମଧ୍ୟ ସେଠାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଉତ୍ତରପୂର୍ବରେ ସିକିମ 'ଜୈବିକ ରାଜ୍ୟ' ଭାବେ ନିଜର ପରିଚୟ ସୃଷ୍ଟି କରିଥିବାବେଳେ ଲଦାଖ, ଲେହ ଏବଂ କାରଗିଲ୍ ମଧ୍ୟ କାର୍ବନମୁକ୍ତ ଅଞ୍ଚଳ ଭାବେ ପରିଚୟ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦିଓ ହାଇଡ୍ରୋଜେନ ଇନ୍ଧନର ସେଲ୍‌ଗୁଡ଼ିକ ଶକ୍ତି ପୁନଃ ପ୍ରକ୍ରିୟାକରଣରେ ସହାୟତା କରୁଛି ବୋଲି କୁହାଯାଉଥିଲେ ହେଁ ଏହା ଅଦ୍ୟାବଧି ବିକଶିତ ହୋଇପାରିନାହିଁ। ସେହିପରି ରିଲାଏନ୍ସ କମ୍ପାନୀ ମଧ୍ୟ ହାଇଡ୍ରୋଜେନ୍ ବସ୍ ନିର୍ମାଣ ଲାଗି ପ୍ରସ୍ତୁତ ହେଉଛି କିନ୍ତୁ ଏନ୍‌ଟିପିସି ଏହି ଯୋଜାନାରେ ଆଗୁଆ ଅଛି। ସମୁଦ୍ର ପତ୍ତନ ଠାରୁ ୧୧,୫୦୦ ଫୁଟ ଉପରେ ଏହି ଟେକ୍‌ନୋଲୋଜି ପ୍ରଥମ ଥର ଲାଗି ପରୀକ୍ଷଣ ହେବାକୁ ଯାଉଛି, ଯେଉଁଠି ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା କମ୍ ରହୁଛି। ତେବେ ଏହି ସେବାର ଅସଲ ପରୀକ୍ଷା ଶୀତଋତୁରେ ହେବ ବୋଲି କୁହାଯାଉଛି। କାରଣ ସେତେବେଳେ ଏଠାରେ ତାପମାତ୍ରା ୨୦ ଡିଗ୍ରୀରୁ କମ୍ ରହିଥାଏ। କମ୍ ତାପମାତ୍ରାରେ ଏହି ବସ୍‌ଗୁଡିକର ଯନ୍ତ୍ରାଂଶ କିପରି କାମ କରିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

### ଝାରସୁଗୁଡ଼ା ଡିଏଚ୍‌ଏଚ୍‌ରେ ...


ଝାରସୁଗୁଡ଼ା ଜିଲା ଡାକ୍ତରଖାନାରେ ରାଜକୁମାର ଗିରି ଓ ଦୀପାଞ୍ଜଳି।

ଖବର ପାଇ ନର୍ସ ଓ ଅନ୍ୟମାନେ ପହଞ୍ଚିଥିଲେ। ସେମାନେ ନବଜାତକଙ୍କୁ ଉଠାଇନେବା ସହ ଦୀପାଞ୍ଜଳିଙ୍କୁ ସଫାସୁତୁରା କରି ବେଡ୍‌କୁ ନେଇଥିଲେ। ହେଲେ ପ୍ରାୟ ଘଣ୍ଟାକ ପରେ ନର୍ସମାନେ ଏକ ନବଜାତ ଶିଶୁକନ୍ୟାକୁ ଧରି ୱାର୍ଡକୁ ଆସିଥିଲେ। ଏହାକୁ ନେଇ ରାଜକୁମାର ସନ୍ଦେହ କରିଥିଲେ। ସେ ସିଡିଏମ୍‌ଓଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ, ଜନ୍ମହେବା ସମୟରେ ନର୍ସମାନେ ପୁଅ ହୋଇଥିବା ସୂଚନା ଦେଇଥିଲେ। ହେଲେ ପରେ ଗ୍ରହଣ ଖଣ୍ଡିଆ ଏକ ଶିଶୁକନ୍ୟାକୁ ଆଣି ଏହା ତୁମର ବୋଲି କହୁଛନ୍ତି। ଆମର ପୁଅ ହୋଇଥିଲା। ସେମାନେ ପୁଅକୁ ବଦଳକରି ଶିଶୁକନ୍ୟାକୁ ଆଣିଦେଇଛନ୍ତି। ଏହାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଥିଲେ। ଅନ୍ୟପଟେ ମେଡିକାଲରେ ଲାଗିଥିବା ସିସିଟିଭି ଯାଞ୍ଚ ସହ ଶୁକ୍ରବାରଠାରୁ ଯେଉଁ ପିଲା ଜନ୍ମ ହୋଇଛନ୍ତି ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ଓ ଅଭିଯୋଗକାରୀ ଦମ୍ପତିଙ୍କୁ ନ୍ୟାୟ ମିଳିବ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଏହି ଦମ୍ପତିଙ୍କ ପୂର୍ବରୁ ଦୁଇଟି ଝିଅ ଅଛନ୍ତି। ପୁଅ ପାଇବା ଆଶାରେ ସେମାନେ ଆଉ ଏକ ସୁଯୋଗ ନେଇଥିଲେ ।

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। —ଶ୍ରୀମା



# ଭାରତରେ ଦଙ୍ଗା



ଆକାର ପଟେଲ

ଦଙ୍ଗା ଶବ୍ଦର ଅର୍ଥ କହିଲେ ଲୋକଙ୍କ ଦ୍ୱାରା ଶାନ୍ତିର ହିଂସାତ୍ମକ ବିଶୃଙ୍ଖଳାକୁ ବୁଝାଏ। ସାଧାରଣତଃ ସାରା ବିଶ୍ୱରେ ଯେକୌଣସି ସ୍ଥାନରେ ଦଙ୍ଗାକୁ ଦେଶ ବିରୋଧରେ ସମାଜର କ୍ରୋଧ ଭାବେ ବୁଝାଯାଏ। ଉଦାହରଣ ସ୍ୱରୂପ ପ୍ୟାରିସ୍‌ରେ ୧୯୬୮ରେ ସାମ୍ରାଜ୍ୟବାଦ ଓ ପୁଞ୍ଜିବାଦ ବିରୋଧରେ ଛାତ୍ରଙ୍କ ପ୍ରତିବାଦରୁ ଦଙ୍ଗା ହୋଇଥିଲା କିମ୍ବା ରୋଡ୍‌ନୀ କିଙ୍ଗ୍‌ଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦୋଷ ଘୋଷଣା ପରେ ୧୯୯୨ରେ ଲସ୍ ଏଞ୍ଜେଲସ ଦଙ୍ଗା ଦେଖାଦେଇଥିଲା। ୨୦୧୧ରେ ମାର୍କ ଡୁଗାନ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗୁଳିକରିବା ପରେ ଇଂଲଣ୍ଡର ବିଭିନ୍ନ ସହରରେ ଦଙ୍ଗା ଘଟି ୫ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୦୦୦ ଗିରଫ ହୋଇଥିଲେ। ଚଳିତ ବର୍ଷ ଫ୍ରାନ୍ସରେ ଜଣେ ୧୭ ବର୍ଷୀୟ କିଶୋରଙ୍କୁ ପୋଲିସ ଗୁଳିକରି ହତ୍ୟା କରିବା ପରେ ସେଠାରେ ସୃଷ୍ଟି ହୋଇଥିବା ଦଙ୍ଗାରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ଭାରତରେ ଦଙ୍ଗାକୁ ଅନ୍ୟ ନାଗରିକଙ୍କ ଦ୍ୱାରା ନାଗରିକଙ୍କ ବିରୋଧରେ ସଂଗଠିତ ହିଂସା ଭାବେ ଗ୍ରହଣ କରାଯାଉଥିବାରୁ ଏଠାରେ ଦଙ୍ଗା ଶବ୍ଦର ବାସ୍ତବ ସଂଜ୍ଞା ଭିନ୍ନ। ଏଭଳି ହିଂସା ସମୟରେ ଏଠି ଦେଶ ଦୂରେଇଯାଏ ଓ ତାହାକୁ ସ୍ୱୀକୃତି ଦିଏ। ବହୁସଂଖ୍ୟକ ମନରେ ନିଆଁ ଲଗାଇବା, ବଳାତ୍କାର, ଲୁଟ୍ ଏବଂ ହତ୍ୟା କରିବାର ଭାବନା ପ୍ରକାଶ ପାଏ। ଏହାବ୍ୟତୀତ ବହୁ ସମୟରେ ଦେଶର କିଛି ତତ୍ତ୍ୱ ହିଂସାରେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି, ଯାହାର ଉଦାହରଣ ଆମେ ଏବେ ଦେଖିପାରୁଛୁ। ସର୍ବଶ୍ରେଷ୍ଠ ଶାସିତ ରାଜ୍ୟଗୁଡ଼ିକର କ୍ଷୟକ୍ଷତି ନିୟନ୍ତ୍ରଣ କରିବା କ୍ଷମତା ଥିବା ଦେଖାଯାଉ ନାହିଁ। ଏପରିକି ଯେଉଁମାନେ ଆମର ଦକ୍ଷ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ, ସେମାନେ ଏହି କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏହା ମଧ୍ୟ ସତ୍ୟ ଯେ, ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ସମେତ ଅନେକେ ହିଂସାକୁ ଯଥାର୍ଥ ମନେକରନ୍ତି। କିଛି ବର୍ଷ ପୂର୍ବେ ଇଣ୍ଡିଆନ ଏକ୍ସପ୍ରେସ୍‌ରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଏକ ସାକ୍ଷାତ୍‌କାର ପ୍ରକାଶ ପାଇଥିଲା। ସେଥିରେ ତାଙ୍କୁ ପଚରାଯାଇଥିଲା: ମୁଜାଫରନଗର ଦଙ୍ଗା ଗତ ସରକାରଙ୍କ ଅଧୀନରେ ଘଟିଥିଲା, କିନ୍ତୁ ୪୪ ମାମଲା ମଧ୍ୟରୁ ୪୩ଟିରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଆପଣଙ୍କ ସରକାର କାହିଁକି କୋର୍ଟରେ ଆବେଦନ କରୁନାହାନ୍ତି? ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଥିଲେ, ''ମୁଜାଫରନଗର ମାମଲାରେ ଚାର୍ଜଶିଟ ପୂର୍ବ ସରକାର ଦାଖଲ କରିଥିଲେ। ସେହି ସରକାରଙ୍କ ପକ୍ଷପାତ ନୀତି ଏବଂ ବିଫଳତାର ପରିଣାମ ଥିଲା ଦଙ୍ଗା, ଯେଉଁଥିରେ ଜାତି, ବିଶ୍ୱାସ ଓ ଧର୍ମ ଆଧାରରେ ସମଗ୍ର ସମାଜ ବିଭାଜିତ ହୋଇଥିଲା। ଆମ ସରକାରରେ ସେପରି କିଛି ନାହିଁ। ତେବେ ଆବେଦନ ଉପରେ ଯେଉଁ ପ୍ରଶ୍ନ କରୁଛନ୍ତି ତା'ଉପରେ ଆବଶ୍ୟକ ହେଲେ ଆମେ ତାହା କରିବୁ। ଯଦି କୌଣସି ଆବଶ୍ୟକତା ନାହିଁ, ତେବେ କାହିଁକି ଅଦାଲତ ମାମଲାରେ ଆମେ ହସ୍ତକ୍ଷେପ କରିବୁ?'' ଏପରି ହିଂସାର ମୂଳ ହେଉଛି ଆମ ସମାଜର ଏକ ବୃହତ୍ ଅଂଶରେ ଥିବା ଏକ ସ୍ଥାୟୀ ଅନ୍ତର୍ନିହିତ ଭାବନା ଏବଂ ରାଜନୀତି ମାଧ୍ୟମରେ ଏହାକୁ ଉତ୍ସାହିତ କରାଯାଉଛି। ବାହ୍ୟଶକ୍ତି ବି ଏହାକୁ ତେଜିଆ'ନ୍ତି, ଯାହାର ଦୃଷ୍ଟାନ୍ତ ହେଉଛି ୧୯୮୪ରେ ଏକ ହତ୍ୟା, ୧୯୯୨ରେ ଭଙ୍ଗାରୁଜା କିମ୍ବା ୨୦୦୨ରେ ଟ୍ରେନ୍‌ରେ ଘଟିଥିବା ଘଟଣା।

ବିଦେଶରେ ଘଟୁଥିବା ଦଙ୍ଗା ଏବଂ ଏଠାକାର ଦଙ୍ଗା ମଧ୍ୟରେ ଆଉ ଏକ ପ୍ରଭେଦ ହେଉଛି ସ୍ୱତପ୍ରବୃତ୍ତତା। ଉପରେ ଦୃଷ୍ଟାନ୍ତ ଭାବେ ଦର୍ଶାଯାଇଥିବା ଦଙ୍ଗାଗୁଡ଼ିକ ଘଟିବାର କେବେ ଆଶା କରାଯାଇ ନ ଥିଲା। କିନ୍ତୁ ଭାରତରେ, ଆମେ ଜାଣିଛୁ ଯେ, ସୁଚିନ୍ତିତ ଭାବେ ଉତ୍ତେଜନା ବଢ଼ିବାର ଏକ ପରିଣାମ ଆସିବ ଓ ଦଙ୍ଗା ଘଟିବ। ଗୋ ପରିବହନ, ଗୋମାଂସ ଅଧିକାର, ବିଭିନ୍ନ ଧର୍ମୀୟ ବିବାହ, ଆସାମରେ ଏନ୍‌ଆର୍‌ସିର ଅବାଧ ଏବଂ ଦ୍ୱନ୍ଦ୍ୱାତ୍ମକ ତଥା ଭୟ ସୃଷ୍ଟିକାରୀ ଘଟଣା, ଛାଡ଼ପତ୍ରର ଅପରାଧୀକରଣ, ଶ୍ରୀନଗରରେ ଆମେ କରୁଥିବା କାମ ଏବଂ ଏପରି ଅନେକ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଭାଜପାର ଆଇନକୁ ଏହି ଦୃଷ୍ଟିରେ ଦେଖାଯାଇପାରେ। ଏପରି କାର୍ଯ୍ୟ ଉତ୍ତେଜନାକୁ ଉସୁକାଇଥାଏ। ନିକଟ ଅତୀତରେ ପ୍ରାଧ୍ୟାପକ ତଥା ଭାଷାବିତ୍ ଭିକ୍ଟର କ୍ଲେମ୍ପେରରଙ୍କ ଡାଏରିରୁ ସଂଗୃହୀତ ସ୍ତମ୍ଭ ଭାରତୀୟ ଖବରକାଗଜରେ ପ୍ରକାଶ ପାଇଥିଲା। କ୍ଲେମ୍ପେରର ୧୯୩୦ ଦଶକରେ ଜର୍ମାନୀରେ ତାଙ୍କ ସହ ଅନ୍ୟମାନଙ୍କ ପ୍ରତି ଯାହା ଘଟିଥିଲା ତାହାର ଏକ ରେକର୍ଡ ରଖିଥିଲେ। ସେହିଭଳି ଏବେ ଅର୍ଥନୀତିରେ, ମଣିପୁରରେ କିମ୍ବା ଲଦାଖ ସୀମାରେ ଯାହା ହେଉନା କାହିଁକି ପ୍ରତିଦିନ କିଛି ନା କିଛି ଘଟୁଛି ଓ ତାହା ଲିପିବଦ୍ଧ ହେଉଛି। ପୂର୍ବରୁ ଅଯୋଧ୍ୟା ଘଟଣାରେ ଯେଉଁ ଭାବନା ପ୍ରକାଶ ପାଇଥିଲା ଚଳିତ ମାସରେ କାଶୀ ବିଶ୍ୱନାଥ ମନ୍ଦିରର ପଦକ୍ଷେପ ତାହା ସୃଷ୍ଟି କରିବ। ଅଯୋଧ୍ୟା ମାମଲାକୁ ସମ୍ପତ୍ତି ବିବାଦ ଦୃଷ୍ଟିରୁ ବିଚାରକରି ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ସେଭଳି ଦୃଷ୍ଟିରେ ରାଜନୀତି ସ୍ତରରେ ଆଲୋଚନା କରାଯାଇ ନାହିଁ। ଏହା ବଦଳରେ ୫ ଶତାବ୍ଦୀ ପୂର୍ବରୁ ନିର୍ମିତ ଏକ ଢାଞ୍ଚା ପ୍ରତି ପ୍ରତିଶୋଧ ଭାବନାକୁ ଦର୍ଶାଯାଇଛି। ବାବର ୧୫୨୬ ମସିହାରେ ଇବ୍ରାହିମ ଲୋଦିଙ୍କୁ ପରାସ୍ତ କରିଥିଲେ ଏବଂ ୫ ବର୍ଷ ପରେ ଆଗ୍ରାରେ ୪୭ ବର୍ଷ ବୟସରେ ଏହା ପୂର୍ବରୁ ନିର୍ମିତ ଅନ୍ୟ ଏକ କୋଠାରେ ମୃତ୍ୟୁବରଣ କରିଥିଲେ। ତେବେ କେତେ ବର୍ଷ ପୂର୍ବରୁ ଢାଞ୍ଚା ନିର୍ମାଣ ହୋଇଥିଲା?

ବର୍ତ୍ତମାନ କାଶୀ ପ୍ରସଙ୍ଗ ଉପରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ତେବେ ଏହାକୁ ନ୍ୟାୟିକ ସ୍ତରରେ ସମାଧାନ କରିବାକୁ ଯାଉଥିବା ସମୟରେ ଏବଂ ସର୍ଭେ ଶେଷ ହେବା ପରେ ଆମେ କିପରି ପ୍ରସ୍ତୁତ ରହିବୁ ଓ ନିୟନ୍ତ୍ରଣ କରିବୁ ଏବଂ ତାହାକୁ ବିଶ୍ୱ କିଭଳି ଦେଖିବ ତାହା ଧ୍ୟାନ ଆକର୍ଷକ ହେବ। ଆଶା କରାଯାଏ ଯେ, ଦେଶ ସମ୍ଭାବ୍ୟ ପରିଣାମ ପ୍ରତି ସଚେତନ ଅଛି ଏବଂ ଅନ୍ୟ ଏକ ସଙ୍କଟ ପାଖେଇ ଆସୁଥିବାରୁ ଏହାକୁ ହ୍ରାସ କରିବା ପାଇଁ ଯାହା କରିପାରିବ ତାହା କରୁଛି। ଶେଷରେ, ଆମେ ଯେଉଁଠାରୁ ଆରମ୍ଭ କରିଥିଲୁ ଅର୍ଥାତ୍ ଦଙ୍ଗା ଶବ୍ଦର ଅର୍ଥକୁ ଫେରିବା। ଭାରତରେ ଯେତେବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ସଂଗଠିତ ହିଂସାରେ ଯାହା ଘଟେ ତାହାକୁ ଆମେ ଦଙ୍ଗା କହିଥାଉ। ଯେତେବେଳେ ଭାରତରେ ସଂଖ୍ୟାଲଘୁ ପ୍ରତିକ୍ରିୟା ପ୍ରକାଶ କରନ୍ତି, ଯାହା ଆମେ ପୁଣି ମଣିପୁରରେ ଦେଖୁଛୁ, ସେହି କ୍ଷେତ୍ରରେ ଏହି ହିଂସାକୁ ଏଠାରେ ଭିନ୍ନ ଶ୍ରେଣୀଭୁକ୍ତ କରାଯାଇ ଅନ୍ୟ ନାମ ଦିଆଯାଇଛି।

Email:aakar.patel@gmail.com

# ଉଚ୍ଚଶିକ୍ଷାରେ ପ୍ରହେଳିକା



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଓଡ଼ିଶାର ଉଚ୍ଚଶିକ୍ଷା ଏକ ପ୍ରହେଳିକା ମଧ୍ୟ ଦେଇ ଗତି କରୁଛି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା ପୂର୍ବକ ଏକ ଧୂମକୁଣ୍ଡଳୀ ସୃଷ୍ଟି କରି ଶିକ୍ଷାର ସ୍ଖଳନର ପ୍ରକୃତ କାରଣ ଖୋଜିବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନ, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ପାଇଁ ବିଭାଗ କେତେ ଦାୟୀ ତା'ର ଆତ୍ମ-ସମୀକ୍ଷା କରିବା ପରିବର୍ତ୍ତେ ଛାତ୍ରୀଛାତ୍ରମାନଙ୍କଠୁ ଶିକ୍ଷକମାନଙ୍କ ସମ୍ବନ୍ଧରେ ଯାହା ତାହା ତଥ୍ୟ ମାଗି, ବିନା ଅନୁସନ୍ଧାନରେ ତାହାକୁ ସର୍ବସାଧାରଣରେ ପ୍ରସାରଣ କରି ଶିକ୍ଷାସମାଜକୁ ନିନ୍ଦିତ କରିବାରେ ବିଭାଗ ବ୍ୟସ୍ତ।

ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ସ୍କୁଲ ତରଫରୁ ଦିଆଯାଉଥିବା ଡାଇରିରେ ଲେଖାଥାଏ 'ଡୋ ନଟ୍ ସ୍ପିକ୍ ଇଲ୍ ଅଫ୍ ଦି ଟିଚର୍ସ ବିଫୋର ୟୋର ଚିଲ୍‌ଡ୍ରେନ।' (ଆପଣଙ୍କ ପିଲାମାନଙ୍କ ଆଗରେ ସ୍କୁଲର ଶିକ୍ଷକମାନଙ୍କ ସମ୍ବନ୍ଧରେ ଅପଶବ୍ଦ ବ୍ୟବହାର କରନ୍ତୁ ନାହିଁ।) ଅଥଚ ଉଚ୍ଚଶିକ୍ଷା ବିଭାଗ ନିଜ ବିଭାଗର ଶିକ୍ଷକମାନଙ୍କୁ ନିଜେ ନିନ୍ଦିତ କରିବା ପାଇଁ ଶେଷରେ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ଉଚ୍ଚଶିକ୍ଷା ବିଭାଗର କ୍ଲାଉଡ୍-ବେସ୍‌ଡ ଷ୍ଟୁଡେଣ୍ଟ ଫିଡ୍‌ବ୍ୟାକ୍ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ବିଜେବି କଲେଜ, ମହର୍ଷି କଲେଜ, ପୁରୀ ଏସ୍.ସି.ଏସ୍ କଲେଜ, ଭଦ୍ରଖ କଲେଜ ଭଳି କେତେକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏହି ଫର୍ମାଟରେ ଶିକ୍ଷକଙ୍କ ଗୁଣ, ଚରିତ୍ର ଉପରେ ମନ୍ତବ୍ୟ ରଖିବା ସହ କଲେଜ ଭିତ୍ତିଭୂମିର ଅଭାବ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଛାତ୍ରମାନଙ୍କଠୁ ଯେଉଁ ଫିଡ୍‌ବ୍ୟାକ୍ ମାଗିଛନ୍ତି, ତନ୍ମଧ୍ୟରେ ରହିଛି ଶିକ୍ଷକମାନେ ମଦ୍ୟପାନ କରି କଲେଜକୁ ଆସନ୍ତି କି? ଏ ବାବଦରେ କିଛି ଛାତ୍ରୀଛାତ୍ର ଓଡ଼ିଶାର କିଛି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି। ଯଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକଙ୍କ ଗୁଣ, ଚରିତ୍ର ତଥା ଅନ୍ୟାନ୍ୟ ସମ୍ବେଦନଶୀଳ ବିଷୟରେ ସରକାରଙ୍କ ପାଖରେ କିଛି ଖବର ଥିଲା, ସରକାରଙ୍କ ପ୍ରତି ଜିଲାରେ ଅବସ୍ଥିତ ଗୁଇନ୍ଦା ସଂସ୍ଥା ଦ୍ୱାରା ଗୋପନରେ ତାହା ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ କାହାର କିଛି କହିବାର ନଥିଲା। ମାତ୍ର ଗଣମାଧ୍ୟମରେ ସନ୍ଦିଗ୍ଧ ଶିକ୍ଷକମାନଙ୍କ ନାମ ପ୍ରକାଶ କରି ଅଧ୍ୟକ୍ଷ ବା ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଏ ବିଷୟରେ ଅନୁସନ୍ଧାନ କରିବାକୁ କହିବାର ଅର୍ଥ କ'ଣ? ଯେଉଁମାନେ ଏ ବାବଦରେ ନିର୍ଦ୍ଦୋଷ, ସରକାର ସେମାନଙ୍କ ଅପହୃତ ସୁନାମ, ପାରିବାରିକ ଅଶାନ୍ତି, ଦୁଃଖ ବିଷୟରେ କ'ଣ ପଦକ୍ଷେପ ନେଇ ସେମାନଙ୍କୁ ପୂର୍ବାବସ୍ଥା ଫେରେଇ ଦେଇପାରିବେ?



ଦୁଃଖର କଥା, ସରକାରଙ୍କ ସମୟ ନିର୍ଦ୍ଧାରଣ। ଆଗକୁ ସେପ୍ଟେମ୍ବର ୫। ଗୁରୁଦିବସ। ଯେଉଁ ସମୟରେ ସାରା ଭାରତବର୍ଷ ଶିକ୍ଷକ ସମାଜକୁ ସମ୍ମାନିତ କରିବାକୁ ଆଗ୍ରହୀ ହେବେ, ଠିକ୍ ସେହି ସମୟରେ ଓଡ଼ିଶାରେ ଆରମ୍ଭ ହୋଇଛି ଶିକ୍ଷକ-ଅପବାଦ ପର୍ବ। କାମ ନ ଥିବା ମଣିଷମାନେ ଯାହା କରନ୍ତି। ଏହିବର୍ଷ ପ୍ରଥମ କରି କେନ୍ଦ୍ର ଶିକ୍ଷା ବିଭାଗ, ସାରା ଭାରତବର୍ଷର ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କୁ ସମ୍ମାନିତ କରିବାର ବ୍ୟବସ୍ଥା କରିଛି, ଯାହା ସାଧାରଣତଃ ବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କ ମଧ୍ୟରେ ସୀମିତ ଥିଲା। ଏ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ବିଭାଗ ତରଫରୁ ଏକ ନିର୍ଦ୍ଧାରିତ ଫର୍ମାଟ୍‌ରେ ଆବେଦନ କରିବାକୁ ନିବେଦନ କରାଯାଇଥିଲା, ଯାହାର ଶେଷ ତାରିଖ ଥିଲା ଜୁଲାଇ ୩୦। ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗର କୌଣସି ମହାବିଦ୍ୟାଳୟ ଅବା ବିଶ୍ୱବିଦ୍ୟାଳୟରୁ ଆବେଦନ କରିଥିବା ଶିକ୍ଷକ ତଥା ଶିକ୍ଷକସମାଜ ଏ ବାବଦରେ ଉତ୍ସୁକ ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ନିଜର କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ କରିବା ପରିବର୍ତ୍ତେ ଦୁଇ ପାଞ୍ଚଜଣ ଶିକ୍ଷକଙ୍କ ନାମରେ ସମଗ୍ର ଶିକ୍ଷକସମାଜକୁ ଅପବାଦ ମଧ୍ୟକୁ ଠେଲି ଦେଇଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଶିକ୍ଷକମାନଙ୍କ ପାଠପଢ଼ା ସମ୍ବନ୍ଧୀୟ ଦକ୍ଷତା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକଳନ ନିମନ୍ତେ ୟୁଜିସି ତରଫରୁ ଏକ ଫର୍ମାଟ୍ ପ୍ରଚଳିତ ରହିଛି, ଯାହା ଶେଷବର୍ଷର ଛାତ୍ରୀଛାତ୍ର ପୂରଣ କରି ଗୋପନରେ ବିଭାଗ ମୁଖ୍ୟ ଅବା ଅଧ୍ୟକ୍ଷଙ୍କୁ ଦେଇପାରିବେ। ଆଜିର ପ୍ରଗତିଶୀଳ ବାତାବରଣରେ ଏମିତି ବି କୌଣସି ଛାତ୍ର / ଛାତ୍ର ଶିକ୍ଷକମାନଙ୍କ ସମ୍ବନ୍ଧରେ ନିଜର ଦୃଢ଼ମତ ଅଧ୍ୟକ୍ଷ ବା ଗଣମାଧ୍ୟମକୁ ଖୋଲାଖୋଲି ଦେଇପାରୁଛନ୍ତି। ଅଥଚ ଉଚ୍ଚଶିକ୍ଷା ବିଭାଗ ଏ ଫର୍ମାଟ୍ ପାଇଲେ କେଉଁଠୁ? ଏହି ପ୍ରକାର ବ୍ୟବସ୍ଥା ସାରା ଭାରତବର୍ଷର କେଉଁ ପ୍ରଦେଶରେ ପ୍ରଚଳିତ ଅଛି କି? କଥା ହେଉଛି ଧ୍ୟାନ ବିକର୍ଷଣ କରିବାର ପ୍ରୟାସ। ଫର୍ମାଟ୍‌ରେ ଓଡ଼ିଶାର ବିପର୍ଯ୍ୟସ୍ତ ଉଚ୍ଚଶିକ୍ଷାର ମୁଖ୍ୟ କାରଣ ବିଷୟରେ ପିଲାମାନଙ୍କୁ ପଚରା ଯାଇନାହିଁ - ଯେପରି କେଉଁ ବିଭାଗରେ କେତେ ଶିକ୍ଷକ ଅଛନ୍ତି? କଲେଜରେ ନିୟମିତ ଅଧ୍ୟକ୍ଷ ଅଛନ୍ତି କି? ଅତିଥି ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନରେ ଅସୁବିଧା ହେଉଛି କି? ପାଠାଗାର, ପରୀକ୍ଷାଗାରମାନଙ୍କରେ ସହାୟକ କର୍ମଚାରୀ ଅଛନ୍ତି କି? ଲାଇବ୍ରେରି ବା ପଠନାଗାରରେ ସବୁ ବହି ଉପଲବ୍ଧ କି? ସରକାରୀ କାର୍ଯ୍ୟନିର୍ଘଣ୍ଟ ବାହାରେ ପଠନାଗାର ଖୋଲିବା ଆବଶ୍ୟକ କି? ଅଗଷ୍ଟରୁ ପାଠପଢ଼ା ଆରମ୍ଭ ହେଉଥିଲା ବେଳେ ନଭେମ୍ବର ପର୍ଯ୍ୟନ୍ତ ଆଡ୍‌ମିଶନ ଚାଲିବା ଉଚିତ କି? ଇତ୍ୟାଦି। ଯେହେତୁ ଏସବୁ ବିଭାଗର ଦୁର୍ବଳତା ତଥା ଅପାରଗତାକେନ୍ଦ୍ରିକ, ଏ ସବୁକୁ ବିଭାଗ ଭାରି ଚତୁରତାର ସହ ଆଡ଼େଇ ଯାଇଛି।

ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶିକ୍ଷକମାନଙ୍କ ଚରିତ୍ର ପଞ୍ଜିକା ମୂଲ୍ୟାୟନ କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯଦି ଏହା ଶୈକ୍ଷିକ ପରିବେଶର ଉନ୍ନତି ପାଇଁ ଉଦ୍ଦିଷ୍ଟ, ପରିକଳ୍ପିତ ଫର୍ମାଟ୍‌ଟିକୁ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟ୍‌ରେ ସମସ୍ତଙ୍କ ମୁକ୍ତ ପଠନ ଓ ମତାମତ ପାଇଁ ଛାଡ଼ି ଦିଆଗଲା ନାହିଁ କାହିଁକି? ଏହାଦ୍ୱାରା ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଏହି ଫର୍ମାଟ୍‌ଟିକୁ କିପରି ଅଧିକ ତ୍ରୁଟିଶୂନ୍ୟ, ନିରପେକ୍ଷ, ଉଭୟପକ୍ଷ ପାଇଁ ଗ୍ରହଣୀୟ ହୋଇପାରିବ ତାହା ସେମାନେ ଜଣାଇ ପାରିଥା'ନ୍ତେ। ଗୋପନୀୟ ଭାବରେ ଏହି ପ୍ରକାର ଏକ ସମ୍ବେଦନଶୀଳ ଦସ୍ତାବିଜ୍‌ଟିକୁ ଜାରି କରାଗଲା କାହା ସ୍ୱାର୍ଥରେ? ସେମାନେ ତ ଏ କାମ କରୁନାହାନ୍ତି?

ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟମାନ ପ୍ରଦେଶର ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କଠୁ ସର୍ବଭାରତୀୟ ମାନ୍ୟତାର ବହୁ ପଛରେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଛି ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଞ୍ଚଳିକ ନିର୍ଦ୍ଦେଶକ, ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ପଦାଧିକାରୀ। ସମସ୍ତେ ଥାଇ ଯଦି ପିଲାମାନଙ୍କୁ ଫିଡ୍‌ବ୍ୟାକ ମାଗିବାକୁ ପଡ଼ିଲା, ତା'ହେଲେ ଏହା ବିଭାଗର ନିଜସ୍ୱ ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି?

ଆଗକୁ ଗୁରୁଦିବସ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଯଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଦାନ କରାଯାଉଥିବା ଶିକ୍ଷାର ଗୁଣବତ୍ତା ରକ୍ଷା କରିବାକୁ କିଛି ଅଭିନବ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି; ଉଭୟ ଶିକ୍ଷକମାନଙ୍କୁ ଗୌରବାନ୍ୱିତ କରିବା ଏବଂ ଛାତ୍ରୀଛାତ୍ରମାନଙ୍କୁ ଅନୁପ୍ରାଣିତ କଲା ଭଳି କିଛି ପଦକ୍ଷେପ ନେବାକୁ ବସିଛନ୍ତି; ତାହା ପ୍ରକାଶ କରନ୍ତୁ। ଶିକ୍ଷକସମାଜକୁ ଅପମାନିତ କରି, ହତୋତ୍ସାହିତ କରି, ଅଯଥାରେ ଛାତ୍ର-ଶିକ୍ଷକମାନଙ୍କ ମଧ୍ୟରେ ବିଭେଦ ତଥା ବିଭାଜନର କାନ୍ଥ ଉଠେଇଲା ଭଳି ଆଲୋଚିତ କାର୍ଯ୍ୟକ୍ରମ ଗ୍ରହଣ କଲେ ଉଚ୍ଚଶିକ୍ଷା ଆହୁରି ବିପର୍ଯ୍ୟସ୍ତ ହେବ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର
ମୋ: ୯୪୩୭୩୭୬୨୧୯
e-mail : subashbls56@gmail.com

# ଶିକ୍ଷା ଅର୍ଥନୀତିର ପ୍ରବର୍ତ୍ତକ

ବ୍ୟକ୍ତିତ୍ୱ



ରାଜ୍ ଚେଟ୍ଟି

ସାଧାରଣତଃ ଗରିବ ଦେଶଗୁଡ଼ିକର ପରିବାରରେ କେବଳ ଜଣେ ପିଲାକୁ ଉଚ୍ଚଶିକ୍ଷା ଲାଗି ଅଭିଭାବକ ବାଛିଥାଆନ୍ତି। କାରଣ ସବୁ ପିଲାଙ୍କୁ ଶିକ୍ଷା ଦେବା ପରିବାର ପକ୍ଷେ ସମ୍ଭବ ହୋଇ ନ ଥାଏ। ଏ କଥା କହିଛନ୍ତି ଭାରତୀୟ-ଆମେରିକୀୟ ଅର୍ଥନୀତିଜ୍ଞ ରାଜ ଚେଟ୍ଟି। ନିଜ ଘର କଥାକୁ ଉଦାହରଣ ଦେଇ ସେ କହିଛନ୍ତି, ପିତାଙ୍କ ପରିବାର ତାଙ୍କ ପିତାଙ୍କୁ ଏବଂ ମାତାଙ୍କ ପରିବାର କେବଳ ତାଙ୍କ ମାତାଙ୍କୁ ପଢ଼ିବାର ସୁଯୋଗ ଦେଇଥିଲେ। ତାଙ୍କ ମାତାପିତା ଦକ୍ଷିଣ ଭାରତର ଅତି ସ୍ୱଳ୍ପ ଆୟକାରୀ ପରିବାରରୁ ଆସିଥିଲେ ହେଁ ଉଚ୍ଚ ଶିକ୍ଷା ଯୋଗୁ ଆଗକୁ ବଢ଼ିଥିଲେ। ସେହି ଅନୁଯାୟୀ ସେ ହାର୍ଭାର୍ଡକୁ ଆସିବା ପରେ ତାଙ୍କୁ ଯେଉଁ ସୁଯୋଗ ମିଳିଲା ତାହା ତାଙ୍କ ମାତାପିତାଙ୍କ ଯୋଗୁ ସମ୍ଭବ ହେଲା ବୋଲି କହିଛନ୍ତି। ଧନୀ ଓ ଦରିଦ୍ର ଦେଶ ମଧ୍ୟରେ ଦେଖାଦେଉଥିବା ବିଷମତା ଓ ଭୌଗୋଳିକ ସ୍ଥିତି ଆଦି କାରଣ ବ୍ୟକ୍ତିକୁ କେଉଁ ପ୍ରକାର ସୁଯୋଗ ଦେଇଥାଏ, ତାହା ଉପରେ ଆଧାରିତ ତାଙ୍କ ଗବେଷଣା ବାସ୍ତବଧର୍ମୀ ହୋଇପାରିଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ୱିଲିୟମ୍ ଏ. ଆକ୍‌ମ୍ୟାନ୍ ପ୍ରଫେସର ଅଫ୍ ପବ୍ଲିକ୍ ଇକୋନମିକ୍ସ ପଦବୀରେ ଅବସ୍ଥାପିତ ରାଜ୍ ଚେଟ୍ଟି ଶୀର୍ଷ ହାର୍ଭାର୍ଡ ୟୁନିଭର୍ସିଟି ପୁରସ୍କାର ଜର୍ଜ ଲେଡ୍‌ଲି ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଏବେ ଚର୍ଚ୍ଚାକୁ ଆସିଛି।

ନଦାରାଜନ 'ରାଜ୍' ଚେଟ୍ଟି ୪ ଅଗଷ୍ଟ ୧୯୭୯ରେ ନୂଆଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୯ ବର୍ଷ ବୟସ ହୋଇଥିବା ବେଳେ ପରିବାର ୧୯୮୮ରେ ଆମେରିକା ଚାଲିଯାଇଥିଲା। ୧୯୯୭ରେ ରାଜ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମିଲ୍‌ଔକିରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୦ ମସିହାରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ 'ଏବି' ଡିଗ୍ରୀ ଅର୍ଜନ କରିଥିଲେ। ସେହିଠାରେ ଗବେଷଣା କରି ୨୦୦୩ରେ ପିଏଚ୍.ଡି. ପାଇଥିଲେ। ମାର୍ଟିନ ଫେଲ୍ଡଷ୍ଟେନ୍, ଗାରି ଚାମ୍ବରଲେନ୍ ଓ ଲରେନ୍ସ ଏଫ୍. କାଟ୍‌ଜଙ୍କ ତତ୍ତ୍ୱାବଧାନରେ 'କନ୍‌ଜମ୍ପଶନ କମିଟ୍‌ମେଣ୍ଟ, ରିସ୍କ ପ୍ରିଫରେନ୍ସସେସ୍ ଆଣ୍ଡ୍ ଅପ୍‌ଟିମାଲ ଅନ୍‌ଏମ୍ପ୍ଲୟମେଣ୍ଟ ଇନ୍‌ସ୍ୟୁରାନ୍ସ' ଶୀର୍ଷକ ସନ୍ଦର୍ଭ ଉଚ୍ଚ ପ୍ରଶଂସିତ ହୋଇଥିଲା। ୨୦୦୩ରେ ୨୪ ବର୍ଷ ବୟସରେ ସେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଅର୍ଥନୀତି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ହୋଇଥିଲେ। ଅର୍ଥଶାସ୍ତ୍ର ଗବେଷଣା ଓ ଅଧ୍ୟୟନରେ ଗଭୀର ପ୍ରବେଶ ଯୋଗୁ ଏହାର ୪ ବର୍ଷ ପରେ ସେ ସେଠାରେ ଆସୋସିଏଟ୍ ପ୍ରଫେସର ପଦବୀକୁ ଉନ୍ନୀତ ହୋଇଥିଲେ। ୨୦୦୯ରେ ସେ ହାର୍ଭାର୍ଡ ଫେରିଥିଲେ। ସେଠାରେ ସେ ଅର୍ଥନୀତିର ବ୍ଲୁମ୍‌ବର୍ଗ ପ୍ରଫେସର ହେବା ସହ ଲାବ୍ ଫର୍ ଇକୋନୋମିକ୍ ଆପ୍ଲିକେଶନ୍ସ ଆଣ୍ଡ୍ ପଲିସିର ନିର୍ଦ୍ଦେଶକ ହୋଇଥିଲେ। ୨୦୧୫ରେ ସେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ହେବା ତାଙ୍କ କ୍ୟାରିୟରକୁ ବ୍ୟାପକ କରିଥିଲା। ଜୁନ୍ ୨୦୧୮ରେ ତାଙ୍କ ସହ-ଲେଖକ ଜନ୍ ଫ୍ରେଡ୍‌ମ୍ୟାନ୍ ଘୋଷଣା କଲେ ଯେ, ରାଜ୍ ପୁଣି ହାର୍ଭାର୍ଡ ଫେରିବେ। ସେହି ବର୍ଷ ଜୁଲାଇରେ ସେ ଜନ୍ ଫ୍ରେଡ୍‌ମ୍ୟାନ୍ ଓ ନାଥାନେଲ୍ ହେଣ୍ଡ୍ରେନ୍‌ଙ୍କ ସହ ମିଶି 'ଅପର୍ଚ୍ୟୁନିଟି ଇନ୍‌ସାଇଟ୍‌ସ'ର ପ୍ରତିଷ୍ଠାତା ନିର୍ଦ୍ଦେଶକ ହୋଇଥିଲେ।

ରାଜ୍‌ଙ୍କ ଗବେଷଣା କହେ ଛାତ୍ରୀଛାତ୍ରଙ୍କ ସଫଳତା ଶିକ୍ଷକଙ୍କ ଗୁଣବତ୍ତା ଉପରେ ନିର୍ଭର କରିଥାଏ। ବିଶେଷକରି ସ୍ୱଳ୍ପ-ଆୟକରୀ ବର୍ଗ ପରିବାରର ପିଲାମାନେ କିଭଳି ପ୍ରଭାବିତ ହୋଇଥାଆନ୍ତି ତାହାର ଏକ ନମୁନା ସେ ଦେଖାଇଛନ୍ତି। ଆମେରିକା ଭିତରେ ଅର୍ଥନୈତିକ ଚଳମାନତା କିଭଳି ବ୍ୟାପକ ରହିଛି, ତାହାକୁ ମଧ୍ୟ ସେ ଗବେଷଣାରେ ଦେଖାଇବାକୁ ଚାହିଁଛନ୍ତି। ଜଣେ ବ୍ୟକ୍ତିଙ୍କ ଦକ୍ଷତା ହିଁ ଅର୍ଥନୀତିର ଶିଡ଼ି ଚଢ଼ିବାକୁ ପ୍ରଭାବିତ କରିଥାଏ। ତାଙ୍କ ଗବେଷଣା କହେ- 'ଆମେରିକାନ୍ ଡ୍ରିମ୍' ପ୍ରାପ୍ତ ହେବା ଏତେ ସହଜ ନୁହେଁ। ଉପରକୁ ଉଠିବାରେ ଅନେକ ବାଧାବିଘ୍ନ ଉପୁଜିଥାଏ। ଉଲ୍ଲେଖଯୋଗ୍ୟ, ଆମେରିକାନ୍ ଡ୍ରିମ୍ ହେଉଛି ସେଠାକାର ଏକ ଜାତୀୟ ଲୋକନୀତି। ଗଣତନ୍ତ୍ର, ଅଧିକାର, ସ୍ୱାଧୀନତା ଓ ସମାନତା ଭିତରେ ବ୍ୟକ୍ତିଗତ ପ୍ରଗତି ଓ ସଫଳତା ଲାଗି ସୁଯୋଗ ରହିଥାଏ। କିନ୍ତୁ ପୁଞ୍ଜିବାଦୀ ସମାଜରେ ଥିବା ବାଧାକୁ ପାର କରି ଆଗକୁ ଯିବା କଠିନ ପରିଶ୍ରମ ଦ୍ୱାରା ସମ୍ଭବ ହୁଏ। ୧୯୩୧ରେ ଜେମ୍ସ ଟ୍ରୁସ୍ଲୋ ଆଡାମ୍ସ 'ଆମେରିକାନ୍ ଡ୍ରିମ୍'ର ପରିକଳ୍ପନା କରିଥିଲେ। ତାଙ୍କ ମତରେ ଜୀବନ ପ୍ରତ୍ୟେକଙ୍କ ପାଇଁ ଉତ୍ତମ, ସମୃଦ୍ଧ ଓ ପୂର୍ଣ୍ଣ ହେବା ଉଚିତ। ପ୍ରତ୍ୟେକଙ୍କ ଦକ୍ଷତା ଅନୁଯାୟୀ ସୁଯୋଗ ରହିଛି, ସିଏ ଯେଉଁ ପରିସ୍ଥିତିରେ ଜନ୍ମ ହୋଇଥାନ୍ତୁ ବା ସାମାଜିକ ବର୍ଗକୁ ପ୍ରତିନିଧିତ୍ୱ କରିଥାଅନ୍ତୁ ନା କାହିଁକି। ଏହି ତତ୍ତ୍ୱକୁ ରାଜ୍ ତାଙ୍କ ଗବେଷଣାରେ ସନ୍ନିବେଶିତ କରି 'ଇକୋନୋମିକ୍ ମୋବିଲିଟି' ଉପରେ ଦେଇଥିବା ଅଭିନବ ସୂତ୍ର ତାଙ୍କୁ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସର୍ବଦା ଅନୁଭୂତିମୂଳକ ବାସ୍ତବ ବିଷୟବସ୍ତୁକୁ ସେ ଗବେଷଣାର ଆଧାର କରି ଅର୍ଥନୀତିରେ ଭିନ୍ନ ଏକ ଦିଗ ଉନ୍ମୋଚନ କରୁଥିବାରୁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ୨୦୦୮ରେ 'ଦି ଇକୋନମିଷ୍ଟ', 'ନ୍ୟୁୟର୍କ ଟାଇମ୍ସ' ପୁରସ୍କାର ଠାରୁ ଏବର ହାର୍ଭର୍ଡ ୟୁନିଭର୍ସିଟି ଶୀର୍ଷ ସମ୍ମାନ ତାଙ୍କ ଗବେଷଣା କ୍ଷେତ୍ରକୁ ଆହୁରି ବ୍ୟାପକ କରିବ ବୋଲି ଆଶା କରାଯାଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଣେ ବ୍ରିଗେଡିୟର ଅବସର ପରେ ନିଜକୁ ଏକ ଭିନ୍ନ କାର୍ଯ୍ୟରେ ନିୟୋଜିତ କରିଛନ୍ତି, ଯାହା ବେଶ୍ ପ୍ରେରଣାଦାୟକ। ଆନ୍ଧ୍ରପ୍ରଦେଶର ଏହି ସେନା ଅଧିକାରୀ ଜଣକ ହେଉଛନ୍ତି ପି. ଗଣେଶନ୍। ସେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଯାତ୍ରା କରି ତୃଣମୂଳ ସ୍ତରରେ ଲୋକେ ଆବିଷ୍କାର କରିଥିବା ନୂତନ ଯନ୍ତ୍ରପାତିକୁ ଲୋକଲୋଚନକୁ ଆଣୁଛନ୍ତି। ତାଙ୍କର ଏହି ଅଭିଯାନର ନାମ ରଖିଛନ୍ତି 'ଶୋଧ ଯାତ୍ରା'। ୨୦୦୫ରେ ସେ 'ପଲ୍ଲୀ ସୃଜନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘ ୧୮ ବର୍ଷ ମଧ୍ୟରେ ଗଣେଶନ୍ ଏଭଳି ୨୦୦ ଉଚ୍ଚକୋଟୀର ଆବିଷ୍କୃତ ଯନ୍ତ୍ରପାତି ଠାବ କରିଛନ୍ତି, ଯାହା ନିତିଦିନ ଜୀବନରେ ବହୁ କାର୍ଯ୍ୟରେ ଲାଗିପାରୁଛି। ଏସବୁ ଆବିଷ୍କାର ମଧ୍ୟରୁ ୧୩ ଜଣ ରାଷ୍ଟ୍ରପତି ପୁରସ୍କାର, ୨ ଜଣ ପଦ୍ମଶ୍ରୀ ପାଇସାରିଛନ୍ତି। ସେ ମଧ୍ୟ ଆବିଷ୍କାରକଙ୍କୁ ସେମାନଙ୍କ ଯନ୍ତ୍ରପାତି ଅଧିକ ସଂଖ୍ୟାରେ ନିର୍ମାଣ କରିବାକୁ ସାହାଯ୍ୟ କରୁଛନ୍ତି ଏବଂ ଏଯାବତ୍ ସେ ବିଭିନ୍ନ ଉତ୍ସରୁ ସେମାନଙ୍କୁ ପ୍ରାୟ ୪ କୋଟି ଟଙ୍କା ଋଣ କରାଇପାରିଛନ୍ତି। ଆବିଷ୍କୃତ ଯନ୍ତ୍ରପାତିଗୁଡ଼ିକର ପ୍ରତିକୃତି ସିକନ୍ଦରାବାଦ ବାୟୁପୁରିରେ ଥିବା ତାଙ୍କ ବାସଭବନରେ ପ୍ରଦର୍ଶିତ କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୨୬ଟି ବିକ୍ରି ପାଇଁ ପ୍ରସ୍ତୁତ ହୋଇଗଲାଣି, ୨୪ଟିର ପ୍ୟାଟେଣ୍ଟ ବି ସରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୮

- ପାକିସ୍ତାନ ଓ ଇରାନ୍‌କୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ରପ୍ତାନି କରୁଥିବା ନେଇ ଉତ୍ତର କୋରିଆର ସ୍ୱୀକାରୋକ୍ତି।
- ଦୂରସଞ୍ଚାର ବିଭାଗକୁ ଏକ କର୍ପୋରେସନରେ ପରିଣତ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଭାରତୀୟ ଦୂରସଞ୍ଚାର କର୍ମଚାରୀ ମହାସଂଘ ଓଡ଼ିଶା ଶାଖା ପକ୍ଷରୁ ବିରୋଧ।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| | | 1 | | | | | | |
| 4 | | 2 | 1 | | | 7 | 3 | |
| | 1 | 6 | | | | 5 | | |
| | | | | 3 | | | | 4 |
| 2 | 8 | | 6 | | | | | |
| | | | | 5 | 9 | 8 | | |
| | | | | 6 | | | | 9 |
| 8 | 7 | | 3 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 5 | 4 | 8 | 6 | 7 | 3 |
| 5 | 4 | 7 | 3 | 6 | 2 | 1 | 9 | 8 |
| 3 | 8 | 6 | 1 | 7 | 9 | 5 | 2 | 4 |
| 6 | 3 | 8 | 2 | 1 | 7 | 9 | 4 | 5 |
| 1 | 5 | 2 | 9 | 8 | 4 | 3 | 6 | 7 |
| 9 | 7 | 4 | 6 | 3 | 5 | 2 | 8 | 1 |
| 7 | 2 | 3 | 8 | 9 | 1 | 4 | 5 | 6 |
| 8 | 6 | 9 | 4 | 5 | 3 | 7 | 1 | 2 |
| 4 | 1 | 5 | 7 | 2 | 6 | 8 | 3 | 9 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କୋପଦୃଷ୍ଟିରେ ଗାନ୍ଧୀ ଅନୁଷ୍ଠାନ

ମହାଶୟ,
ନିଜ ଜୀବନକୁ ତିଳ ତିଳ କରି ଜୀବନସାରା ଇଂରେଜମାନଙ୍କ ବିରୋଧରେ ଲଢ଼ି ଯିଏ ଦେଶ ସ୍ୱାଧୀନ କରିଥିଲେ ଏବଂ ଯାହାଙ୍କୁ ଜାତିର ପିତା ଆଖ୍ୟା ଦିଆଯାଇଛି ସେ କାହିଁକି ଆଜି ଅଲୋଡ଼ା? ତାଙ୍କର ସବୁ ସେବା ଅନୁଷ୍ଠାନକୁ ଭାଙ୍ଗି ତାଙ୍କ ବିଚାର ପ୍ରସ୍ତାବଗୁଡ଼ିକୁ ଅଳିଆ ଭଳି ଫୋପାଡ଼ି ଦେବାର ଉଦ୍ଦେଶ୍ୟ କ'ଣ? ବାରାଣସୀରେ ସର୍ବ ସେବା ସଂଘକୁ ବଳପୂର୍ବକ ପୋଲିସ ଦଖଲ କରି କେଉଁ ଉଦ୍ଦେଶ୍ୟ ସାଧନ କରିବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି? ଗାନ୍ଧୀଙ୍କ ଭାବଧାରାକୁ କାହିଁକି ପଦାଘାତ କରାଯାଉଛି? ସ୍ୱାଧୀନତାର ମୂଲ୍ୟ ଓ ଗାନ୍ଧୀଙ୍କ ଭାବଧାରାକୁ ନ ବୁଝି ଆଜି କେନ୍ଦ୍ର ସରକାର ଯାହା କରିଛନ୍ତି ଜନସାଧାରଣ କ୍ଷମା ଦେବେ ତ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ତାଙ୍କ ବିଚାର ଧାରାର ବହିଗୁଡ଼ିକ ଯେଭଳି ଗଦା ଯାଇଛି ତାକୁ ଦେଖିଲେ ଉତ୍ତରପ୍ରଦେଶ ସରକାରଙ୍କର ବର୍ବରତା ସହଜରେ ବାରି ହୋଇପଡୁଛି। ଏ ହୀନମନ୍ୟତା କାର୍ଯ୍ୟ କାହା ଦ୍ୱାରା ହେଉଛି ଓ କାହିଁକି? ଏହାକୁ ଦେଶବାସୀ ସହିବେ ତ। ଏହା ବିନାଶ କାଳେ ବିପରୀତ ବୁଦ୍ଧି ନୁହେଁ ତ?

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ
ବ୍ୟଥା ବ୍ୟାଧି
ଜୀବନ-ମିଳନ ସୁଖ ସ୍ନେହ ପ୍ରେମ ଯେ
ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକଳର ମୂଲ୍ୟ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା,୧୯।୮(ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ନୂଆସାହି ଗ୍ରାମରେ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗ୍ରାମର ଭିକାରୀ ଦାସ(୫୫)ଙ୍କ ସ୍ତ୍ରୀ ସିନା ଦାସ(୪୯) ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ଗାଁଦାଣ୍ଡରେ ତାଙ୍କୁ ମାଡ଼ମାରି ନାକ ଓ ମୁଣ୍ଡ ଫଟାଇ ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ.୨୧୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଏସ୍ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି।

### ଆବାସରୁ ନାଁ କଟିବାକୁ ନେଇ ଆକ୍ରମଣ: ଜଣେ ଗିରଫ

ଧର୍ମଶାଳା,୧୯।୮(ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ନବ ଦାସ ଓ କୃଷ୍ଣଚନ୍ଦ୍ର ଦାସଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗିରହିଛି। କିଛି ଦିନ ତଳେ କୃଷ୍ଣଚନ୍ଦ୍ରଙ୍କ ଆବାସ ଗୃହ ତାଲିକାରୁ ନାମ କଟିଯାଇଥିବାରୁ ସେ ନବଙ୍କୁ ସନ୍ଦେହ କରିଥିଲେ। ତେଣୁ ଶୁକ୍ରବାର କୃଷ୍ଣଚନ୍ଦ୍ର ଓ ତାଙ୍କ ଦୁଇ ପୁଅ ଜୟଦେବ ଏବଂ ଗୟାଧର ନବଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ନବ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୨୨/୨୩ ରୁଜୁ କରିବା ସହ ଗୟାଧରଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଏସ୍ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି।

### ନିଖୋଜ ନାବାଳିକା ଉଦ୍ଧାର କଲେଜ ନ ଯାଇ ସାଙ୍ଗ ଘରେ ଥିଲେ

ରସୁଲପୁର,୧୯।୮(ରଞ୍ଜିତ ରାଉତ):

କୁଆଖିଆ ଥାନା ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ନାବାଳିକା କଲେଜ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଏସ୍ଆଇ ଅନିତା ପ୍ରଧାନ ଏହି ଥାନା କୋଳଥଳ ଗ୍ରାମ ନିକଟରୁ ତାଙ୍କୁ ଉଦ୍ଧାର କରିଛନ୍ତି। ନାବାଳିକା ଜଣକ ତାଙ୍କ ସାଙ୍ଗ ଘରେ ରହିଥିଲେ ବୋଲି ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ନାବାଳିକା ଜଣକ କଲେଜରୁ ଘରକୁ ନ ଫେରି ସାଙ୍ଗ ଘରକୁ ଗଲେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ। ଉଦ୍ଧାର ନାବାଳିକାଙ୍କୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସମ୍ପୃକ୍ତ ନାବାଳିକା ସୁଜନପୁର କଲେଜରେ ଯୁକ୍ତ ୨ର ପ୍ରଥମ ଶ୍ରେଣୀରେ ପଢୁଛନ୍ତି। ଗତ ବୁଧବାର କଲେଜକୁ ଯିବାକୁ କହି ଘରୁ ବାହାରି ଯାଇଥିଲେ। ମାତ୍ର ସନ୍ଧ୍ୟା ସୁଧା ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଏ ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୮୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍ଆଇ ପ୍ରଧାନ ମାମଲାର ତଦନ୍ତ କରୁଥିଲେ।

# ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣରେ ଅନିୟମିତତା


ସଡ଼କରେ ଖାଲଖମା ସୃଷ୍ଟି ହୋଇଛି।


ରାସ୍ତା କାର୍ଯ୍ୟ ଅନିୟମିତତା ନେଇ ଗ୍ରାମାବାସୀ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

- ୩ ମାସ ନ ପୂରୁଣୁ ରାସ୍ତାରୁ ଉଠିଲା ପିଚୁ
- ଜିଲାପାଳଙ୍କ ନିକଟରେ ଅଭିଯୋଗ

ରସୁଲପୁର,୧୯।୮(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ହାଟସିଂହାପୁରଠାରୁ ବାରବାଟୀ ପଞ୍ଚାୟତର ଦନେଇପୁରକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ନିର୍ମାଣ ଅବଧିକୁ ୩ ମାସ ନ ପୁରୁଣୁ ରାସ୍ତାରୁ ପିଚୁ, ବାଲିଗୋଡ଼ି ଉଠିଗଲାଣି। ରାସ୍ତାର ଏଭଳି ସ୍ଥିତିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଗାଁ ଲୋକେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲ ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଜାରକା ଓ କୁଆଖିଆ ସେକ୍ସନ ଅଧୀନରେ ୮କି.ମି. ଲମ୍ବ ଏହି ରାସ୍ତା ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ପାଇଁ ୬.୫୦କୋଟି ଟଙ୍କା ବ୍ୟୟ କରାଯାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ଏକ ଠିକା ସଂସ୍ଥାକୁ ଦିଆଯାଇଥିଲା। ରାସ୍ତା ନର୍ମାଣ ଅବଧି ୨୪।୦୫।୨୦୨୨ରୁ ଆରମ୍ଭ ହୋଇ ୨୩।୦୫।୨୦୨୩ରେ ଶେଷ ହୋଇଛି। ରାସ୍ତାର ରକ୍ଷଣାବେକ୍ଷଣ ଅବଧି ୫ବର୍ଷ ପର୍ଯ୍ୟନ୍ତ ରଖାଯାଇଛି। ୫ ବର୍ଷ ଭିତରେ ରାସ୍ତା ଖରାପ ହେଲେ ଠିକା ସଂସ୍ଥା ପକ୍ଷରୁ ମରାମତି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି।

ଏହି ରାସ୍ତା ଅତିକ୍ରମ କରିଥିବା ଗାଁ ହରିଡ଼ାପାଳକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉଦାହରଣ ଭାବେ ନେଇଛନ୍ତି। ଏହି ଗାଁ ରାସ୍ତା ମଝିରୁ ଗୋଡ଼ି ଉଠି ଖାଲଖମା ସୃଷ୍ଟି ହୋଇଗଲାଣି। କେବଳ ଏହି ସ୍ଥାନରେ ନୁହେଁ, ରାସ୍ତାର ବିଭିନ୍ନ ଗାଁ, ବିଲବାଡ଼ି ଅଞ୍ଚଳରେ ରାସ୍ତାର ଅବସ୍ଥା ଅନୁରୂପ ବୋଲି ଜଣାପଡ଼ିଛି। କେତେକ ସ୍ଥାନର ପୁରୁଣା ରାସ୍ତାରେ ଲେପ ଦିଆଯାଇଛି। ଆଉ କେତେକ ସ୍ଥାନରେ ପ୍ରସ୍ତାବିତ ପ୍ରକଳ୍ପରେ ଥିବା ଅଞ୍ଚଳକୁ ଛାଡ଼ି ପଞ୍ଚାୟତିରାଜ ବିଭାଗର ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ବୋଲି ଦର୍ଶାଯାଇଛି। ଏହିଭଳି ଜାବତୀୟ ତ୍ରୁଟି ବିଚ୍ୟୁତି ଥାଇ ସଡ଼କ ନିର୍ମାଣ କରାଯାଇଛି। ଏହାକୁ ଠିକ୍ ଭାବେ ଯାଞ୍ଚ କରା ନ ଯାଇ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ଠିକାଦାରଙ୍କୁ ବିଭାଗୀୟ ଅଧିକାରୀଙ୍କ ଭିତିରି ସମର୍ଥନ ଯୋଗୁ ରାସ୍ତା ନିର୍ମାଣ ନିମ୍ନମାନର ହୋଇଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ରାସ୍ତା କାର୍ଯ୍ୟକୁ ର' ଠ' ଭାବେ ନିର୍ମାଣ କରି ଲକ୍ଷାଧିକ ଟଙ୍କା ଚଳୁ କରି ଦିଆଯାଇଛି। ତେଣୁ ଏହାକୁ ତଦନ୍ତ କରାଯାଇ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ପୋଖରୀରେ ବୁଡ଼ି ଦିବ୍ୟାଙ୍ଗଙ୍କ ମୃତ୍ୟୁ

ବରୀ,୧୯।୮(ମହେନ୍ଦ୍ର ସ୍ୱାଇଁ):

ପୋଖରୀରେ ବୁଡ଼ି ଶନିବାର ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଧାରପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ସାହୁ(୬୦)। ପୂର୍ଣ୍ଣଚନ୍ଦ୍ର ଶୁକ୍ରବାର ତାଙ୍କ ଭଉଣୀ ଘରକୁ ବୁଲିବାକୁ ଯାଇଥିଲେ। ମାତ୍ର ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କ ପତ୍ତା ପାଇ ନ ଥିଲେ।

ଶନିବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବରୀ ଅଗ୍ନିଶମ ବାହିନୀ ଏବଂ ବରୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ପୂର୍ଣ୍ଣଚନ୍ଦ୍ରଙ୍କର ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଖବର ପାଇ ୨୧ ନମ୍ବର ଜିଲା ପରିଷଦ ସଭ୍ୟ ଅଶୋକ ସାମଲ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ବରୀ ବିଧାୟିକା ସୁନନ୍ଦା ଦାସ ଦୁଃଖ ପ୍ରକାଶ କରିବା ସହ ସମ୍ପୃକ୍ତ ପରିବାରକୁ ନିୟମ ମୁତାବକ ଆର୍ଥିକ ରାଶି ପ୍ରଦାନ କ୍ଷେତ୍ରରେ ସହଯୋଗ କରିବେ ବୋଲି କହିଛନ୍ତି।

# ଅସହାୟର ବନ୍ଧୁ ସେବା ସଂଗଠନର ଚାରାରୋପଣ



ଅସହାୟର ବନ୍ଧୁ ସେବା ସଂଗଠନ ପକ୍ଷରୁ କର୍ମକର୍ତ୍ତା ଚାରାରୋପଣ କରୁଛନ୍ତି।

କାଏମା,୧୯।୮(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଚାରାରୋପଣ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି କିଶୋର ଚନ୍ଦ୍ର ସାହୁ ଏବଂ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସହଯୋଗରେ ଏହି କାର୍ଯ୍ୟ କରାଯାଇଛି। ପ୍ରତ୍ୟେକ ନାଗରିକ ଗୋଟିଏଗୋଟିଏ ଗଛ ଲଗାଇବା ସହିତ ତା'ର ଦାୟିତ୍ୱ ନେବା ନିତାନ୍ତ ଆବଶ୍ୟକ ବୋଲି ସଂଗଠନ ସଭାପତି କହିଛନ୍ତି। ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନ ଓ ନହଙ୍ଗାପାଟଣା ବିଦ୍ୟାଳୟରେ ଚାରାରୋପଣ କରାଯାଇଛି। କୋଷାଧ୍ୟକ୍ଷ ପୀତବାସ ନାୟକ, ପ୍ରତିଷ୍ଠାତା ଓ ସମ୍ପାଦକ ଗଣେଶ୍ୱର ନାୟକ, ସହସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ପ୍ରଶନ୍ନ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ଦାସ ଏବଂ କାଦମ୍ବିନୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଉକ୍ତ ଅଞ୍ଚଳର ଜଣେ ଛାତ୍ର ଏନ୍ଇଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବୁର୍ଲା ମେଡିକାଲ କଲେଜରେ ଡାକ୍ତରୀ ପଢ଼ିବାକୁ ଆଡ୍‌ମିଶନ କରିଛନ୍ତି। ତେବେ ତାଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସଙ୍ଗଠନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶେଷରେ ଅଚ୍ଛୁତପୁରସ୍ଥିତ ଜ୍ଞାନେଶ୍ୱର ମନ୍ଦିରଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଛି।

# ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ


ଅତିଥି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

ରସୁଲପୁର,୧୯।୮(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଗୋପାଳପୁର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନ ଜାତୀୟ ରାଜପଥ-୧୬ଠାରୁ ଅତଲାପୁର ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ୮.୧୨୦କି.ମି. ଦୀର୍ଘ ଉକ୍ତ ରାସ୍ତା ପାଇଁ ବିଭାଗ ପକ୍ଷରୁ ୧୧.୬୨କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟର ନିର୍ମାଣ ଦାୟିତ୍ୱ ଗୌରବ କନ୍‌ଷ୍ଟ୍ରକସନ୍ ନାମରେ ନ୍ୟସ୍ତ କରାଯାଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମ ନିର୍ମାଣ ସଂସ୍ଥାର ପ୍ରୋପ୍ରାଇଟର ଗଜେନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ସମ୍ମାନିତ ଅତିଥି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନରୋତ୍ତମ ଦାସ, ସରପଞ୍ଚ ମହେନ୍ଦ୍ର ଦାସ, ପ୍ରଶାନ୍ତ ଦାସ, ସମିତିସଭ୍ୟ ନରୋତ୍ତମ ସାହୁ, ବିଜୟ ଦାସ, ଯୁବନେତା ଦୁଷ୍ମନ୍ତ ମଲିକ, କଳ୍ପତରୁ ସାହୁ, ମନୋଜ ରାଉତ, ପ୍ରଦ୍ୟୁମ୍ନ ପତି, ପ୍ରଶାନ୍ତ ପଣ୍ଡା, ଶ୍ରୀଧର ବିଶ୍ୱାଳ, ସରୋଜ ଦାସ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାସ୍ତା ପାଇଁ ବ୍ୟୟବରାଦ କରାଯାଇଥିବା ଅର୍ଥରେ ପୂର୍ବର ୫.୫ମିଟର ଚଉଡ଼ା ରାସ୍ତାକୁ ସାଢେ ୮ମିଟର ରାସ୍ତାରେ ପରିଣତ କରାଯିବ। ଉଭୟ ପାର୍ଶ୍ୱରେ ରାସ୍ତାକୁ ଚଉଡ଼ା କରିବା ସହ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯିବାକୁ ଯୋଜନା କରାଯାଇଛି। ବିଭାଗ ପକ୍ଷରୁ ଠିକା ସଂସ୍ଥା ନାମରେ ୧୧।୦୮।୨୦୨୩ରେ ଚୁକ୍ତିନାମା କରାଯାଇଛି। ଉକ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟକୁ ୧୧ ମାସ ଅବଧି ମଧ୍ୟରେ ଅର୍ଥାତ ୧୦।୦୭।୨୦୨୪ରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାସ୍ତା ମରାମତି କାର୍ଯ୍ୟ ସମ୍ପନ୍ନ ହେଲେ ରସୁଲପୁର ବ୍ଲକର ଭୋଟକା, ବାହାଦଲାପୁର, ମୁଗୁପାଳ, ନରସିଂହପୁର ଓ ଅତଲାପୁର ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି। ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଧାୟକ ଗୁରୁତ୍ୱ ଦେଇଛନ୍ତି।

### ସୁକିନ୍ଦାରେ ୬୭୧ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ସୁକିନ୍ଦା,୧୯।୮(ସତ୍ୟଜିତ ଦାଶ):

ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତର ୬୭୧ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହା ମଧ୍ୟରେ ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା ଓ ଅବିବାହିତା ଭତ୍ତା ରହିଛି। କାର୍ଯ୍ୟକ୍ରମରେ ବିଜ୍ଞାନ, କାରିଗରି ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଏଥିସହିତ ଭତ୍ତା ପାଇବାକୁ ଆବେଦନ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଭତ୍ତା ଯୋଗାଇ ଦେବାକୁ ମନ୍ତ୍ରୀ ପଣ୍ଡା ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବିଡିଓ ନମ୍ରତା ମୋଦି, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ଜେମା ଚାଖି, ସାଧୁ ଚରଣ ଟୀୟୁ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଲମ୍ବୋଦର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ବିଜେଡି କର୍ମୀ ଉଭୟ ମନ୍ତ୍ରୀଙ୍କୁ ଡୁବୁରିରୁ ଏକ ବାଇକ୍ ଶୋଭାଯାତ୍ରାରେ କାର୍ଯ୍ୟକ୍ରମ ସ୍ଥଳକୁ ପାଛୋଟି ଆଣିଥିଲେ। ଅତ୍ୟଧିକ ବର୍ଷା ଯୋଗୁ ଉପସ୍ଥିତ ଲୋକେ ଘରକୁ ଫେରିବା ନିମନ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାର୍ଯ୍ୟକ୍ରମ ପରେ ସମସ୍ତେ ଘରକୁ ଫେରିଥିବାବେଳେ ହିତାଧିକାରୀମାନଙ୍କ କଥା ଭୁଲିଯାଇଥିଲେ। ଫଳରେ ଏହାକୁ ନେଇ ସକାଳୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିବା ହିତାଧିକାରୀ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ।

# ଫାଇଲେରିଆ ନିରାକରଣ ଅଭିଯାନ


ଫାଇଲେରିଆ ନିରାକରଣ ଅଭିଯାନରେ ଯୋଗଦେଇଥିବା ଅତିଥି।

ଧର୍ମଶାଳା,୧୯।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜାରକା ରୋଟାରି କ୍ଲବ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜାରକା ହାଇସ୍କୁଲରେ ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ ସଭାପତି ଇଂ. ବିପିନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସ୍ମୃତିରଞ୍ଜନ କର, ଡାକ୍ତରଖାନା ଲୋକସମ୍ପର୍କ ଅଧିକାରୀ ସବିତା ମହାନ୍ତି, ବ୍ଲକ ପ୍ରୋଗ୍ରାମ ଅଧିକାରୀ ଅଶୋକ ମିଶ୍ର, ରୋଟାରି କ୍ଲବ ସମ୍ପାଦକ ଜୟଗୁରୁ ପାତ୍ର, ରୋଟାରିଆନ ପ୍ରଫେସର ଜୟନ୍ତ ସାହୁ ପ୍ରମୁଖ ଯୋଗଦେଇ ଫାଇଲେରିଆ ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ୨୫୬ ଜଣ ଛାତ୍ରୀଛାତ୍ରଙ୍କୁ ଫାଇଲେରିଆ ନିରାକରଣ ଔଷଧ ପ୍ରଦାନ କରାଯାଇଥିଲା। ପରେ ଧର୍ମଶାଳା କଲେଜରେ ସଚେତନତା କରାଯାଇ ୬୦୦ ଛାତ୍ରୀଛାତ୍ରଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ରୋଟାରିଆନ ବିନୋଦ ପରିଡ଼ା, ଜୟପ୍ରକାଶ ତ୍ରିପାଠୀ ଓ ଯତୀନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କବିତା ପୁସ୍ତକ 'ବୃନ୍ଦାବତୀ' ଉନ୍ମୋଚିତ

ପ୍ରୀତିପୁର,୧୯।୮(ସୁଶାନ୍ତ ବେହୁରିଆ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡଠାରେ ଥିବା ତ୍ରିପାଠୀ ମଣ୍ଡପରେ ଅବସରପ୍ରାପ୍ତ ଶିକ୍ଷକ ଗନ୍ଧର୍ବ ଚରଣ ଦାସଙ୍କ ଦ୍ୱାରା ରଚିତ କବିତ ପୁସ୍ତକ ବୃନ୍ଦାବତୀ ଉନ୍ମୋଚିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ୨୬ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ନନ୍ଦକିଶୋର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ପ୍ରଫେସର କୁମର ବର ଦାସ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ୨୮ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ଖଗେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ପୁସ୍ତକରେ ୨୫ ଓଡ଼ିଆ ଏବଂ ୩ ଇଂଲିଶ କବିତା ରହିଛି। ମାଟି, ପାଣି ପବନକୁ ନେଇ ରଚିତ ଏହି କବିତା ପୁସ୍ତକକୁ ଅତିଥିମାନେ ପ୍ରସଂଶା କରିଛନ୍ତି।


ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ ପିଇଓ

ରସୁଲପୁର,୧୯।୮(ରଞ୍ଜିତ ରାଉତ):

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟ ସଂଘ ଡାକରାକ୍ରମେ ସେମାନେ ପଞ୍ଚାୟତ ଅଫିସରେ ତାଲା ଝୁଲାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ। ଯେ ପର୍ଯ୍ୟନ୍ତ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିବା ଦାବି ପୂରଣ ନ କରାଯାଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଯାଜପୁର ଜିଲା ପିଇଓ ସଂଘ ସମ୍ପାଦକ ନିକୁଞ୍ଜ ବିହାରୀ ରାଉତ ସୂଚନା ଦେଇଛନ୍ତି।

ଏହି କ୍ରମରେ ରସୁଲପୁର ବ୍ଲକରୁ ୨୦ଜଣ ପିଇଓ କାର୍ଯ୍ୟ ବନ୍ଦକରି ଜିଲାର ଗୌତମ ବୁଦ୍ଧ ସଂସ୍କୃତି ଭବନ ସମ୍ମୁଖରେ ଚାଲିଥିବା ଧାରଣାରେ ସାମିଲ ହୋଇଛନ୍ତି। ଏହିଭଳି ଭାବେ ଜିଲାର ୧୦ ବ୍ଲକ ଅଧୀନ ୨୮୦ ପଞ୍ଚାୟତରେ କାର୍ଯ୍ୟରତ ୨୦୬ ପିଇଓ ଧାରଣାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏହାଛଡ଼ା ସେମାନେ ସମୂହ ଛୁଟିରେ ଚାଲିଯିବା ଫଳରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚଳିତ ମାସ ୭ତାରିଖରୁ ଦାବିପୂରଣ ପାଇଁ ପିଇଓମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିଲେ। ୧୨ ଦିନ ଭିତରେ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ ନ କରିବାରୁ ବାଧହୋଇ ସେମାନେ ଧାରଣାକୁ ଓହ୍ଲାଇଥିବା କହିଛନ୍ତି।


ପିଇଓମାନେ ଆନ୍ଦୋଳନ କରୁଛନ୍ତି।

ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ପ୍ରବେଶିକା ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ ୩କୁ ବୃଦ୍ଧି କରିବା, ଦରମା ସ୍ତର-୫ର ଅର୍ଥରାଶି ୨୧,୭୦୦ରୁ ବୃଦ୍ଧି ଘଟାଇ ସ୍ତର-୯ ଦରମା ହାର ୩୫,୪୦୦କୁ ମଞ୍ଜୁର ପ୍ରଦାନ କରିବା, ୧୦ ବର୍ଷ ଚାକିରି ପୂରଣ କରିଥିବା ଅଧିକାରୀ ସମୂହ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟି କରାଯାଇ ଉଚ୍ଚତରସ୍ତରରେ ଅବସ୍ଥାପିତ କରାଯିବା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀକୁ ଶତପ୍ରତିଶତ ପଦୋନ୍ନତି ବ୍ୟବସ୍ଥା କରିବା ଏବଂ ଓପିଆରଏସ୍ କ୍ୟାଡରରେ ଅଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ଆଦି ରହିଛି।

## ସଂକ୍ଷେପରେ

### ଯୁବତୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ: ୩ ଗିରଫ

କୁଜଙ୍ଗ, ୧୯।୮ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ ହୋଇଯାଇଛି। ଅପରପକ୍ଷେ ଅପହରଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁଜଙ୍ଗ ଥାନା ଗୋପିଆକୁଦ ପଞ୍ଚାୟତ ଅନ୍ତର୍ଗତ ଦୁଆଡିଆ ବାଲିସାହି ଗ୍ରାମର ବାବୁ ମାଝି, ତାଙ୍କ ଭାଇ ବିକନ ମାଝି ଓ ଭିଣୋଇ ଶିଶିର ବେହେରା। ଏନେଇ ଥାନାରେ ମାମଲା (ନଂ. ୩୮୯/୨୩) ରୁଜୁ କରାଯାଇ ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ବାବୁ ସମ୍ପୃକ୍ତା ଯୁବତୀଙ୍କୁ ଏକପାଖିଆଭାବେ ପ୍ରେମ କରୁଥିଲେ। ଏନେଇ ସେ ବାରମ୍ବାର ପ୍ରେମ ନିବେଦନ କରିଥିଲେ ମଧ୍ୟ ଯୁବତୀ ଜଣକ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳରେ ବାବୁ ଅନେକ ସମୟରେ ତାଙ୍କୁ ବାଟରେ ହଇରାଣ କରୁଥିଲେ। ମାତ୍ର ଯୁବତୀ ଜଣକ ପୋଲିସରେ ଅଭିଯୋଗ କରିବାକୁ ସାହାସ ଯୁଟାଇ ପାରି ନ ଥିଲେ। ଏହାର ସୁଯୋଗ ନେଇ ଶୁକ୍ରବାର ୩ ଅଭିଯୁକ୍ତ ସମ୍ପୃକ୍ତା ଯୁବତୀଙ୍କ ଘରେ ପହଞ୍ଚି ବଳପୂର୍ବକ ଅପହରଣ କରିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ଯୁବତୀଙ୍କ ପରିବାର ସଦସ୍ୟ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା।

### ଘେରିରେ କାମ କରିବାକୁ ଆସିଥିବା ଯୁବକଙ୍କ ମୃତ୍ୟୁ

ଏରସମା, ୧୯।୮ (ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗଡବିଶୁନିପୁର ପଞ୍ଚାୟତସ୍ଥିତ ଖଟିକୋଳଦା ଗ୍ରାମର ଏକ ଚିଙ୍ଗୁଡ଼ି ଘେରିରେ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ କେନ୍ଦୁଝର ଜିଲ୍ଲା ଜଗନ୍ନାଥପୁର ଥାନା ଅନ୍ତର୍ଗତ ଅଡ଼ଙ୍ଗାପାଲୀ ଗ୍ରମର ଧନେଶ୍ୱର ଦାସଙ୍କ ପୁଅ ବିକ୍ରମ ଦାସ(୨୫)। ସେ ଏହି ଗ୍ରାମର ଏକ ଚିଙ୍ଗୁଡ଼ି ଘେରିରେ କାମ କରିବାକୁ ଆସିଥିଲେ। ମାତ୍ର ଅପରାହ୍ନରେ ସେ ଘେରି ବନ୍ଧରେ ଅଚେତ ଅବସ୍ଥାରେ ପଡ଼ିଥିବା ଲୋକେ ଦେଖିଥିଲେ । ଚିକିତ୍ସା ପାଇଁ ତାଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବିକ୍ରମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଡାହାଣ ପଟ ଗାଲ ଓ ବେକରେ ସାମାନ୍ୟ କ୍ଷତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ପୋଲିସ ମୃତଦେହ ଜବତ କରିଛି । ଏ ସମ୍ପର୍କରେ ଏରସମା ଥାନା ଅଧିକାରୀ ନିରଞ୍ଜନ ଦାସଙ୍କୁ ପଚାରିବାରୁ ମୃତ ଯୁବକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି, ସେମାନେ ଆସି ରିପୋର୍ଟ ଦେଲାପରେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି।

### ଦାଦାବଟି ମାଗି ଜଣେ ଗିରଫ

କୁଜଙ୍ଗ, ୧୯।୮ (ମନୋଜ ପ୍ରଧାନ)

ଦାଦାବଟି ମାଗି ମାରଣାସ୍ତ୍ର ଦେଖାଇ ଗାଁରେ ଆତଙ୍କ ସୃଷ୍ଟି କରିଥିବା ଅଭିଯୋଗରେ କୁଜଙ୍ଗ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁଜଙ୍ଗ ଥାନା ହଂସୁରା ପଞ୍ଚାୟତ ଅନ୍ତର୍ଗତ ସାମପୁର ଗ୍ରାମର ସୁଧୀର ମଲ୍ଲିକ। ସେ ଏହି ପଞ୍ଚାୟତର ସମିତି ସଭ୍ୟ ନିରଞ୍ଜନ ଦାସଙ୍କୁ ବାରମ୍ବାର ଦାଦା ବଟି ମାଗିବା ସହ କଟୁରି ଧରି ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ. ୩୮୮/୨୩) ରୁଜୁ କରାଯାଇଛି।

### ଚାରାରୋପଣ କାର୍ଯ୍ୟକ୍ରମ

ବାଲିକୁଦା, ୧୯।୮ (ତାପସ ସ୍ୱାଇଁ)

ବିଜୁ ଜନତା ସୁରକ୍ଷା ମଞ୍ଚ ପକ୍ଷରୁ ଅନନ୍ତପୁର ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ତଥା ବିଜେଡ଼ି ଯୁବ ନେତା ସଞ୍ଜୀବ ବିଶ୍ୱାଳଙ୍କ ସହାୟତାରେ ଉକ୍ତ ପଞ୍ଚାୟତର ବ୍ରାହ୍ମଣଡ଼ିହି ଗାଁର ଶିବ ମନ୍ଦିର ଜଗନ୍ନାଥ ମନ୍ଦିର ପରିସରରେ ଏହି ଚାରାରୋପଣ କରାଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ଚାରାରୋପଣ କରାଯାଇଥିଲା । ଏସବୁ ଚାରା ମଧ୍ୟରେ ଅଁଳା, ବେଲ, ନିମ୍ବ, ଶିଶୁ, ଶାଗୁଆନ ଓ ଆକାଶିଆ ଗଛ ଚାରା ଆଦି ରହିଛି। ଏଥିରେ ଅଞ୍ଚଳର ମହିଳାମାନେ ଅଂଶ ଗ୍ରହଣ କରି ଚାରାରୋପଣ କରିଥିଲେ। ଏହି ଅବସରରେ ମଞ୍ଚ ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ରମେଶ ପାଇଟାଳ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଭୋଳ, ହେମନ୍ତ ସେଠୀ, ଅଳାଭର ସମିତିସଭ୍ୟ ତଥା ମଞ୍ଚ ଉପସଭାପତି ହରିଶ୍ଚନ୍ଦ୍ର ଶତପଥୀ, ସହ ସମ୍ପାଦକ ଶିବ ପ୍ରସାଦ ପାତ୍ର, ଅଳାବୋଳ ସରପଞ୍ଚ ରମେଶ ସ୍ୱାଇଁ, ମନୋଜ ଷଡ଼ଙ୍ଗୀ, ଯୁବ ସଙ୍ଗଠକ ରମେଶ ସ୍ୱାଇଁ, ଅବିନାଶ ସାହୁ, ଦିବାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶାଳଜଙ୍ଗ ପିଏଚ୍‌ସିରେ ତାଲା ପକାଇଲେ ଲୋକେ

- ଡାକ୍ତରଙ୍କ ମନମାନିକୁ ବିରୋଧ
- ବିଳମ୍ବରେ ପହଞ୍ଚିବା ସହ ଅଧିକାଂଶ ସମୟରେ ଆସୁ ନ ଥିବା ଅଭିଯୋଗ
- ତ୍ରୁଟି ସ୍ୱୀକାର କଲେ ସିଡିଏମ୍‌ଓ

ଜଗତ୍‌ସିଂହପୁର, ୧୯।୮ (ପ୍ରମୋଦ କୁମାର ନାୟକ)



ଶାଳଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ଲୋକେ ତାଲା ପକାଇ ଦେଇଛନ୍ତି।

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଶାଳଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଲୋକେ ତାଲା ପକାଇ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତରଦ୍ୱୟଙ୍କ ମନମାନିକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. କ୍ଷେତ୍ରବାସୀ ଦାସ ଓ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ଏଫ୍‌ଡବ୍ଲ୍ୟୁ) ଡା. ପ୍ରମୋଦ ବାରିକଙ୍କୁ ଘଟଣାସ୍ଥଳକୁ ଅନୁଧ୍ୟାନ ପାଇଁ ପଠାଇଥିଲେ। ଡା. ବାରିକ ଲୋକଙ୍କ ସହ ଆଲୋଚନାକରି ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବାର ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏ ସମ୍ପର୍କରେ ସ୍ୱସ୍ତି ପ୍ରସାଦ ମିଶ୍ର, ସାରଦା ପ୍ରସାଦ ସାହୁ ଓ ମିଥୁନ ଦାସ ପ୍ରମୁଖ ଅଭିଯୋଗରେ କହିଛନ୍ତି, ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ଜଣେ ଏଲୋପାଥିକ ଓ ଜଣେ ଆୟୁଷ ଡାକ୍ତର ଅଧିକାଂଶ ସମୟରେ ବିଳମ୍ବରେ ପହଞ୍ଚୁଛନ୍ତି। ଏପରି କି ଦିନେ ଦିନେ ଆଦୌ ଡାକ୍ତରଖାନା ଆସୁନାହାନ୍ତି। ଯେତେ କହିଲେ ମଧ୍ୟ କିଛି ପରିବର୍ତ୍ତନ ହେଉନାହିଁ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଏକାଧିକ ଗ୍ରାମର ଲୋକ ନିର୍ଭରଶୀଳ। ଅନେକ ସମୟରେ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲାବେଳକୁ ଡାକ୍ତରଙ୍କ ଅନୁପସ୍ଥିତି ବୋଝ ଉପରେ ନଳିତା ବିଡା ସଦୃଶ ହେଉଛି। ପୂର୍ବରୁ ବହୁବାର ସିଡିଏମ୍‌ଓଙ୍କ ନିକଟରେ ଏନେଇ ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ କୌଣସି ପ୍ରତିକାର ହେଉନାହିଁ। ଶନିବାର ସକାଳ ୧୦ଟା ୪୦ ପର୍ଯ୍ୟନ୍ତ ଡାକ୍ତରଦ୍ୱୟ ଆସି ନ ଥିଲେ। ଏଥିଯୋଗୁ ଅନେକ ରୋଗୀ ଅସୁବିଧାରେ ପଡ଼ିଥିଲେ। ତେଣୁ ବାଧ୍ୟ ହୋଇ ଫାଟକରେ ତାଲା ପକାଯାଇଥିଲା ବୋଲି ଲୋକମାନେ କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ ଡାକ୍ତରଙ୍କ ଅବହେଳାକୁ ସ୍ୱୀକାର କରିଛନ୍ତି। ଡାକ୍ତରଦ୍ୱୟ ଆଗକୁ ଯେପରି ଅବହେଳା କିମ୍ବା ତ୍ରୁଟି କରିବେ ନାହିଁ ସେଥିପାଇଁ ତାଗିଦ କରାଯାଇଥିବା କହିଛନ୍ତି।

# ଡକାୟତ ଲୁଟିନେଲେ ସୁନାଗହଣା, ଟଙ୍କା



ଡକାୟତମାନେ ଭାଙ୍ଗି ଦେଇଥିବା ଆଲ୍‌ମିରା।

ରାଜନଗର, ୧୯।୮ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ବାରମାଣିଆ ନିକଟରେ ରମାକାନ୍ତ ନାୟକ ରହୁଛନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟା ୧୫ରେ ସେ ଦୋକାନରୁ ବାଇକ୍ ଯୋଗେ ଯାଇ ଘର ଗେଟ୍ ନିକଟରେ ପହଞ୍ଚିବା ପରେ ଶିକ୍ଷୟିତ୍ରୀ ସ୍ତ୍ରୀ ଆଶାମଞ୍ଜରୀ ଗେଟ୍ ଖୋଲିଥିଲେ। ରମାକାନ୍ତ ପୋର୍ଟିକୋ ମଧ୍ୟକୁ ବାଇକ୍ ପୂରାଇ ଷ୍ଟାଣ୍ଡ ମାରିବା ସମୟରେ ହଠାତ୍ ୫ରୁ ୬ଜଣ ଦୁର୍ବୃତ୍ତ ପଛପଟୁ ରମାକାନ୍ତଙ୍କୁ କୁଣ୍ଢାଇ ଧରିବା ସହ ତାଙ୍କ ସ୍ତ୍ରୀଙ୍କୁ ଘୋଷାଡି ଘୋଷାଡି ନେଇ ବାଥ୍‌ରୁମ୍ ଭିତରେ ପୂରାଇ ଦେଇଥିଲେ। କପଡ଼ା ଚିରି ରମାକାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ହାତ, ଗୋଡ଼ ଓ ପାଟି ବାନ୍ଧି ଦେଇଥିଲେ। ରମାକାନ୍ତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ସ୍ତ୍ରୀ ଆଶାମଞ୍ଜରୀଙ୍କ ବେକରେ ଛୁରି ଲଗାଇଥିଲେ। ଆଶା ପିନ୍ଧିଥିବା ସୁନାଚେନ୍, କାନଫୁଲ, ମୁଦି, ସୁନାଚୁଡି ଓ ଶଙ୍ଖା ନେଇଯିବା ପରେ ବାଥ୍‌ରୁମ ମଧ୍ୟରେ ୨ଜଣଙ୍କୁ ପୂରାଇ ବାହାରୁ କବାଟ ଦେଇ ଦେଇଥିଲେ। ପରେ ୨ଟି ଗଡ୍‌ରେଜ୍‌ର ଚାବି ଖୋଲି ନଗଦ ୩୫ ହଜାର ଟଙ୍କା, ଗୋଟିଏ ସୁନାଚେନ୍, ୧୦ଟି ସୁନାମୁଦି, କାନଫୁଲ ୩ ହଳ, ସୁନାଶଙ୍ଖା ୪ ହଳ, ପର୍ସରେ ଥିବା ୧୫ଶହ ଟଙ୍କା, ରୋଷେଇ ଘରେ ଥିବା ପରିବାକଟା ଛୁରି ଓ ଛୋଟ ଭୁଜାଲି ଏବଂ ଗୋଟିଏ ମୋବାଇଲ ଫୋନକୁ ଡକାୟତମାନେ ନେଇ ଯାଇଛନ୍ତି। ଡକାୟତମାନଙ୍କ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ଡକାୟତମାନେ ଦେହରେ ରେନ୍‌କୋଟ ଓ ଜୋତା ପିନ୍ଧିଥିଲେ ବୋଲି ରମାକାନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରମାକାନ୍ତ ଓ ତାଙ୍କ ସ୍ତ୍ରୀ କିଛି ସମୟ ପରେ ବାଥ୍‌ରୁମ୍ କବାଟ ଓ ବାରିପଟ କବାଟ ଭାଙ୍ଗି ବାହାରକୁ ଆସିବା ବେଳକୁ ଘର ମେଲା ପଡ଼ିଥିଲା। ସେ ତାଙ୍କ ପୁଅଙ୍କୁ ଏ ନେଇ ପ୍ରଥମେ ଜଣାଇଥିଲେ। ତାଙ୍କ ପୁଅ ପୋଲିସକୁ ଜଣାଇବା ପରେ ଆଇଆଇସି ଅଜୟ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ଟା ବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଅପରାହ୍ନ ୪ଟା ବେଳେ ମଧ୍ୟ ସାଇଣ୍ଟିଫିକ ଟିମ୍ ୨ୟ ଥର ପାଇଁ ଘଟଣାସ୍ଥଳରେ ପହଞ୍ଚି ତନ୍ନ ତନ୍ନ କରି ଯାଞ୍ଚ କରିଛି। ପୋଲିସ ଏହି ଘଟଣାରେ ୪ଜଣଙ୍କୁ ଉଠାଇଆଣି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଡକାୟତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି।

# ରାତିରେ ଛାତ୍ରୀ ନିବାସରେ ଭୟର ବାତାବରଣ

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**

- ଜିଲାପାଳଙ୍କୁ ଭେଟି ସୁରକ୍ଷା ଚାହିଁଲେ ଅନ୍ତେବାସୀ

ଜଗତ୍‌ସିଂହପୁର, ୧୯।୮ (ପ୍ରମୋଦ କୁମାର ନାୟକ)

ଜିଲାର ପ୍ରତିଷ୍ଠିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ନିବାସ ଅସୁରକ୍ଷିତ ହୋଇପଡ଼ିଛି। ରାତି ହେଲେ କେହି ପାଚେରି ଡେଇଁ କବାଟ ଓ ଝରକା ଠକ୍‌ଠକ୍ କରୁଛି। ଏପରି କି ଇନଭର୍ଟର ଲାଇଟ୍ ବନ୍ଦ କରି ଦେଉଛି। ଏନେଇ ଛାତ୍ରୀ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି କୌଣସି ପ୍ରତିକାର ନ ହେବାରୁ ବାଧ୍ୟହୋଇ ଅନେକ ଛାତ୍ରୀ ଜିଲାପାଳଙ୍କୁ ଶନିବାର ଭେଟି ସୁରକ୍ଷା ମାଗିଛନ୍ତି। ଏ ସମ୍ପର୍କରେ ଛାତ୍ରୀମାନଙ୍କ କହିବା କଥା ହେଲା, ଶୁକ୍ରବାର ରାତିରେ କୌଣସି ଦୁର୍ବୃତ୍ତ କବାଟ, ଝରକାରେ ଲକ୍ ପକାଇ ଦେଇଥିଲେ। ଇନଭର୍ଟର ଲାଇଟ୍ କାଟି ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଅସାମାଜିକ ଯୁବକମାନେ ଡ୍ରଗ୍ସ, ମଦ ଆଦି ଅବାଧରେ ସେବନ କରୁଛନ୍ତି। ସେମାନଙ୍କ ଆଚରଣରେ ମଧ୍ୟ ଭୟ ଲାଗୁଛି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ପ୍ରତିକାର ନ ହେବାରୁ ସେମାନେ ବାଧ୍ୟ ହୋଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ବିଜୟ ପାତ୍ର କହିଛନ୍ତି, ସିସିଟିଭି ଓ ସିକ୍ୟୁରିଟି ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି । ୨ ବର୍ଷ ପୂର୍ବରୁ ୨ ଜଣ ପୁରୁଷ ସୁରକ୍ଷା କର୍ମୀଙ୍କୁ ତତ୍କାଳୀନ ଅଧ୍ୟକ୍ଷ କାଢି ଦେଇଥିଲେ। ଜଣେ ମହିଳା ପିଅନର ଦରମା ବଢ଼ାଇ ଦେଇଥିଲେ। ସମ୍ପୃକ୍ତ ପିଅନ ସବୁ ଠିକ କରିଦେବେ ବୋଲି ସେତେବେଳେ କୁହାଯାଇଥିଲା। ଏହାସତ୍ତ୍ୱେ ସମସ୍ୟା ଅନୁଭବ କରି ଅଧ୍ୟକ୍ଷ ପାତ୍ର ଅତିରିକ୍ତ ୨ ଜଣ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତ କରିଥିବା କହିଛନ୍ତି।

### ଅଠରବାଙ୍କି-ଦୋଛକି ରାସ୍ତାରେ ୨ ପୃଥକ୍ ଦୁର୍ଘଟଣା: ଜଣେ ମୃତ

ପାରାଦୀପ, ୧୯।୮ (ଶରତ ରାଉତ)

ପାରାଦୀପର ଅଠରବାଙ୍କି ଦୋଛକି ରାସ୍ତାରେ ଶନିବାର ରାତି ୯ଟାରୁ ୧୦ ଟା ମଧ୍ୟରେ ୨ଟି ପୃଥକ୍ ଦୁର୍ଘଟଣା ଘଟିଛି। ଦୋଛକି ପାଖରେ ଟ୍ରକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ପ୍ରସନ୍ନ ମାଝୀ (୫୨)। ସେ ପାରାଦୀପ ବନ୍ଦର ତୈଳ ବର୍ଥରୁ ଡ୍ୟୁଟି ସାରି ଘରକୁ ଫେରିବାବେଳେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମୃତଦେହକୁ ବିଜୁ ମେମୋରିଆଲ ହସ୍ପିଟାଲକୁ ନିଆଯାଇଛି। ଲକ୍‌ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସେହିପରି ଇଫ୍‌କୋ ଛକରେ ଏକ ବସ୍ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ତାଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି।

# ମହିଳାମାନେ ସଶକ୍ତ ହେଲେ ରାଷ୍ଟ୍ରର ପ୍ରଗତି ସମ୍ଭବ

**ଅମୃତ ଡାଏରି ଓ କୃଷି ଉତ୍ପାଦକ କମ୍ପାନୀର କୋକୋପିଟ ଉଦ୍‌ଘାଟିତ**

ରଘୁନାଥପୁର, ୧୯।୮ (ରାଜେନ୍ଦ୍ର ନାରାୟଣ ସିଂହ)



ଜିଲାପାଳ ପାରୁଲ ପଟାୱାରି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଛତୁ ୟୁନିଟ୍‌କୁ ଉଦ୍‌ଘାଟନ କରୁଛନ୍ତି।

ରଘୁନାଥପୁର ବ୍ଲକ ପୂରଣ ଗ୍ରାମରେ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ପ୍ରସ୍ତୁତ ଅମୃତ ଡାଏରି ଓ ଆଗ୍ରାଭେଟ କୃଷକ ଉତ୍ପାଦକ କମ୍ପାନୀ ଉତ୍ପାଦକ ଗୋଷ୍ଠୀର କୋକୋପିଟ ୟୁନିଟକୁ ଶନିବାର ଜିଲାପାଳ ପାରୁଲ ପଟାୱାରି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଖୁଆପେଡା, ଗୋଖାଦ୍ୟ, ଛତୁଚାଷ, ଫୁଲଚାଷ ଓ ଜିଆଖତ ୟୁନିଟକୁ ଦେଖି ପ୍ରଶଂସା କରିଥିଲେ। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ବକ୍ତବ୍ୟରେ କହିଥିଲେ। ଏହାଦ୍ୱାରା ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରାଷ୍ଟ୍ରର ପ୍ରଗତି ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ୟୁକୋ ବ୍ୟାଙ୍କ ଏଲଡିଏମ୍ ବାପୁଜୀ ସୁବୁଦ୍ଧି, ଡିପିସି ମୋନାଲିସା ଭଞ୍ଜ, ସିଡସ୍ ପ୍ରମୁଖ ଇଂ. ସତ୍ୟବ୍ରତ ବାଇ ଓ ନାବାର୍ଡ ଏଜିଏମ୍ ବିଶ୍ୱଭୂଷଣ ମହାନ୍ତି ଯୋଗଦେଇ ଅମୃତ ଡାଏରି ଓ ଉତ୍ପାଦକ କମ୍ପାନୀ ଦ୍ୱାରା ପରିଚାଳିତ କୋକୋପିଟ ସମଗ୍ର ଜିଲାରେ ମହିଳାମାନଙ୍କ ପାଇଁ ଉଦାହରଣ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଧରାଧାରପୁର ପଞ୍ଚାୟତ ଉତ୍ପାଦକ ଗୋଷ୍ଠୀଙ୍କ ପକ୍ଷରୁ ପ୍ରସ୍ତୁତ ୨୦୦ ଶଯ୍ୟାବିଶିଷ୍ଟ ଛତୁ ବେଡ୍ ଜିଲାପାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜୀବିକା ମିଶନ ବିପିଏମ କଳ୍ପନା ଦଳେଇ, ବିପିସି ସ୍ନେହପ୍ରିୟା ସ୍ୱାଇଁ, ବିଏଲସି ମିନାରାଣୀ ଦାସ, ତ୍ରିନାଥ ଦାସ,ଏମ୍‌ପି ପ୍ରତିନିଧି ଗୌତମ ପାଳିତ, ସରପଞ୍ଚ ଶିବରାମ ସାହୁ ଓ ନଳିନିପ୍ରଭା ମୁଦୁଲି,ମୃଣ୍ମୟୀ ପଣ୍ଡା, ବନ୍ଦିତା ଷଡଙ୍ଗୀ, ମଧୁସ୍ମିତା ପରିଡ଼ା,ପ୍ରତାପ ପଟ୍ଟନାୟକଙ୍କ ସହ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଶେଷରେ ଏଲଡିଏମ୍ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

### ଆଳି ବିକାଶ ମଞ୍ଚ ପକ୍ଷରୁ କର୍କଟ ରୋଗୀଙ୍କୁ ସହାୟତା

ଆଳି, ୧୯।୮ (ବନମାଳୀ ସେନାପତି)

ଆଳି ଅଞ୍ଚଳର ଯେଉଁ ଲୋକମାନେ କଟକ, ଭୁବନେଶ୍ୱରରେ ରହୁଛନ୍ତି, ସେମାନେ ଗଠନ କରିଛନ୍ତି ଆଳି ବିକାଶ ମଞ୍ଚ। ଏହି ବିକାଶ ମଞ୍ଚ ବିଭିନ୍ନ ସମୟରେ ଆଳି ଅଞ୍ଚଳରେ ବିଭିନ୍ନ ଜନହିତକର କାର୍ଯ୍ୟ କରି ଚାଲିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ଅଟାଳ ପଞ୍ଚାୟତର ଅଟାଳ ଗ୍ରାମରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ର ଓମ୍ ପ୍ରକାଶ ବିନ୍ଧାଣି କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ଖବର ପାଇବା ପରେ ମଞ୍ଚ ଓମ୍ ପ୍ରକାଶ ପାଇ ସହାୟତାର ହାତ ବଢାଇଛି। ଶନିବାର ମଞ୍ଚର କର୍ମକର୍ତ୍ତାମାନେ ଅଟାଳ ଗ୍ରାମରେ ପହଞ୍ଚି ୧୭ ହଜାର ଟଙ୍କା ପରିବାର ଲୋକଙ୍କୁ ଦେଇଛନ୍ତି। ଅଟାଳ ଗ୍ରାମର ରଜନୀକାନ୍ତଙ୍କ ପୁଅ ଓମ୍ ଏବେ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ଓମଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ମଞ୍ଚର କାର୍ଯ୍ୟକାରୀ ସମ୍ପାଦକ ତ୍ରିଲୋଚନ ଧଳ, ମଞ୍ଚର ସଭ୍ୟ ଧନେଶ୍ୱର ରାଉତ, ସହଦେବ ସିଂହ ଓ ଅଟାଳ ଗ୍ରାମର ସହଯୋଗୀ ଯୁବକ ବିବେକ (ଜଡ଼ା), ମନୋଜ ଦାସ, ଚଗଲା ଓ ଅନ୍ୟମାନେ ଉପସ୍ଥିତ ରହି ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗ ନିମିତ୍ତ ବିନୀତ ଅନୁରୋଧ ଜଣାଇଥିଲେ।

# 'ନିଯୁକ୍ତି ମିଳୁଛି, ଅଥଚ ମିଛରେ ବଦନାମ କରାଯାଉଛି'




ଖବରଦାତା ସମ୍ମିଳନୀରେ ସମିତି ସଭାପତି ଧରଣୀଧର ସ୍ୱାଇଁ ଏବଂ ଅନ୍ୟମାନେ।

**ହାଣ୍ଡିଆ ଗ୍ରାମରେ ବୈଠକ**

ପାରାଦୀପ, ୧୯।୮ (ଶରତ ରାଉତ)

ପାରାଦୀପ ଉପକଣ୍ଠ ହାଣ୍ଡିଆ ଗ୍ରାମରେ ବିସ୍ଥାପିତ ସୁରକ୍ଷା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଧରଣୀଧର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ତୋଫାନ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ଖବରଦାତାଙ୍କୁ ନିଯୁକ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ସେମାନଙ୍କ ସୂଚନା ଅନୁଯାୟୀ, ପାର୍ଶ୍ୱରେ ଥିବା ଏକ କମ୍ପାନୀ ପାଇଁ ଗ୍ରାମ ବିସ୍ଥାପିତ ହେବାକୁ ଯାଉଛି। ବିସ୍ଥାପନ ଥଇଥାନ ନିୟମ ଅନୁସାରେ, କମ୍ପାନୀ ଏପର୍ଯ୍ୟନ୍ତ ଠିକାରେ ୮୫ ଜଣଙ୍କୁ ନିଯୁକ୍ତି ଦେଇଛି। ଏଥିପାଇଁ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟଙ୍କ ଉଦ୍ୟମ ପ୍ରଶଂସନୀୟ। ଏବେ ଆମ ଗ୍ରାମର କେତେଜଣ ଲୋକ ବିଧାୟକ ରାଉତରାୟଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଛନ୍ତି ଏବଂ ନିଯୁକ୍ତି ସମ୍ପର୍କରେ ମିଥ୍ୟା ତଥ୍ୟ ଦେଉଛନ୍ତି। ସେଥିପାଇଁ ଆମେ ୮୫ ଜଣଙ୍କ ନିଯୁକ୍ତି ସମ୍ପର୍କିତ ତଥ୍ୟ ସାର୍ବଜନୀନ କରୁଛୁ ବୋଲି ବୈଠକରେ କହିଥିଲେ।

### ୨୨.୬୭ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

ଜଗତ୍‌ସିଂହପୁର, ୧୯।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସିଦ୍ଧଳ ନିକଟରୁ ୨୨.୬୭ ଗ୍ରାମ ବ୍ରାଉନସୁଗାର ସହ ଗୋଟିଏ ମୋବାଇଲ ଓ ବାଇକ ଜବତ କରାଯାଇଛି। ୨ ଜଣଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସିଦ୍ଧଳ ଗ୍ରାମର ଶଶି ଶେଖର ପରିଡ଼ା ଓରଫ ପାପି (୩୭) ଓ ବାଲିକୁଦା ଥାନା କୋଳଥପାଟଣାର ସୁମନ ଶେଖର ଖୁଣ୍ଟିଆ ଓରଫ ଘୁମା (୩୦)। ଏନେଇ ଥାନାରେ ମାମଲା (ନଂ. ୫୩୩/୨୩) ରୁଜୁ କରାଯାଇଛି।

# ଅସହାୟଙ୍କ ପାଇଁ ସମୟ ଦେବା ଜରୁରୀ




ଅସହାୟ କଲ୍ୟାଣ ସମିତିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ପାରାଦୀପ, ୧୯।୮ (ଶରତ ରାଉତ)

ପାରାଦୀପ ଷଣ୍ଢକୁଦ ବସ୍ତିରେ ଥିବା ଅସହାୟ କଲ୍ୟାଣ ସମିତିର ବାର୍ଷିକ ଉତ୍ସବ ଇତିମଧ୍ୟରେ ପାଳିତ ହୋଇଯାଇଛି। ସମିତିର ପ୍ରତିଷ୍ଠାତା ପଞ୍ଚାନନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ବୈଠକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଭାଜପା ଯୁବ ନେତା ସମ୍ପଦ ସ୍ୱାଇଁ, କାଉନସିଲର ଜଗନ୍ନାଥ ରାଓ, ଅରୁଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେତେଜଣ ବୃଦ୍ଧାବୃଦ୍ଧ ଓ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୌରାଧ୍ୟକ୍ଷ ବିଶ୍ୱାଳ କହିଥିଲେ, ଅସହାୟ ଲୋକଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ତଥାପି କେତେଜଣ ସମୟ ଚକ୍ରରେ ଅସହାୟ ଅବସ୍ଥାରେ ରହିଛନ୍ତି। ସେମାନଙ୍କ ପାଇଁ ସକ୍ଷମ ଲୋକମାନେ ସମୟଦେବା ଜରୁରୀ ବୋଲି କହିଥିଲେ। ସଭା ପରିଚାଳନାରେ ସମିତିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# 'ନାଉଗାଁର ମଠ, ମନ୍ଦିର ଜଗନ୍ନାଥଙ୍କ ସହ ଓତପ୍ରୋତ ଭାବେ ଜଡ଼ିତ'

**ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ୪୩ ତମ ପ୍ରତିଷ୍ଠା ଦିବସ**

ନାଉଗାଁ, ୧୯।୮ (ସୁଧା ବେହୁରା)

ନାଉଗାଁ ମାଟିରୁ ପ୍ରତିବର୍ଷ କେହି ନା କେହି ଓଏଏସ୍, ଡାକ୍ତର, ଆଇଏଏସ ପଦବୀଧାରୀ ଯୁବତୀ, ଯୁବକ ବାହାରୁଛନ୍ତି। ଅତୀତରେ ଆଧ୍ୟାତ୍ମିକତା,ସଂସ୍କୃତି ଭାଇଚାରା ବଜାୟ ରଖିବା ପାଇଁ ମଠ ମନ୍ଦିର ନିର୍ମାଣ କରାଯାଉଥିଲା। କିନ୍ତୁ ନାଉଗାଁର ମଠ,ମନ୍ଦିର ଜଗନ୍ନାଥଙ୍କ ସହ ଓତପ୍ରୋତ ଭାବେ ଜଡ଼ିତ। ଏହି ମାଟିର ସଂସ୍କୃତି ସବୁଠାରୁ ଭିନ୍ନ ବୋଲି ନାଉଗାଁ ବ୍ଲକ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ମତବ୍ୟକ୍ତ କରିଛନ୍ତି। ଏହି ମହାବିଦ୍ୟାଳୟରେ ଯେଉଁ ସବୁ ସମସ୍ୟା ରହିଛି ତାହାକୁ ସମାଧାନ କରାଯିବ। ବିଶେଷ କରି ଖେଳ ପଡ଼ିଆ,



ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ମୁଖ୍ୟ ଫାଟକ, ସଭା ଗୃହ, ରାସ୍ତା ଆଦି ସମସ୍ୟା ଦୂର କରାଯିବ ବୋଲି ସେ କହିଥିଲେ। ଏଥିସହ ମହାବିଦ୍ୟାଳୟ ଛାତ୍ରୀଛାତ୍ରୀମାନେ କିପରି ଭଲ ଶିକ୍ଷା ଲାଭ କରି ଅଞ୍ଚଳର ଟେକ ରଖିବେ ସେ ବିଷୟରେ ଅଧ୍ୟାପକମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାୟକ ମୁଦୁଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ଗୋଠଦା ମଠ ମହନ୍ତ ମହାରାଜ, ଚିନ୍ତାମଣି ପର୍ବତ ଗୋସ୍ୱାମୀ, ପୁରୀ ରାଧା ବଲ୍ଲଭ ମଠର ମଠାଧୀଶ ମହନ୍ତ ମହାରାଜ ରାମକୃଷ୍ଣ ଦାସ, ପରିଚାଳନା ସମିତି ସଭାପତି ମନୋଜ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ମମତା ପରିଡା, ଅମିତା ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଜିତ ପୁହାଣ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଚାଇନା ପ୍ରଧାନ ସଭାପତିତ୍ୱ କରିଥିଲେ। ଓଡିଆ ବିଭାଗର ଅଧ୍ୟାପକ ଚୈତନ୍ୟ ଚରଣ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅର୍ଥନୀତି ବିଜ୍ଞାନର ଅଧ୍ୟାପକ ପ୍ରଭାତ ଶତପଥୀ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ, ୨୦୨୩



## ତାରାତାରିଣୀ ମନ୍ଦିର ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର

ଶେରଗଡ଼, ୧୯।୮ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ ପଞ୍ଚୁଆଣୀଠାରେ ଥିବା ମା' ତରାତାରିଣୀ ପୀଠ ବହୁ ପୁରାତନ। ୫-ଟି ଜରିଆରେ ଏହି ପୀଠର ଉନ୍ନତି କରଣ କାର୍ଯ୍ୟ ଚାଲିଛି। ହେଲେ ପୀଠକୁ ଯିବା ପାଇଁ ଛୋଟିଆ ରାସ୍ତାଟିଏ ଥିଲା। ସେହି ରାସ୍ତାକୁ ସବୁଦିନିଆ ରାସ୍ତା କରିବାକୁ ମନ୍ଦିର ପରିଚାଳନା କମିଟି ପତ୍ର ପ୍ରଦାନ କରିଥିଲେ ଏବଂ ସମିତିରେ ସାମିଲ କରି ପୂର୍ତ୍ତ ବିଭାଗକୁ ପ୍ରଦାନ କରିବା ପାଇଁ କମିଟି ଏକ ପତ୍ର ଦେଇଥିଲା। ଶୁକ୍ରବାର ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ବିଡିଓ ଶିବାଶିଷ ବରାଳ ପତ୍ର ଲେଖିଛନ୍ତି। ପୂର୍ତ୍ତ ବିଭାଗ ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ଲେଖାଯାଇଛି।

# ଅପହୃତ ୫ ମତ୍ସ୍ୟଜୀବୀ ଆନ୍ଧ୍ରରୁ ଉଦ୍ଧାର


ଉଦ୍ଧାର ହୋଇଥିବା ୫ ମତ୍ସ୍ୟଜୀବୀ।

**ଛତ୍ରପୁର, ୧୯।୮ (ସନ୍ତୋଷ ପାଢ଼ୀ):** ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲି ମେରାଇନ ଥାନା ଅଧୀନ ସାନ ଆର୍ଯ୍ୟପଲି ଗାଁର ୫ଜଣ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ସମୁଦ୍ରରୁ ଅପହରଣ କରି ନିଆଯାଇଥିଲା। ଶନିବାର ଆନ୍ଧ୍ରପ୍ରଦେଶରୁ ସେମାନଙ୍କୁ ଠାବ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରଲରେ ଆସିଥିବା ଆନ୍ଧ୍ରପ୍ରଦେଶର କିଛି ଲୋକ ସମୁଦ୍ର ମଧ୍ୟରୁ ସେମାନଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ୧୫ ଘଣ୍ଟା ପରେ ସେମାନଙ୍କୁ ଶ୍ରୀକାକୁଲମ ଜିଲାର ଭାବନାପାଡୁ ସାମୁଦ୍ରିକ ଥାନା ଅଞ୍ଚଳ ସମୁଦ୍ର କୂଳରୁ ଠାବ କରାଯାଇଥିଲା। ଆର୍ଯ୍ୟପଲି ମେରାଇନ ଥାନା ପୋଲିସ ସ୍ଥାନୀୟ କିଛି ଲୋକଙ୍କ ସହ ଯାଇ ସେମାନଙ୍କୁ ଉଦ୍ଧାର କରି ଭାବନାପାଡୁ ସାମୁଦ୍ରିକ ଥାନାକୁ ନେଇଥିଲେ। ଉକ୍ତ ଥାନାରେ ଏ ସମ୍ପର୍କରେ ଜଣାଇ ସନ୍ଧ୍ୟାରେ ସେଠାରୁ ପୋଲିସ ଉକ୍ତ ୫ ମତ୍ସଜୀବୀଙ୍କୁ ନେଇ ଓଡିଶା ଅଭିମୁଖେ ବାହାରିଥିଲା। ଉଦ୍ଧାର ମତ୍ସ୍ୟଜୀବୀମାନେ ହେଲେ ସାନଆର୍ଯ୍ୟପଲି ଗାଁର ଏନ. କାମେୟା, ବି. ମୋହନ, ଜି. ଯେଙ୍ଗେଲି, ଜି.ଏରେୟା ଓ କେ. ବାବାଜୀ।

ସୂଚନା ଅନୁସାରେ, ୧୯ ଜଣ ମତ୍ସ୍ୟଜୀବୀ ଶୁକ୍ରବାର ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲେ। ଏହି ସମୟରେ ଆନ୍ଧ୍ରପ୍ରଦେଶର ଏକ ଟ୍ରଲର (ଆଇଏଣ୍ଡି -ଏପି -ଭିଝ -ଏମଏମ ୭) ଦ୍ୱାରା ଆନ୍ଧ୍ରର କିଛି ମତ୍ସ୍ୟଜୀବୀ ମାଛ ମାରୁଥିବା ଦେଖିବାକୁ ପାଇଥିଲେ। ଏହାକୁ ବିରୋଧ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଆର୍ଯ୍ୟପଲିର ୫ ମତ୍ସ୍ୟଜୀବୀଙ୍କୁ ଉକ୍ତ ଟ୍ରଲର ଯୋଗେ ଅପହରଣ କରି ନିଆଯାଇଥିଲା। ଅନ୍ୟ ୧୪ ଜଣ ଡ଼ଙ୍ଗା ଯୋଗେ ଗାଁକୁ ଫେରିଥିଲେ। ଏ ସମ୍ପର୍କରେ ସାନ ଆର୍ଯ୍ୟପଲି ଗାଁର ଏନ. ଦୀନବନ୍ଧୁ ଆର୍ଯ୍ୟପଲି ମେରାଇନ ଥାନାରେ ଶୁକ୍ରବାର ରାତିରେ ଲିଖିତ ଏତଲା ଦେଇଥିଲେ।

## ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୧ତମ ଜୟନ୍ତୀ



ସଭାରେ ମଞ୍ଚାସୀନ ଅତିଥି ।

ପାରଳାଖେମୁଣ୍ଡି, ୧୯।୮ (ଗିରିଧାରୀ ପରିଛା) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟନାୟକ ଓ ୩ନଂ ୱାର୍ଡର କାଉନସିଲର ଖଗଶ୍ୱରୀ ବେହେରା ପ୍ରମୁଖ ନଗର ପରିକ୍ରମା କରିଥିଲେ। ପରେ ଡ. ସତ୍ୟନାରାୟଣ ରାଜଗୁରୁ ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ଅଭିମନ୍ୟୁ ପଣ୍ଡା, କାଉନସିଲର ବାବୁନା ବେହେରା, ପୂର୍ବତନ ଶିକ୍ଷକ ନୃସିଂହ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡ.ସତ୍ୟନାରାୟଣ ରାଜଗୁରୁ କମିଟି ପକ୍ଷରୁ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ସନ୍ଧ୍ୟାରେଏକ ସଭା କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ଗବେଷକ ଡ଼ଃ ଭାସ୍କର ମିଶ୍ର ଯୋଗଦେଇଥିବା ବେଳେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ବକ୍ତା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ପ୍ରତିଷ୍ଠାନର ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ପ୍ରମୁଖ ରାଜଗୁରୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ଦିଗପହଣ୍ଡିରେ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

ଦିଗପହଣ୍ଡି, ୧୯।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ୨ ଦିନ ବ୍ୟାପୀ ଦକ୍ଷିଣ – ପୂର୍ବ ସମ୍ଭାଗ ସ୍ତରୀୟ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବରେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଆୟୋଜିତ ମହୋତ୍ସବର ଉଦଘାଟନୀ ସମାରୋହରେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ କୈଳାସ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେହିପରି ଦକ୍ଷିଣ ପୂର୍ବ ସମ୍ଭାଗ ଜିଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଲୋକନୃତ୍ୟ, ମୂର୍ତ୍ତି କଳା, କଥାକଥନ, ତତ୍କାଳିକ ଭାଷଣ, ପ୍ରଶ୍ନମଞ୍ଚ ପ୍ରମୁଖ ପ୍ରତିଯୋଗିତାରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ସମ୍ଭାଗ ବିଭାଗର ବିଭିନ୍ନ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀର ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଛାତ୍ର ମହୋତ୍ସବରେ ଅଂଶଗ୍ରହଣ କରିଥିବା ବେଳେ ୬୦ ରୁ ଉର୍ଦ୍ଧ୍ୱ ଆଚାର୍ଯ୍ୟା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଲେଖକ ପ୍ରକାଶ ପାଣିଗ୍ରାହୀ, ପିତବାସ ତ୍ରିପାଠୀ, ପ୍ରଧାନଶିକ୍ଷକ ଦିବ୍ୟସିଂହ ପାଠୀ, ଶିକ୍ଷକ ଗୋପାଳ ସାବତ, ରଘୁନାଥ ଦୋରା ଓ ଶ୍ରୀକାନ୍ତ ସାମନ୍ତରାୟ ପ୍ରମୁଖ ବିଚାରକଙ୍କ ଉପସ୍ଥିତିରେ ସମସ୍ତ ପ୍ରତିଯୋଗିତା କରାଯାଇଥିଲା। ଫୁଲବାଣୀ ଓ ଗଞ୍ଜାମ ବିଭାଗ ନିରୀକ୍ଷକ ରଞ୍ଜନ ପ୍ରଧାନ ଏବଂ ସରୋଜ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଭତ୍ତା ପାଇଁ ବୃଦ୍ଧାଙ୍କୁ ସହାୟତା କଲେ ଡାକ କର୍ମଚାରୀ



ପାରଳାଖେମୁଣ୍ଡି, ୧୯।୮ (ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ୱାର୍ଡ଼ ନମ୍ବର ୧୨ର ଲବଙ୍ଗ ଗୟାଙ୍କୁ ତିନିମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ମିଳିନଥିଲା। ତାଙ୍କ ସମ୍ପର୍କୀୟ ଏକ ଟ୍ରଲିରେ ତାଙ୍କୁ ବୋହି ପ୍ରଥମେ ବ୍ୟାଙ୍କ ଓ ପରେ ପୌରପାଳିକା କାର୍ଯ୍ୟାଳୟକୁ ଆଣିବା ପରେ ତାଙ୍କୁ ଭତ୍ତା ଟଙ୍କା ମିଳିଥିଲା। ପାରଳାଖେମୁଣ୍ଡି ଡାକ ବିଭାଗର କର୍ମଚାରୀମାନେ ଏହି ଖବର ଶୁଣିବା ପରେ ତାଙ୍କ ଘରେ ପହଞ୍ଚି ଶୂନ୍ୟ ବାଲାନ୍ସ ଯୁକ୍ତ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟ ଖୋଲିଛନ୍ତି। ଲବଙ୍ଗ ପ୍ରତି ମାସରେ ବ୍ୟାଙ୍କ ଦୌଡ଼ିବା ପରିବର୍ତ୍ତେ ନିଜ ଘରେ ରହି ପେନସନ୍ ପାଇବାକୁ ସକ୍ଷମ ହେବେ। ପାଖରେ ରହୁଥିବା ତାଙ୍କ ଝିଅ ଡାକ ବିଭାଗର ଏହିସେବା ସୁବିଧା ପ୍ରଦାନ ପାଇଁ ଡାକ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ଜଣେ ଗିରଫ

ଗୋପାଳପୁର, ୧୯।୮ (ନବୀନ ରାଜ୍ ଆଚାରୀ)

୧୬ନଂ. ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅଧୀନ ସୋରଲା ରୋଡ ଜଙ୍କସନ ନିକଟରୁ ଶନିବାର ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚାଳକ କେନ୍ଦ୍ରାପଡ଼ା ଜିଲା ହରିଅଙ୍କ ଗ୍ରାମର ସୁଶାନ୍ତ କୁମାର ମହାନ୍ତି (୪୨)ଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ରାଜ୍ୟରୁ ଗୌହାଟୀ ଏକ ଇକଚର୍ ଗାଡ଼ି (ନଂ ଓଡି୦୨ଏଟି୫୯୪୫) ଯୋଗେ ଗୌହାଟୀ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୂର୍ବାହ୍ନ ସାଢ଼େ ୧୧ଟାରେ ଗୋଳନ୍ଥରା ପୋଲିସ ଗାଡ଼ିକୁ ଯାଞ୍ଚ କରିଥିଲେ। ସେଥିରୁ ୧୧୦୮ କେଜି ୫୧୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲାର ସର୍ବାଧିକ ଗଞ୍ଜେଇ ଜବତ ହୋଇଥିବା ଜଣାପଡ଼ିଛି। ଏ ନେଇ ପୋଲିସ ଥାନା କେସ ନଂ .୪୦୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମାଜିଷ୍ଟ୍ରେଟ ଭାବେ କନିଷ୍ଠ ତହସିଲଦାର ପ୍ରଳୟାନନ୍ଦ ଶତପଥୀ ରହିଥିଲେ। ଉକ୍ତ ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ଚଳାଇଥିବା ନେଇ ଆଇପିଏସ୍ ପ୍ରୋବେସନ୍ ଅଙ୍କିତ ସୂଚନା ଦେଇଛନ୍ତି। ସୁଶାନ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।


ଜବତ ଗଞ୍ଜେଇ।

## ଜନସେବା କେନ୍ଦ୍ର ପୁରସ୍କୃତ

ମୋହନା, ୧୯।୮ (ମନ୍ମଥ ମିଶ୍ର)

ଉଲ୍ଲେଖନୀୟ ଅବଦାନ ରଖିଥିବା କିଛି ଜନସେବା କେନ୍ଦ୍ର ବିଜେତାଙ୍କ ନାମ ସ୍ଥାନୀୟ ତହସିଲ ପକ୍ଷରୁ ଘୋଷଣା କରାଯିବା ସହ ବିଜେତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋହନାର ରଥ ଜନସେବା କେନ୍ଦ୍ର ମାଲିକ ଯୋଗେନ୍ଦ୍ର ରଥ, ଚନ୍ଦ୍ରଗିରିର ରିତେଶ ସର୍ଭିସ୍ ପଏଣ୍ଟ, ପରିଚାଳକ ପିତାମ୍ବର ଦଳପତି, ବିରିକୋଟ ଗ୍ରାମର ସୁନୀଲ ଗମାଙ୍ଗଙ୍କ ଦ୍ୱାରା ପରିଚାଳିତ ବ୍ଲେସିଙ୍ଗ କମ୍ୟୁନିକେସନ୍ ଜନସେବା କେନ୍ଦ୍ରକୁ ତହସିଲଦାର ହିମାଂଶୁ ଭୂଷଣ ପଲାଇ ପୁରସ୍କୃତ କରିଛନ୍ତି।

## ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦ।

ଆର.ଉଦୟଗିରି, ୧୯।୮ (ମନୋଜ କୁମାର ପାଢ଼ୀ)

ଆର.ଉଦୟଗିରି କଲ୍ୟାଣ ମଣ୍ଡପରେ ମୋହନା ନିର୍ବାଚନ ମଣ୍ଡଳୀରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ଆର.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ଜିଲା ମହିଳା ସଭାପତି ତଥା ରାୟଗଡ ଚେୟାରମ୍ୟାନ ପୂର୍ଣ୍ଣବାସୀ ନାୟକ, ଉପସଭାପତି ଦଣ୍ଡାସୀ ସାହୁ, ସମସ୍ତ ବ୍ଲକ୍ ସଭାପତି, ସରପଞ୍ଚ, ସମିତି ସଭ୍ୟରସଭ୍ୟ, ଜିଲା ପରିଷଦ, ଏମ୍.ପି ପ୍ରତିନିଧି, ତଥା ସମସ୍ତ ବିଜୁପରିବାରର କର୍ମୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନା ଜନସାଧାରଣଙ୍କୁ ଅବଗତ କରାଇବା ସହ ଜଙ୍ଗଲ ଜମିର ପଟା ବଣ୍ଟନ କରିଛନ୍ତି। ତତସହିତ ନୂଆଗଡ଼ ବ୍ଲକ୍‌ରେ କଲ୍ୟାଣ ମଣ୍ଡପ, ପାରଳାଖେମୁଣ୍ଡିରେ ଜିଲା ବିଜେଡି କାର୍ଯ୍ୟାଳୟ ମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟନ ହୋଇଛି।

# ଲଗାଣ ବର୍ଷାରେ ଭେଣ୍ଡି ଫସଲ ନଷ୍ଟ, ଚିନ୍ତାରେ ଚାଷୀ

### କୃଷି ଅଧିକାରୀଙ୍କ ତଦନ୍ତ ଆରମ୍ଭ

**ଗଞ୍ଜାମ, ୧୯।୮ (ବିଦ୍ୟାଧର ସାହୁ):** ଗଞ୍ଜାମ ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଭେଣ୍ଡି ଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଖାରେଡି ରାଧା ଗୋବିନ୍ଦ ପୁର ଓ ସାନ ରାମଚନ୍ଦ୍ରପୁର ପଞ୍ଚାୟତରେ ଚାଷ ଜମିମାନଙ୍କରେ ଭେଣ୍ଡି ଆଳା ନଷ୍ଟ ହୋଇ ପଡିଥିବା ଯୋଗୁଁ ସ୍ଥାନୀୟ ଚାଷୀକୁଳ କ୍ଷତିଗ୍ରସ୍ଥ ହୋଇଛନ୍ତି। ଉଭୟ ପଞ୍ଚାୟତର ୭ ଖଣ୍ଡ ଗ୍ରାମର ଚାଷୀ ହେକ୍ଟର ହେକ୍ଟର ଜମିରେ ରବି ଫସଲ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ସାହୁକାର ଠାରୁ ଟଙ୍କା କରଜ କରି ଋଣ ଭାରରେ ବୁଡି ରହିଥିବା ଚାଷୀ କିପରି ଋଣ ପରିଶୋଧ କରିବ ସେହି ଚିନ୍ତାରେ ପଡିଛନ୍ତି । କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ସହ ଉଦ୍ୟାନ ଅଧିକାରିଣୀ ସନ୍ଧ୍ୟା ମିଶ୍ର ଓ ସନ୍ତୋଷିନୀ ପ୍ରଧାନ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ଡିଆଁଡେଇଁ ଗ୍ରାମରେ ପହଞ୍ଚି ଏହାର ତଦନ୍ତ କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ରମ୍ଭା ସହରର ବଳରାମ ରେଡ଼ି ଓ ଶରତ କୁମାର ଜେନାଙ୍କ ନିକଟରୁ ରାଧିକା, ଇହା, ରାଣୀ ଓ ବଚନ କିସମର ଭେଣ୍ଡି ମଞ୍ଜି ଆଣି ଚାଷ କରିଥିଲେ। ଗଛ ଓ ଭେଣ୍ଡିଗୁଡିକ ଧଳା ହୋଇପଡିଥିବା ଏବଂ ଭେଣ୍ଡି ଗୁଡିକ ବୃଦ୍ଧି ପାଉନଥିବା ଅଭିଯୋଗ ହୋଇଛି। ଫଳରେ ବ୍ୟବସାୟୀ ଉକ୍ତ ଭେଣ୍ଡି ଖରିଦ କରିବାକୁ ପସନ୍ଦ କରୁନଥିବା ନେଇ ଚାଷୀ କୁଳ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଲିଖିତ ଅବଗତ କରିବା ସହ ସରକାରୀ ସହାୟତା ନିମନ୍ତେ ଦାବି କରିଛନ୍ତି। ମନୋରଞ୍ଜନ ନାହାକ, ବସନ୍ତ ନାହାକ, ସମିର ନାହାକ, ଦୟା ଦାସ, ଗୟା ଦଳାଇ, ମଙ୍ଗୁଲୁ ନାହାକ, ତାରିଣୀ ନାହାକ, ନବ ନାହାକ, ସାବିତ୍ରୀ ନାହାକ, ପ୍ରବୀଣ ଦଳାଇ ପ୍ରମୁଖ ଚାଷୀ କୃଷି ଓ ଉଦ୍ୟାନ ବିଭାଗ ଅଧିକାରିଣୀଙ୍କ ସହ ଆଲୋଚନା କରିବା ସହ ଲିଖିତ ଅଭିଯୋଗ କରିଛନ୍ତି।


ଚାଷୀଙ୍କ ସହ ଆଲୋଚନା କରୁଛନ୍ତି କୃଷି ଅଧିକାରୀ।

## ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ପ୍ରଶାସନର ସମୀକ୍ଷା

କୋଦଳା, ୧୯।୮
(ଅମିତ କୁମାର ପଟ୍ଟନାୟକ):

୫-ଟି ସଚିବ ଭି. କେ. ପାଣ୍ଡିଆନ ଆସନ୍ତା ୨୫ ତାରିଖରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଗୁନିଆପଡ଼ା ବ୍ଲକ ଗସ୍ତ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ଶନିବାର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ବେଗୁନିଆପଡା ବ୍ଲକ ଗସ୍ତ କରି ବାପୁଜୀ ଷ୍ଟାଡିୟମକୁ ଯାଇ ବୁଲି ଦେଖିଥିଲେ। ତାଙ୍କ ସହ ବିଡ଼ିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହା ପରେ ଗଞ୍ଜାମ ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର ମଧ୍ୟ ଏହି ଷ୍ଟାଡିୟମକୁ ଗସ୍ତ କରି ସ୍ଥିତି ପରଖିଥିଲେ। ଏହି ସମୟରେ କୋଦଳା ତହସିଲଦାର ସସ୍ମିତା ଶତପଥୀ, ଏବିଡ଼ିଓ ନିରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ ପ୍ରଭୃତି ଉପସ୍ଥିତ ଥିଲେ।

## ଖଡୁରା ସମାଜର ପେଣ୍ଠ କମିଟି ଗଠିତ

କୋଦଳା, ୧୯।୮ (ଅମିତ କୁମାର ପଟ୍ଟନାୟକ):



କୋଦଳା ଖଡୁରା ସମାଜ ଜାତିର ଏକତା ଏବଂ ମାନବୃଦ୍ଧି ପାଇଁ ପେଣ୍ଠ କମିଟି ଗଠିତ ହୋଇଛି। ସ୍ଥାନୀୟ ଦଣ୍ଡିଶ୍ୱର ମନ୍ଦିର ପରିସରରେ ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସଭାପତି ଭାବେ ଜୟନାରାୟଣ ନାୟକ, ଉପସଭାପତି ଅଜୟ ନାୟକ, ସମ୍ପାଦକ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ସନ୍ନାସୀ ନାୟକ ଚୟନ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିରଞ୍ଜନ ସୁବୁଦ୍ଧି, ପୀତବାସ ନାୟକ, ଅରୁଣ ନାୟକ ମଙ୍ଗୁଲୁ ନାୟକ, ଚିତ୍ରସେନ ନାୟକ, ସନ୍ତୋଷ ମହାପାତ୍ର, ମିଟୁ ସୁବୁଦ୍ଧି, କାଳିଆ ନାୟକ, ବାବୁ ନାୟକ ପୂର୍ଣଚନ୍ଦ୍ର ସୁବୁଦ୍ଧି ଏବଂ ଯୁଧିଷ୍ଠିର ସାହୁ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମରେ କୋଦଳା ଖଡୁରା ସମାଜର ବହୁ ବ୍ୟକ୍ତିଗଣ ଉପସ୍ଥିତ ଥିଲେ।

# ନିର୍ମାଣର ୩ ମାସ ନ ପୂରୁଣୁ ସ୍କୁଲ ଛାତରୁ ଝରୁଛି ପାଣି

### ନିମ୍ନମାନ କାର୍ଯ୍ୟର ତଦନ୍ତ ଦାବି

**ଫିରିଙ୍ଗିଆ, ୧୯।୮ (ବିକ୍ରମ ଦିଗାଲ)**

ରାଜ୍ୟ ସରକାର ୫-ଟି ଅଧୀନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ସ୍ମାର୍ଟ ଶ୍ରେଣୀ କୋଠରି ନିର୍ମାଣ କରୁଛନ୍ତି। ବିଦ୍ୟାଳୟର କଳାପଟାଠାରୁ ଆରମ୍ଭ କରି ସାଇନ୍ସ ଲାବ୍, କମ୍ପ୍ୟୁଟର ଲାବ୍, ଅତ୍ୟାଧୁନିକ ପାଠାଗାର ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। କିନ୍ତୁ କିଛି ଅସାଧୁ ଠିକାଦାର ଓ ବିଭାଗର ଲାଞ୍ଚୁଆ ଯନ୍ତ୍ରୀମାନଙ୍କ ପାଇଁ ଏହିସବୁ ବିଦ୍ୟାଳୟର କୋଠାଗୁଡିକ ନିର୍ମାଣ ଅତି ନିମ୍ନମାନର ହୋଇଛି। କେଉଁଠି କାମ ସରିବାର ତିନିମାସ ନ ପୂରୁଣୁ ଛାତରୁ ପାଣି ଝରିଲାଣି ତ ଆଉ କେଉଁଠି କାନ୍ଥଗୁଡିକରେ ପାଣି ପଶି ଖରାପ ହେବାକୁ ଲାଗିଲାଣି। ଏମିତି ଏକ ସ୍ମାର୍ଟ ବିଦ୍ୟାଳୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଜାଜେଶପାଙ୍ଗା ଗାଁରେ। ଫିରିଙ୍ଗିଆ ବ୍ଲକର ଏହି ଜାଜେଶପାଙ୍ଗାଠାରେ ଥିବା ଆଦିବାସୀ ଉଚ୍ଚ ବିଦ୍ୟାଳୟ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ କାମଟିକୁ ଫିରିଙ୍ଗିଆ ବ୍ଲକ ସୁମେରବନ୍ଧ ପଞ୍ଚାୟତ ରିବିକଦା ଗାଁର ଠିକାଦାର ଚନ୍ଦ୍ରମଣି ରଣାଙ୍କ ଦ୍ୱାରା କରାଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟର କାର୍ଯ୍ୟ ଶେଷ ହୋଇଥିବା ବେଳେ ଗତ ତିନିମାସ ହେବ ବିଦ୍ୟାଳୟର ଉଦ୍‌ଘାଟନ ମଧ୍ୟ ହୋଇସାରିଛି । କିନ୍ତୁ ବିଦ୍ୟାଳୟ ଛାତରେ ପାଣି ଜମି ରହିବା ସହ କାନ୍ଥଗୁଡ଼ିକରୁ ପାଣି ବାହାରୁଛି। ଏହାସହ ନିମ୍ନମାନର କାମ ଯୋଗୁ ଛାତରେ ହାତ ମାରିଦେଲେ ସିମେଣ୍ଟ ଗୋଡ଼ି ବଦଳରେ କେବଳ ବାଲି ହିଁ ବାହାରୁଛି। ତେଣୁ ଏହି ବିଦ୍ୟାଳୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେବା ସହ ଅତି ନିମ୍ନମାନର କାମ ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ସହ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ନିମ୍ନମାନ କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ ଠିକାଦାର ରଣାଙ୍କୁ ପଚାରିବାରୁ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ନିର୍ମାଣ କରାଯାଇଥିବା କହିଥିବାବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୁନୀଲ କୁମାର ପାତ୍ରଙ୍କୁ ପଚାରିବାରୁ ଛାତରେ ପାଣି ଜମାହେବା କଥାକୁ ସ୍ୱୀକାର କରିବା ସହ ଆଉଥରେ ଛାତର ଗ୍ରୀଡିଙ୍ଗ୍ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ଅନ୍ୟପଟେ ଯନ୍ତ୍ରୀ ଜଣକ ଫିରିଙ୍ଗିଆ ବ୍ଲକରେ ଏକାଧିକ ବିଦ୍ୟାଳୟ ନିର୍ମାଣ ଦାୟିତ୍ୱରେ ଥିବା ବେଳେ ପ୍ରାୟ ସମସ୍ତ ବିଦ୍ୟାଳୟରେ ଏଭଳି ସମସ୍ୟା ରହିଥିବା ଅଭିଯୋଗ ହୋଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଓ କିଛି ପୂର୍ବତନ ବରିଷ୍ଠ ଛାତ୍ର ଦାବି କରିଛନ୍ତି।




# ତଥ୍ୟ ଭୁଲ ପାଇଁ ହିତାଧିକାରୀ ହଟହଟା

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ

ଦାରିଙ୍ଗବାଡି, ୧୯।୮ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳୁଛି। ହେଲେ ଅନୁଦାନ ପାଇବାରେ ବିଳମ୍ବ ଯୋଗୁଁ ସେମାନେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ଜୁନରେ ବ୍ଲକ ଅଞ୍ଚଳରେ ୨୫ ପଞ୍ଚାୟତରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ମୋଟ ବ୍ଲକ ଅଞ୍ଚଳରେ ୨୫ ପଞ୍ଚାୟତରେ ୫ ହଜାର ୨୫ଜଣଙ୍କୁ ଏହି କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ଏକାଧିକ ହିତାଧିକାରୀଙ୍କ ଡକ୍ୟୁମେଣ୍ଟ ଯଥା ଆଧାର, ଭୋଟ ପରିଚୟ ପତ୍ର, ବ୍ୟାଙ୍କ ଆକାଉଣ୍ଟ ଆଦିରେ ଭୁଲ ଏବଂ ଡାଟା ଏଣ୍ଟ୍ରି ବେଳେ ଭୁଲ ପାଇଁ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ଏପରକି କେତେଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ ଅନୁଦାନ କିସ୍ତି ୪୦ ହଜାର ଟଙ୍କା ଅନ୍ୟ ଜଣଙ୍କ ବ୍ୟାଙ୍କ ଖାତାକୁ ଯାଇଥିବା ଅଭିଯୋଗ ମଧ୍ୟ ହୋଇଛି। ସିକାବର୍ଗ ପଞ୍ଚାୟତ ସୁଶୀଳ ବଳିୟାରସିଂଙ୍କ ଆଧାର ନମ୍ବର ବଦଳରେ ଅନ୍ୟ ଜଣଙ୍କ ଆଧାର ନମ୍ବର ଦିଆଯାଇଥିବା ସୁଶୀଳ ବିଡ଼ିଓ ଗଦାଧର ପାତ୍ରଙ୍କ ନିକଟରେ ଅଭିଯୋଗ ହୋଇଛଇ। ସେହିପରି ସିମନବାଡି ପଞ୍ଚାୟତର କାଥରୀନା ଦିଗାଲଙ୍କୁ କାର୍ଯ୍ୟାଦେଶ ମିଳିବାର ୨ ମାସ ବିତିଥିଲେ ସୁଦ୍ଧା ତାଙ୍କ ତଥ୍ୟ ଭୁଲ ପାଇଁ ଆଜି ପର୍ଯ୍ୟନ୍ତ ସେ ପ୍ରଥମ କିସ୍ତି ପାଇନାହାନ୍ତି କି ଗୃହ ନିର୍ମାଣ ଆରମ୍ଭ କରିପାରି ନ ଥିବା ଜଣାପଡିଛି। ତାଙ୍କ ସ୍ୱାମୀ ତବିଆସ ପ୍ରଧାନ ହୋଇଥିବା ବେଳେ କାର୍ଯ୍ୟାଦେଶରେ ଭୁଲ ତଥ୍ୟ ରହିଥିବା କାଥରୀନା ଅଭିଯୋଗ କରିଛନ୍ତି। ଏ ନେଇ ବିଡ଼ିଓ ଗଦାଧର ପାତ୍ର କହିଛନ୍ତି ଯେ ଏଭଳି ଭୁଲ ତଥ୍ୟ ଓ ଅନ୍ୟ ବ୍ୟାଙ୍କ ଖାତାକୁ ଅର୍ଥ ଯାଇଥିବା ନେଇ ପ୍ରାୟ ୨୦ଟି ଅଭିଯୋଗ ଆସିଛି। ତଦନ୍ତ ଚାଲିଛି ଯଦି ଭୁଲରେ ଅନ୍ୟ ବ୍ୟାଙ୍କ ଖାତାକୁ ପ୍ରକୃତ ହିତାଧିକାରୀଙ୍କ କିସ୍ତି ଟଙ୍କା ଯାଇଥିବ ତେବେ ସେମାନଙ୍କ ଠାରୁ ତାହା ଅସୁଲ କରାଯିବ ବୋଲି ବିଡ଼ିଓ କହିଛନ୍ତି।


ଅଭିଯୋଗକାରୀ ମହିଳା।

## ସଂକ୍ଷେପରେ

### ବାଇକ ଚୋରି ଉଦ୍ୟମ ବେଳେ ଯୁବକଙ୍କୁ ପୋଲିସ ଜିମା

ପାଣିକୋଇଲି,୧୯।୮(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗଳି ପୋଲ ତଳୁ ବାଇକ୍ ଚୋରି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ କାବୁ କରି ଲୋକେ ପୋଲିସ ଜିମା ଦେଇଛନ୍ତି। ଶନିବାର ମଧ୍ୟାହ୍ନରେ ପଥରପଦା ଗଳି ପୋଳ ତଳେ ବାଇକ ରଖି ଜଣେ ବ୍ୟକ୍ତି ନିଜ ଦୋକାନରେ କାମ କରୁଥିବାବେଳେ ଯୁବକ ତାଙ୍କ ବାଇକ ଲକ ଖୋଲିବାକୁ ଉଦ୍ୟମ କରୁଥିଲେ। ତତକ୍ଷଣାତ୍ ସେ ତାଙ୍କୁ ଯାଇ କାବୁ କରିବାରେ ସକ୍ଷମ ହୋଇଥିଲେ। ଉକ୍ତ ଯବୁକ ଜଣଙ୍କ ପଶ୍ଚିମବଙ୍ଗ ଝାଡ଼ଗ୍ରାମ ନରସିମୂଳ କପ୍ତିସେଲେ ଗ୍ରାମର ପୁଲିନ କପଟଙ୍କ ପୁଅ ରାଜୀବ କପଟ (୨୬) ବୋଲି ଜଣାପଡ଼ିଛି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

### ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ନୂତନ କର୍ମକର୍ତ୍ତା

ବଡ଼ଚଣା,୧୯।୮(ଦିଲୀପ କୁମାର ମହାନ୍ତି): ଚଣ୍ଡିଖୋଲସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ୨୦୨୩-୨୪ ଓ ୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏନେଇ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ନିର୍ବାଚନ ଅଧିକାରୀ ଚନ୍ଦନ କୁମାର ନାୟକଙ୍କ ପରିଚାଳନାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଅଜାମ୍ବର ସାହୁ, ଉପସଭାପତି ସରୋଜ କୁମାର ରାଉତ, ସମ୍ପାଦକ ଅମିତ କୁମାର ସାହୁ, ସହସମ୍ପାଦକ ମହେନ୍ଦ୍ର କୁମାର ଦାସ, ଯୁଗ୍ମସମ୍ପାଦକ ଅଶୋକ କୁମାର ପରିଡ଼ା ଓ କୋଷାଧ୍ୟକ୍ଷ ଭାବେ ରଜନୀକାନ୍ତ କରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସଂଘ ଉପଦେଷ୍ଟା ପ୍ରମୋଦ କୁମାର ନାୟକ, ଚନ୍ଦନ କୁମାର ନାୟକ, ବିନୋଦ କୁମାର ନାୟକଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ରାଷ୍ଟ୍ରୀୟ ସଦ୍‌ଭାବନା ଦିବସ ଶପଥ ପାଠ



ଯାଜପୁର ଟାଉନ,୧୯।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଜିଲାସ୍ତରୀୟ ରାଷ୍ଟ୍ରୀୟ ସଦ୍‌ଭାବନା ଦିବସ ଶପଥ ପାଠ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶପଥ ପାଠରେ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା, ସଦ୍‌ଭାବନା ପାଇଁ ଶପଥ ପାଠ ସହ ନିଜ ନିଜ ଭିତରେ ଶାନ୍ତି, ମୈତ୍ରୀ ଓ ଭାଇଚାରା ବଜାୟ ରଖିବାକୁ ନାୟକ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡ୍ଡୁ, ଜିଲା ମଙ୍ଗଳ ଅଧିକାରୀ ଶରତ କୁମାର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ, ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟର ବରିଷ୍ଠ ସହାୟକ ସୁବ୍ରତ କୁମାର କାନୁନ୍‌ଗୋଙ୍କ ପରିଚାଳନାରେ ହୋଇଥିଲା। ସାନ୍ତନୁ କୁମାର ସାହୁ, ସୁରେନ୍ଦ୍ର ନାଥ ସାହୁ, ସତ୍ୟଜି ନାୟକ ଯୋଗଦେଇ ସହଯୋଗ କରିଥିଲେ।

### ଖରସ୍ରୋତା ନଦୀରେ କୁମ୍ଭୀର

ସିଂହପୁର,୧୯।୮(ଅନଙ୍ଗ ଉଦୟ ବେଉରିଆ) ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀର ସିଂହପୁର ଓ ଆଖପାଖ ଅଞ୍ଚଳରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ଏହାକୁ ନେଇ ଲୋକେ ଭୟଭିତ ହୋଇ ପଡ଼ିଛନ୍ତି। ନଦୀରେ କୁମ୍ଭୀର ଚଳପ୍ରଚଳ କରୁଥିବା ଖବର ପ୍ରଚାର ହେବା ପରେ ନଦୀକୁଳିଆ ଲୋକେ ଆତଙ୍କ ଅବସ୍ଥାରେ ରହିଛନ୍ତି। ରାତିପାହିଲେ ଲୋକେ ନଦୀ ଉପରେ ନିର୍ଭର କରୁଥିବାରୁ କୁମ୍ଭୀର ଆତଙ୍କ ମନଭିତରେ ଭୟ ସୃଷ୍ଟି କରିଛି। ଏବେଠାରୁ ନଦୀକୁ ନ ଯିବାକୁ ବୁଦ୍ଧିଜୀବୀ ପରାମର୍ଶ ଦେଇଛନ୍ତି। ଶନିବାର ନଦୀକୁ ଅଧିକାଂଶ ଲୋକେ ଭୟରେ ଯାଇ ନ ଥିବା ଦେଖାଯାଇଛି।

# କାର୍ଯ୍ୟ ଚୁକ୍ତିକୁ ଠିକାଦାରଙ୍କ ଅଣଦେଖା

**ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ**

- ୪ ଠିକାସଂସ୍ଥାକୁ ଜବାବ ତଲବ
- ଶୁଖୁଆପଦା ଶିଳ୍ପୀ ଗ୍ରାମକୁ ଆଲୋକୀକରଣ କାର୍ଯ୍ୟ ଅଧାପନ୍ତରିଆ
- ସରୁନି ହାଇଲେଭଲ କେନାଲ, ମିଶନ ଶକ୍ତି ଭବନ, ରାସ୍ତା କାର୍ଯ୍ୟ



ବୈରୀଠାରୁ ଚଣ୍ଡିଖୋଲ ଜଳସେଚନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହାଇଲେଭଲ କେନାଲ ଡାହାଣ ପାର୍ଶ୍ୱ ବନ୍ଧ ଉନ୍ନତୀକରଣ କାର୍ଯ୍ୟ ଚାଲିଛି।

ଯାଜପୁର,୧୯।୮(ହର୍ଷବର୍ଦ୍ଧନ ବେହେରା) ଯାଜପୁର ଜିଲାର ବଡ଼ଚଣା ଓ ବରୀ ବ୍ଲକର ଏକାଧିକ ରାସ୍ତା, ଗୃହ, ନଦୀବନ୍ଧ, ଆଲୋକୀକରଣ ଆଦି ନିର୍ମାଣ ଓ ମରାମତି ଦାୟିତ୍ୱ ପଡ଼ୋଶୀ କଟକ ଜିଲା ଚାର୍‌ବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ରହିଛି। ଏହିସବୁ ରାସ୍ତାଗୁଡ଼ିକ ଉପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ନିୟମିତ ଭାବେ ସମୀକ୍ଷା ହେଉ ନ ଥିବାରୁ ମନମୁଖି ନିର୍ମାଣ ସହ ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି। ଏପରିକି କେତେଜଣ ପ୍ରତିଷ୍ଠିତ ଠିକାଦାର ବିଭାଗୀୟ ଚୁକ୍ତିକୁ ଅଣଦେଖା କରୁଥିବାରୁ ରାସ୍ତା ନିର୍ମାଣ, ସମ୍ପ୍ରସାରଣ କିମ୍ବା ମରାମତି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ନିର୍ମାଣ ସମୟରେ ହିଁ ଅଧିକାଂଶ ଭାଗ ରାସ୍ତା ନଷ୍ଟ ହେଉଥିବା ମତପ୍ରକାଶ ପାଉଛି। ଏହିକ୍ରମରେ ରାଜ୍ୟ ସରକାର ବହୁ କୋଟି ଟଙ୍କା କ୍ଷତି ସହିବା ସହ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବହୁ କୋଟି ଟଙ୍କା ମଞ୍ଜୁର ହୋଇ ନିର୍ମାଣାଧୀନ ନଦୀବନ୍ଧ, ମିଶନ ଶକ୍ତି ଭବନ, ଆଲୋକୀକରଣ ଏବଂ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଚାରବାଟିଆ ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ନିର୍ମାଣ ଦାୟିତ୍ୱରେ ଥିବା କ୍ରିଷ୍ଣା କନଷ୍ଟ୍ରକ୍ସନ, ପ୍ରେମସାଇ କନଷ୍ଟ୍ରକ୍ସନ, ଇଲେକ୍ଟ୍ରିକାଲ ଏମ୍‌ଭି କ୍ଲାସ କଣ୍ଟ୍ରାକ୍ଟର ମାରୁତି କନଷ୍ଟ୍ରକ୍ସନ ଓ ରାଉତ ଇନଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍ କର୍ତ୍ତୃପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ତେବେ ଏଭଳି ଜବାବ ତଲବ କାଗଜପତ୍ରରେ ସୀମିତ ରହି ଆସୁଥିବାରୁ ଠିକାଦାରମାନେ କାହାରିକୁ ଭ୍ରୂକ୍ଷେପ କରୁ ନ ଥିବା ଚର୍ଚ୍ଚା ହେଉଛି।

ଯାଜପୁର ଜିଲା ଅନ୍ତର୍ଗତ ବୈରୀଠାରୁ ଚଣ୍ଡିଖୋଲ ଜଳସେଚନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୬.୬୦୦ କି.ମି. ଲମ୍ବ ହାଇଲେଭଲ କେନାଲ ଡାହାଣ ପାର୍ଶ୍ୱ ବନ୍ଧ ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ପାଇଁ ଚାରବାଟିଆ ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ୭୪ ଲକ୍ଷ ୨୮ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ କ୍ରିଷ୍ଣା କନଷ୍ଟ୍ରକ୍ସନ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ୨୨।୬।୨୦୨୨ରେ ଏହା ଆରମ୍ଭ ହୋଇଥିବାବେଳେ ୨୧।୫।୨୦୨୩ ରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଚୁକ୍ତିରେ ନିର୍ଦ୍ଧାରିତ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ୪ କୋଟି ୮ ଲକ୍ଷ ୩ ହଜାର ଟଙ୍କା (୪୬.୬୭%) କାମ ସରିଛି। ଚୁକ୍ତି ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏହି ଗୁରୁତ୍ୱପୂର୍ଣ୍ଣ କେନାଲ ବନ୍ଧ ଅସମ୍ପୂର୍ଣ୍ଣ ରହିଛି। ଫଳରେ ବର୍ଷା ସମୟରେ କିଛି ଅଂଶ କାର୍ଯ୍ୟ ଧୋଇ ହୋଇଯାଇଛି। ନିମ୍ନମାନର ଏବଂ ଆବଶ୍ୟକ ଅନୁଯାୟୀ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇ ନ ଥିବାରୁ ତାହା ସହଜରେ ନଷ୍ଟ ହୋଇଯାଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ରହିଥିବାରୁ ସିଂହଭାଗ ଅର୍ଥ ହେରଫେର ହେଉଥିବା ଚର୍ଚ୍ଚା ହେଉଛି।

ବଡଚଣା ବ୍ଲକସ୍ତରରେ ନିର୍ମାଣାଧୀନ ମିଶନ ଶକ୍ତି ଭବନରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ୨୦।୩।୨୦୨୨ରେ ଆରମ୍ଭ ହୋଇ ୨୦।୭।୨୦୨୩ରେ ସମ୍ପୂର୍ଣ୍ଣ କରିବାକୁ ଚୁକ୍ତି ହୋଇଥିଲା। କିନ୍ତୁ ସମ୍ପୃକ୍ତ ଠିକାସଂସ୍ଥା ପ୍ରେମସାଇ କନଷ୍ଟ୍ରକ୍ସନ ଚୁକ୍ତି ଅନୁଯାୟୀ ବ୍ୟୟ ଅଟକଳର ୪୫.୧୭ ଲକ୍ଷ ଟଙ୍କାରୁ ମାତ୍ର ୪୧.୫୦% ଅର୍ଥାତ ୧୮.୭୪ ଲକ୍ଷ ଟଙ୍କାର କାମ ସାରିଛି। ଏହିକ୍ରମରେ ବିଭାଗ ପକ୍ଷରୁ ବ୍ୟୟ ଅଟକଳର ଦର ବୃଦ୍ଧି କରିବାର ସୁଯୋଗ ଦେବାକୁ ଉଦ୍ୟମ କରାଯାଉଥିବା ସନ୍ଦେହ ଉପୁଜିଛି।

ଯାଜପୁର ଜିଲାର ଶୁଖୁଆପଡ଼ା ଗ୍ରାମ କୁଟୀର ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି। ପ୍ରତିବର୍ଷ ଏହି ଗ୍ରାମ ଓ କାରିଗରଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରାଯାଉଛି। ଏହିକ୍ରମରେ ୫୩ ନମ୍ବର ଜାତୀୟ ରାଜପଥର ବନ୍ଦେଶ୍ୱର ଛକଠାରୁ ଶୁଖୁଆପଡ଼ା ଏବଂ କାରିଗରମାନଙ୍କ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ସମ୍ବଲପୁର ଅଇଁଠାପାଲି ଅଞ୍ଚଳର ମାରୁତି କନଷ୍ଟ୍ରକ୍ସନ ଇଲେକ୍ଟ୍ରିକାଲ ଏମ୍‌ଭି କ୍ଲାସ କଣ୍ଟ୍ରାକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ୨୮।୧୦।୨୦୨୨ରେ ଆରମ୍ଭ ହୋଇ ୨୭।୧।୨୦୨୩ରେ ଶେଷ କରିବାକୁ ନିର୍ଦ୍ଧାରିତ ହୋଇଥିଲା। ତେବେ ଅବଧି ଶେଷହେବାର ପ୍ରାୟ ୭ ମାସ ଅତିକ୍ରାନ୍ତ ହେବାକୁ ଥିବାବେଳେ କାର୍ଯ୍ୟର ଅଗ୍ରଗତି ଅତି ନୈରାଶ୍ୟଜନକ ରହିଛି। ଏହାବାଦ ନାମୀଦାମୀ କମ୍ପାନୀ ବଦଳରେ ଅତି ନିମ୍ନମାନର ବିଦ୍ୟୁତ୍ ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି।

ବଡ଼ଚଣାଠାରୁ ଦର୍ପଣୀ ୧୨.୭୦୦ କି.ମି. ରାସ୍ତାର ସୁଦୃଢ଼ୀକରଣ ଓ ସମ୍ପ୍ରସାରଣ ଏବଂ ମହାବିନାୟକ ମନ୍ଦିରକୁ ଆପ୍ରୋଚ୍ ରୋଡ୍ ପାଇଁ ୮ କୋଟି ୭୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ରାଉତ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା.ଲି. ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ୨।୮।୨୦୨୩ରେ ସାରିବାକୁ ନିର୍ଦ୍ଧାରଣ ହୋଇଥିଲେ ହେଁ ମାତ୍ର ୪୫% କାମ ସରିଛି। ଏଭଳି ଭାବେ ସମ୍ପୃକ୍ତ ଠିକାସଂସ୍ଥାଗୁଡ଼ିକ ଚୁକ୍ତିକୁ ଅଣଦେଖା କରୁଥିବାରୁ ଯୋଜନାର ସଫଳତା ଲୋକଙ୍କ ପାଖରେ ଠିକ ଭାବେ ପହଞ୍ଚିପାରୁ ନ ଥିବା ମତପ୍ରକାଶ ପାଇଛି।


### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲା
## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ ପରିବାର

ପାଣିକୋଇଲି,୧୯।୮(ବିକାଶ ମଲ୍ଲିକ): ଯାଜପୁର ଜିଲା ଦଶରଥପୁର ଥାନା ରାହାସାଇ ଗ୍ରାମର ଜଣେ ଦଳିତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଗତ ୧୧ ତାରିଖରେ ଥାନାରେ ଅଭିଯୋଗ ହୋଇଛି। ତେବେ ଏହି ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଦଶରଥପୁର ଥାନାଧିକାରୀ ଆପୋସ ସମାଧାନ ପାଇଁ ପୀଡ଼ିତ ପରିବାରକୁ ବାଧ୍ୟ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେବା ପରେ ମଧ୍ୟ ପୋଲିସ ଘଟଣାକୁ ଚାପି ଦେଇଥିଲା। ଏହାପରେ ୧୭ ତାରିଖରେ ମୂଳନିବାସୀ ୟୁନାଇଟେଡ ଫୋରମ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଯେନାଙ୍କ ହସ୍ତକ୍ଷେପ ପରେ ଥାନାରେ ଏକ ମାମଲା ନଂ.୧୩୮/୨୩ ରୁଜୁ ହୋଇଛି। ମାତ୍ର ପୋଲିସ ମାମଲା ରୁଜୁ କରି ଚୁପଚାପ ବସିଛି। ପୀଡ଼ିତ ପରିବାରକୁ ଅଭିଯୁକ୍ତ ପ୍ରଦୀପ ପଣ୍ଡିତ ହତ୍ୟାଧମକ ଦେଇଛନ୍ତି। ଏନେଇ ପୀଡ଼ିତ ପରିବାର ପୋଲିସଠାରୁ ନ୍ୟାୟ ନ ପାଇବାରୁ ଶନିବାର ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ନିକଟକୁ ଆସି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗର ୧୨ ଘଣ୍ଟା ମଧ୍ୟରେ ଏତଲା ପଞ୍ଜୀକରଣ ବାଧ୍ୟତାମୂଳକ। ଏନେଇ ସୁପ୍ରିମକୋର୍ଟଙ୍କ ଆଦେଶକୁ ଥାନାଧିକାରୀ ଉଲ୍ଲଙ୍ଘନ କରିବା ସହ ଡାକ୍ତରଖାନାର ରିପୋର୍ଟ ଅନୁଯାୟୀ ପୀଡ଼ିତ ଗୁରୁତର ଥିଲେ ବି ୩୦୭ ଦଫା ପୋଲିସ ନ ଲଗାଇବାରୁ ଥାନାଧିକାରୀ ବଦ୍ରିକା ବେହେରାଙ୍କୁ କଇଫତ ତଲବ କରାଯାଇଛି। ଏହାର ତଦନ୍ତ ପାଇଁ ଯାଜପୁର ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦିଆଯାଇଛି।

# ଧର୍ମଶାଳା ଅଞ୍ଚଳରେ କୁମ୍ଭୀର ଆତଙ୍କ

- ସତର୍କ କଲା ବନ ବିଭାଗ
- ଖବରର ସତ୍ୟତାକୁ ନେଇ ସନ୍ଦେହ

କାଏମା,୧୯।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଞ୍ଚଳର ବ୍ରାହ୍ମଣୀ ଶାଖା କେଲୁଅ ନଦୀରେ କୁମ୍ଭୀର ଥିବା ନେଇ ଆତଙ୍କ ସୃଷ୍ଟି ହୋଇଛି। ଏଥିଲାଗି ନଦୀକୁଳିଆ ଅଞ୍ଚଳବାସୀ ଭୟଭିତ ଅବସ୍ଥାରେ ଅଛନ୍ତି। କିଛି ଦିନ ତଳେ ବିରୂପା ନଦୀରେ ଏକ କୁମ୍ଭୀର ଆସି ବରୀ ବ୍ଲକ୍ ଅଞ୍ଚଳର ଜଣେ ମହିଳାଙ୍କୁ ଖାଇଯାଇଥିବାରୁ ସେହି ଭୟ ସମସ୍ତଙ୍କୁ ଘାରିଛି। ତେବେ ଏହି ଘଟଣା ମନରୁ ଲିଭି ନ ଥିବାବେଳେ ଧର୍ମଶାଳା କଦମପାଳ ଅଞ୍ଚଳର କେଲୁଅ ନଦୀରେ କୁମ୍ଭୀର ବାହାରିବା ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଏହା ସତ୍ୟ ନା ମିଥ୍ୟା ତାକୁ ନେଇ କୌଣସି ଖବର ମିଳିପାରିନାହିଁ। ସାମାଜିକ ଗଣମାଧ୍ୟମରେ ଦେଖା ଯାଉଥିବା ଘଟଣାକ୍ରମେ ପାଣି ମଧ୍ୟରେ ଏକ କୁମ୍ଭୀର ଭାସୁଛି ଓ ତାହାର ପିଠି ଦେଖାଯାଉଛି। କିଛି ସମୟ ପରେ କୁମ୍ଭୀର ବୁଡ଼ିଯାଉଛି। ଏହାର ଭିଡିଓ ସ୍ଥାନୀୟ ବାସିନ୍ଦା କରୁଛନ୍ତି। କିନ୍ତୁ ଭିଡିଓରେ ଦେଖା ଯାଉଥିବା କୁମ୍ଭୀର କେଉଁ ଅଞ୍ଚଳର ଓ କେଉଁ ନଦୀର ତାହାର ସତ୍ୟତା ଏବେ ଯାଏ ମିଳିପାରିନାହିଁ। ଏ ଭିଡିଓ କିଏ କରିଛନ୍ତି ସେ ବ୍ୟକ୍ତିଙ୍କ ପରିଚୟ ମଧ ମିଳି ପାରିନାହିଁ। ଏଣୁ ଲୋକଙ୍କ କୌଣସି କ୍ଷତି ନ ହେବା ପାଇଁ ବନ ବିଭାଗ ପକ୍ଷରୁ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ନଦୀକୁ ନ ଯିବା ପାଇଁ ସତର୍କ କରାଯାଇଛି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀ ଅଶ୍ୱିନୀ କୁମାର ସାହୁ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଖବର ଦେଇଥିଲେ କି ନଦୀରେ ଏକ କୁମ୍ଭୀର ଦେଖାଯାଇଛି। ତେଣୁ ସେ ଓ ତାଙ୍କ ଟିମ ଆସି ଗୋକନେଶ୍ୱରଠାରୁ ବଡ଼ ବାଲିକୁଦା ପର୍ଯ୍ୟନ୍ତ ପାଟ୍ରୋଲିଂ ଜାରି ରଖିଥିଲେ। ହେଲେ କୌଣସି କୁମ୍ଭୀର ନଜରକୁ ଆସିନାହିଁ। ତେବେ କୌଣସି କ୍ଷତି ନ ହେବା ପାଇଁ ଲୋକଙ୍କୁ ସର୍ତକ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।



ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଉଛି।

# ଜମାକାରୀଙ୍କ ଅର୍ଥ ଲୁଟି ଶାଖା ଡାକପାଳ ଅଟକ

- ଦେଉ ନ ଥିଲେ ଜମା ଖାତା
- ଲୁଟି ନେଇଛନ୍ତି ୪ ଲକ୍ଷ ୩୮ ହଜାର ଟଙ୍କା

ବ୍ରହ୍ମବରଦା,୧୯।୮ (ଯଯାତି କେଶରୀ ବେହେରା): ଯାଜପୁର ବ୍ଲକ୍ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତରେ ଥିବା ଝାଲପଡ଼ା ଶାଖା ଡାକଘର ପୋଷ୍ଟମାଷ୍ଟର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହିଅଭିଯୋଗପରେଗ୍ରାମବାସୀତାଙ୍କୁଅଟକରଖିଛନ୍ତି।

ସୂଚନା ମୁତାବକ, ଝାଲପଡ଼ା ପଞ୍ଚାୟତ ସାନବାଗସାହି ଗ୍ରାମର ରସିକ ପାଢ଼ୀଙ୍କ ସ୍ତ୍ରୀ ମାଳତୀ ପାଢ଼ୀ ଏହି ଶାଖାରେ ସଞ୍ଚୟ ଖାତା ଖୋଲି ୫ ଲକ୍ଷ ଟଙ୍କା ରଖିଥିଲେ। ନିୟମ ଅନୁସାରେ ଗ୍ରାହକ ସଞ୍ଚୟ ଖାତାରେ ଟଙ୍କା ଜମା କରିବା ପରେ ତାଙ୍କୁ ତତ୍‌କ୍ଷଣାତ ସଞ୍ଚୟ ଖାତା ଫେରସ୍ତ କରାଯିବା କଥା। ମାତ୍ର ଏଠାକାର ଶାଖା ଡାକପାଳ ରାମ ମୁଣ୍ଡା ତାଙ୍କ ସଞ୍ଚୟ ଖାତା ଫେରସ୍ତ କରୁ ନ ଥିଲେ। ପ୍ରତ୍ୟେକ ଦିନ ମହିଳାଜଣକ ଯାଇ ଖାତା ମାଗିବାରୁ ଶାଖା ଡାକପାଳ ଆଜି ଦେବି କାଲି ଦେବି କହି ଲୁଚୁଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ହୋଇଥିଲା। ଏପରି କି ଖାତା ମୁଁ କେଉଁଠି ରଖି ଦେଇଛି ମିଳୁନାହିଁ କହି ବାହାନ କରି ଚାଲିଥିଲେ ଶାଖା ଡାକପାଳ। ମହିଳା ବାରମ୍ବାର ଡାକଘରୁ ଫେରିବାରୁ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ତାଙ୍କ ସ୍ୱାମୀ ଗତ ୧୮ ତାରିଖ ସକାଳୁ ଡାକଘର ସାମ୍ନାରେ ଜଗି ରହିଥିଲେ। ଶାଖା ଡାକପାଳ ଆସିବା ମାତ୍ରେ ତାଙ୍କୁ ଖାତା ମାଗିଥିଲେ। ସେ ନ ଦେବାରୁ ଗ୍ରାମବାସୀ ମିଶି ତାଙ୍କୁ ଅଟକ ରଖିଥିଲେ।

ଏହାପରେ ଶାଖା ଡାକପାଳ ମାଳତୀଙ୍କ ଖାତାରେ ମାତ୍ର ୬୨ ହଜାର ଟଙ୍କା ଜାମ କରି ବାକି ୪ଲକ୍ଷ ୩୮ ହଜାର ଟଙ୍କା ଆତ୍ମସାତ କରିଥିବା ସ୍ୱୀକାର କରିଥିଲେ। ତେବେ ଶାଖା ଡାକପାଳ ଅଟକ ଘଟଣା ଜାଣିବା ପରେ ଧର୍ମଶାଳା ଡାକ ବିଭାଗର ଓଭରସିୟର ପ୍ରବୀଣ ଖୁଣ୍ଟିଆ ପହଞ୍ଚି ଶାଖା ଡାକଘରେ ଥିବା ସମସ୍ତ କାଗଜ ପତ୍ର ସହ କିଛି ସଞ୍ଚୟ ଖାତା ଜବତ କରିଥିଲେ। ଶାଖା ଡାକପାଳ ମୁଣ୍ଡାଙ୍କ ଘର କେନ୍ଦୁଝରେ ଜିଲା ଢେଙ୍କିକୋଟ ଗ୍ରାମରେ। ସେ ମାଳତୀଙ୍କ ଖାତା କେଉଁଠି ଲୁଚାଇ ରଖିଛନ୍ତି ସେ ବଷୟରେ ଏ ପର୍ଯ୍ୟନ୍ତ ସୂଚନା ଦେଇନାହାନ୍ତି। ଗ୍ରାମବସୀଙ୍କ ସହ ଜମାକାରୀ ପାଢ଼ୀ ତାଙ୍କୁ ଅଟକ ରଖିଥିବା ବେଳେ ରାତିରେ ଖବରପାଇ ତାଙ୍କ ସ୍ତ୍ରୀ ଓ ସାନ ଭିଣୋଇ ପହଞ୍ଚିଥିଲେ। ୫୦ ହଜାର ଟଙ୍କା ଦେଇ ବାକିତକ ଟଙ୍କା ଅଳ୍ପଦିନ ମଧ୍ୟରେ ଦେଇ ଦେବୁ, ଆମକୁ ଛାଡ଼ିଦିଅନ୍ତୁ କହିବାରୁ ଜାମାକରୀ ପାଢ଼ୀ ଖାତା ସହ ସବୁତକ ଟଙ୍କା ଦେବା ପାଇଁ ଅଡ଼ିବସିଥିଲେ। ରାତିସାରା ଜମାକାରୀଙ୍କ ସହ କିଛି ଗ୍ରାମବାସୀ ଡାକପାଳ ଓ ତାଙ୍କ ସ୍ତ୍ରୀ ଏବଂ ଭିଣୋଇଙ୍କୁ ଅଟକ ରଖିଥିଲେ। ଏହି କଥାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣାର ତଦନ୍ତ କରି ଜମାକାରୀଙ୍କ ଅର୍ଥ ଫେରାଇବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଥାନାରୁ ନ୍ୟାୟ ମିଳିଲାନି: ପୁଣି ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ନାବାଳିକାଙ୍କ ମା'

**ନାବାଳିକା ଅପହରଣର ୪ ମାସ ବିତିଲା**

ପାଣିକୋଇଲି,୧୯।୮(ମହେନ୍ଦ୍ର ସ୍ୱାଇଁ): ୪ ମାସ ହେଲା ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ନାବାଳିକାଙ୍କ ପରିବାର ବାରମ୍ବାର ଥାନାକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଶେଷରେ ନ୍ୟାୟ ପାଇଁ ତାଙ୍କ ମା' ପୁଣି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ମୁତାବକ, ବିଞ୍ଝାରପୁର ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଘଟଣା ଦିନ ଘର ସମ୍ମୁଖରେ ଛିଡା ହୋଇଥିବାବେଳେ ତାଙ୍କୁ ଉକ୍ତ ଥାନା ଅନ୍ତର୍ଗତ ତୋଟାସାହି(ମଧୁସୁଦନପୁର) ଗ୍ରାମର ହରି ଯେନା ଏକ ବାଇକରେ ବସାଇ ନେଇଯାଇଥିଲେ। ଝିଅକୁ ଖୋଜାଖୋଜି କରି ନ ପାଇବା ପରେ ତାଙ୍କ ମା' ଥାନାରେ ଅପହରଣ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୩୫/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଧରିବା ବଦଳରେ ନାବାଳିକାଙ୍କ ମା'ଙ୍କୁ ବାରମ୍ବାର ଥାନାକୁ ଡକାଇ ମାନସିକ ନିର୍ଯାତନା ଦେଉଛି। ଅଭିଯୁକ୍ତଙ୍କ ଜଣେ ସମ୍ପର୍କୀୟ ଥାନା କର୍ମଚାରୀ ହୋଇଥିବାରୁ ପୋଲିସ ତଦନ୍ତ ନ କରି ହାତବାନ୍ଧି ବସିଛି ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି।

ଥାନା ବାବୁଙ୍କ ପକ୍ଷପାତିତାକୁ ନେଇ ୪ ମାସ ମଧ୍ୟରେ ମହିଳା ଜଣକ ଦୁଇଥର ଜିଲା ପୋଲିସ ମୁଖିଆଙ୍କ ନିକଟରେ ମଧ୍ୟ ଫେରାଦ ହୋଇସାରିଛନ୍ତି। କିନ୍ତୁ ନ୍ୟାୟ ପାଇପାରି ନାହାନ୍ତି। ତାଙ୍କ ସ୍ୱାମୀ ୯ ବର୍ଷ ହେଲା ଆରପାରିରେ। ଗୋଟିଏ ବୋଲି ଝିଅକୁ ନେଇ ସେ ରହୁଥିଲେ। ଝିଅ ନ ଥବାରୁ ସେ ଭାଙ୍ଗି ପଡ଼ିଛନ୍ତି। ଶେଷରେ ନିରୁପାୟ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଆରକ୍ଷୀ ଅଧୀକ୍ଷକ ବିନୀତ୍ ଅଗ୍ରୱାଲଙ୍କୁ ଭେଟି ତାଙ୍କ ଝିଅକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଘଟଣା ସମ୍ପର୍କରେ ପୁଣି ଶୁଣିବା ପରେ ଦୁଇ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ମହିଳା ଜଣକ କହିଛନ୍ତି। ଯଦି ଦୁଇ ଦିନ ଭିତରେ ନ୍ୟାୟ ନ ମିଳେ ତେବେ ଆସନ୍ତା ଶନିବାର ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଲିଖିତ ଭାବେ ଜଣାଇଛନ୍ତି।

# ବ୍ୟବସାୟୀଙ୍କୁ ମିଳିବ ଏମିତି ଘର



ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ବେଳେ ଦୁଇଫୁଟ୍‌ର ବାଲି ଖୋଳାଯାଇ ପିଲର ପୋତା ଯାଇଛି।



ଯାଜପୁର ସହର ଉପକଣ୍ଠରେ ନିର୍ମାଣ ହୋଇଥିବା ଆରଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସ।

**୨ ଫୁଟ୍ ବାଲି ଉପରେ ଛିଡ଼ା ହୋଇଛି ଆରଏମସି ମାର୍କେଟ କମ୍ପ୍ଲେକ୍ସ**

ଯାଜପୁର ଟାଉନ,୧୯।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ସହର ଉପକଣ୍ଠରେ ନିର୍ମାଣ ଚାଲିଛି ଆରଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସ। ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବୈତରଣୀ ପଠାରେ ଆର୍‌ଏମ୍‌ସି ପକ୍ଷରୁ ବିସ୍ଥାପିତ ବ୍ୟବସାୟୀଙ୍କ ପାଇଁ ଗୃହ ନିର୍ମାଣ ଚାଲିଛି। ମାତ୍ର ଏହା ଏମିତି ନିର୍ମାଣ ହେଉଛି ଯେ, କେହି ବି ଦେଖିବେ ସେ ତାଜୁବ ହୋଇଯିବେ। କାରଣ ନଦୀପଠାରେ ବାଲି ଉପରେ ନିମ୍ନମାନର ଘର ନିର୍ମାଣ କରାଯାଉଛି। ଯାହା କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ସମ୍ଭାବନା ରହିଥିବାବେଳେ ଆରଏମସି ପକ୍ଷରୁ ନିୟମାନୁସାରେ ନିର୍ମାଣ ହେଉଥିବା କୁହାଯାଉଛି।

ସୂଚନା ଅନୁସାରେ, ଯାଜପୁର ସହରର ପ୍ରବେଶପଥ କିଆନାଳିକୁଳ ଛକଠାରେ ଦୀର୍ଘବର୍ଷ ଧରି ପରିବା ବ୍ୟବସାୟମାନେ ବସିଆସୁଥିଲେ। ଆର୍‌ଏମ୍‌ସି ପକ୍ଷରୁ ଏହି ପରିବା ମାର୍କେଟକୁ ନିୟନ୍ତ୍ରଣ କରାଯାଉଥିଲା। ଏହାକୁ ଲାଗି ଆର୍‌ଏମ୍‌ସିର ମଧ ଏକ ମାର୍କେଟ କମ୍ପ୍ଲେକ୍ସ ଥିଲା। ମାତ୍ର ମେଡିକାଲ କଲେଜ ନିର୍ମାଣ ଦୃଷ୍ଟିରୁ ଉଠା ଦୋକାନୀଙ୍କୁ ବାଳାଶ୍ରମ ପଡ଼ିଆରେ ଅସ୍ଥାୟୀ ଭାବେ ବସାଯାଇଥିବାବେଳେ ପୁରୁଣା ଘର ହରାଇ ଥିବା ବ୍ୟବସାୟଙ୍କ ପାଇଁ ଯାଜପୁରସହର ଉପକଣ୍ଠ ପଣସା ପଞ୍ଚାୟତ ମୋଟରଙ୍ଗାପାଳ ପାଖରେ ନୂତନ ଗୃହ ନିର୍ମାଣ କରି ମାର୍କେଟ କମ୍ପ୍ଲେକ୍ସ କରାଯାଉଛି। କିନ୍ତୁ ଏହି ଘରର ନିର୍ମାଣ ଶୈଳୀ ଅତ୍ୟନ୍ତ ନିମ୍ନମାନର ରହିଛି। ଏହି ସ୍ଥାନଦେଇ ନଦୀ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ନିର୍ମାଣ ଉଦ୍ଦେଶ୍ୟରେ ୧୦ଫୁଟ୍‌ର ବାଲି ପକାଇ ଏହାକୁ ପୋତାଯାଇଛି। ଅନ୍ୟ ପଟେ ମାତ୍ର ୨ଫୁଟ୍ ମାଟି ତାଡ଼ି ଗୃହ ପାଇଁ ପିଲର କରାଯାଇ ଏବେ ଗୃହ ନିର୍ମାଣ ଶେଷ ହୋଇଛି। ଠିକାଦାର ଏବଂ କେତେଜଣ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ପିସି କାରବାର ଓ ସରକାରୀ ଅର୍ଥ ଲୁଟ୍ ଉଦ୍ଦେଶ୍ୟରେ ଏପରି ନିମ୍ନମାନର କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହୋଇଛି। ମାତ୍ର ୨ ଫୁଟ୍ ଗଭୀରତାରୁ ପିଲର କରାଯାଉଥିବା ବେଳେ ବନ୍ୟାଜଳ ଆସିଲେ କେଉଁ ସମୟରେ ବି ଏହି ଘର ଭୁଶୁଡ଼ି ପଡ଼ିବାର ଭୟ ରହିଛି।

ଏନେଇ ଆର୍‌ଏମ୍‌ସି ଦାୟିତ୍ୱରେ ଥିବା ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କ କହିବା ଅନୁଯାୟୀ ନିୟମାନୁସାରେ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ନିର୍ମାଣ କାର୍ଯ୍ୟକୁ ଉଚ୍ଚ ମାନର ଯନ୍ତ୍ରୀ ତଦାରଖ କରୁଛନ୍ତି ବୋଲି ବିଡିଓ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ଠିକାଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ମନ୍ତବ୍ୟ ଦେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏପରି ନିମ୍ନମାନର କାର୍ଯ୍ୟ କରାଯାଉଥିବାବେଳେ ଜିଲାର ଅନ୍ୟ ଅଞ୍ଚଳର ଉନ୍ନୟନ କାର୍ଯ୍ୟର ମାନ କ'ଣ ହେଉଥିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। ତେବେ ନିମ୍ନମାନର ଗୃହ ନିର୍ମାଣ ବିଷୟରେ ଆଲୋଚନା ହେବା ପରେ ବ୍ୟବସାୟମାନେ ଘର ନେବାକୁ ଭୟଭିତ ହୋଇପଡିଛନ୍ତି। ଯଦି ଏପରି ନିମ୍ନମାନର ମାର୍କେଟ କମ୍ପ୍ଲେକ୍ସ ଭୁଶୁଡ଼ି ପଡ଼େ ତେବେ କିଏ ଦାୟୀ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

**ଯୁବ ଭାରତ କୃଷକ ସଂଘର ନୂତନ ଜିଲା ସଭାପତି ଚୟନ**

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ): ଯୁବ ଭାରତ କୃଷକ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ଶନିବାର ସଂଘର କେନ୍ଦ୍ରାପଡ଼ା ଜିଲା ସଭାପତି ପାଇଁ ରଞ୍ଜନ କୁମାର ରାଉତଙ୍କ ନାମ ଘୋଷଣା କରିଛନ୍ତି। ରାଉତ ଦୀର୍ଘଦିନରୁ ଯୁବ ଭାରତ କୃଷକ ସଂଘରେ ରହି କୃଷକମାନଙ୍କ ସମସ୍ୟା ନେଇ ଲଢ଼ି ଆସୁଥିଲେ। ତାଙ୍କର ଜିଲା ସଭାପତି ନିଯୁକ୍ତି ହେତୁ କୃଷକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ତାଙ୍କର ନିଯୁକ୍ତିକୁ ସବୁ ମହଲରୁ ସ୍ୱାଗତ କରାଯିବା ସହ ରାଜ୍ୟ ସଭାପତି ନାୟକ ଓ ରାଜ୍ୟ ସାଧାରଣ ସମ୍ପାଦକ ଜୟ ବିହାରୀ ବେହେରାଙ୍କୁ କେନ୍ଦ୍ରାପଡ଼ାର ପ୍ରମୁଖ ସଂଗଠକମାନଙ୍କ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଜିଲାର ଅନ୍ୟ କର୍ମକର୍ତ୍ତାମାନଙ୍କ ଘୋଷଣା କରାଯିବା ସହ ବ୍ଲକ ଓ ପଞ୍ଚାୟତ କମିଟି ଗଠନ କରାଯିବ ବୋଲି ରାଉତ କହିଛନ୍ତି।

# ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗର ନିର୍ମାଣ କାର୍ଯ୍ୟ ନିମ୍ନମାନର

## ୨ ବର୍ଷରେ ୨ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉନ୍ନୟନ କାମ

ପଟ୍ଟାମୁଣ୍ଡାଇ, ୧୯।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଦ୍ୱାରା ବିଭିନ୍ନ ରାସ୍ତା, କୋଠାବାଡ଼ି, ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଓ ମରାମତିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ହୋଇଆସୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ଦିନକୁ ଦିନ ଅଧିକ ଦୁର୍ନୀତି ଓ ଅନିୟମିତତା ବୃଦ୍ଧି ପାଇବାରେ ଲାଗିଛି। ଏପରିକି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ପୂର୍ତ୍ତ ବିଭାଗ ଡିଭିଜନ-୧ ଅଧୀନ କନିଷ୍ଠ ଯନ୍ତ୍ରୀ ଅଶୋକ ଜେନାଙ୍କ ସୂଚନା ଅନୁସାରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରାୟ ୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇ ଉନ୍ନୟନ କାର୍ଯ୍ୟ ହୋଇଛି। ସେଥି ମଧ୍ୟରୁ କେତେକ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ କେତେଗୋଟିର କାର୍ଯ୍ୟ ଅଧାପନ୍ତରିଆ ଭାବେ ବନ୍ଦ ପଡ଼ିଛି। ଆଉ ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ନିମ୍ନମାନର କାମ ହୋଇଥିବାରୁ ତାହା ୨ରୁ୩ ମାସରେ ଖରାପ ହୋଇଗଲାଣି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଆଇନଜୀବୀ ଓ ଜନସାଧାରଣ ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସାମାଜିକ କର୍ମୀ ପ୍ରଶାନ୍ତ ମହାନ୍ତି କହିଛନ୍ତି, ପୂର୍ତ୍ତ ବିଭାଗ ପକ୍ଷରୁ ୨୨ କୋଟି ବ୍ୟୟରେ ପଟ୍ଟାମୁଣ୍ଡାଇ-ରାଜନଗର ଉତିକଣ ବନ୍ୟା ବନ୍ଧ ରାସ୍ତା କାମ ୪ ମାସ ତଳେ ଶେଷ ହୋଇଥିଲା। ଏବେ ସେହିରାସ୍ତାର ଅଧିକାଂଶ ଜାଗାରେ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ହେଉଛି। ମାତ୍ର ନିର୍ମାଣ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ରାସ୍ତା କାର୍ଯ୍ୟରେ ବ୍ୟୟ ଅଟକଳ ଅନୁଯାୟୀ ବାଲି, ମାଟି, ପଥର ଗୁଣ୍ଡ, ଚିପ୍ସ, ପିଚୁ ଓ ଠିକ୍ ପରିମାଣର ପାଣି ମଧ୍ୟ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଫଳରେ ଠାଏ ଠାଏ ଉକ୍ତ ରାସ୍ତାରୁ ପିଚୁ ଉଠି ପଡ଼ିବା ସହ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ୪ ମାସ ତଳେ ଏ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ତାହାର ଅବସ୍ଥା ଏଭଳି ହୋଇଛି। ଏବେ ଠିକାଦାର ଉକ୍ତ ରାସ୍ତାରେ ପ୍ୟାଚ ପକାଇ ଦୋଷକୁ ଲୁଚାଇବାକୁ ଚେଷ୍ଟା ଚଳାଇଛନ୍ତି।


ରାସ୍ତାରେ ପିଚୁ ଉଠିଯାଇଛି।


ବାଇପାସ୍ ରାସ୍ତା ନିର୍ମାଣରେ ପଙ୍କ ବ୍ୟବହାର କରାଯାଉଛି।

ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ କହିଛନ୍ତି, ପୂର୍ତ୍ତ ବିଭାଗ ପକ୍ଷରୁ ୯ କୋଟି ବ୍ୟୟରେ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟ, ୧୬ କୋଟି ବ୍ୟୟରେ କ୍ରିଟିକାଲ କେୟାର ହସ୍ପିଟାଲ, ୩ କୋଟି ବ୍ୟୟରେ ଆଦର୍ଶ ବିଦ୍ୟାଳୟ କୋଠା, ୫୦ ଲକ୍ଷ ବ୍ୟୟରେ ମଶାନ ଶକ୍ତି ଗୃହ, ୩୨ କୋଟି ବ୍ୟୟରେ ନୀଳକଣ୍ଠପୁର ପୋଲ କାମ ଓ ବିଭିନ୍ନ ରାସ୍ତା ଓ କୋଠା ମରାମତି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସେହିପରି ପଟ୍ଟାମୁଣ୍ଡାଇରେ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ୧୯ କୋଟି ଟଙ୍କା ବ୍ୟୟରେ ନୂତନ ବାଇପାସ୍ ରାସ୍ତାର ନିର୍ମାଣ କର୍ଯ୍ୟ କରାଯାଉଛି। ପଟ୍ଟାମୁଣ୍ଡାଇ ବାଇପାସଠାରୁ କଖାରୁଣୀ ପୋଲ ପର୍ଯ୍ୟନ୍ତ କେନାଲ ବନ୍ଧର ଦକ୍ଷିଣପାର୍ଶ୍ୱରେ ନୂତନ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ହେଉଛି। ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ସରକାରୀ ନିୟମକୁ ନ ମାନି ମନମୁଖି ପଙ୍କମାଟି ପକାଇ କାର୍ଯ୍ୟ କରୁଛନ୍ତି। ନୂତନ ବାଇପାସ ରାସ୍ତା ନିର୍ମାଣ କାମ ନିମ୍ନମାନର କରାଯାଉଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଲୋକେ ବିଭାଗିୟ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ କୌଣସି ସୁଧାର ଆସିବା ପରିବର୍ତ୍ତେ ପୂର୍ବ ଭଳି ନିମ୍ନମାନର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ୬ ମାସ ତଳେ ୪ କୋଟି ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ଅଳଭା-ଗଣ୍ଡାକିଆ ରାସ୍ତା ଅନେକ ସ୍ଥାନରେ ଫାଟି ଦବି ଗଲାଣି। ସରକାରଙ୍କ ନିୟମ ଅନୁସାରେ ନିର୍ମାଣ କାମ ସମୟରେ ଯନ୍ତ୍ରୀ ଉପସ୍ଥିତ ରହିବା ଦରକାର। କିନ୍ତୁ ଏଠାରେ ଯେକୌଣସି କାମ କରାଯାଉଛି ସେଠାକୁ ଯନ୍ତ୍ରୀ ଯାଉନାହାନ୍ତି। କାରଣ କାମ ସମୟରେ ଯନ୍ତ୍ରୀ ଯାଉଥିଲେ ଏଭଳି ନିମ୍ନମାନର କାମ ହୋଇ ନ ଥାନ୍ତା ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଏସବୁ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଶୋକ ଜେନାଙ୍କୁ ଅନ୍ୟତ୍ର ବଦଳି ହୋଇଯାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଜ୍ୟୋତି ବେହେରାଙ୍କୁ ପଚାରିବାରେ ଏବେ ଯେଉଁ ସବୁ କାର୍ଯ୍ୟ ଚାଲିଛି ତାହା ଠିକ୍ ଢଙ୍ଗରେ ହେଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ରେଡକ୍ରସ୍‌ରୁ ସହାୟତା

ରାଜନଗର, ୧୯।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ନାଥପୁର ଗାଁର ବିଚିତ୍ର କୁମାର ସେଠୀ ଦକ୍ଷିଣ ଆଫ୍ରିକାକୁ ଶ୍ରମିକ କାମ କରିବାକୁ ଯାଇ ସେଠାରେ ମୃତ୍ୟୁ ହୋଇଥିଲା। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କର ଶୁଦ୍ଧିକ୍ରିୟା ପାଇଁ ଅର୍ଥର ଆବଶ୍ୟକତା ଥିଲା। ପରିବାର ଲୋକ ଏ ନେଇ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ। ପୂର୍ବତନ ବିଧାୟକ ମହାନ୍ତି ଏ ନେଇ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ସହ ଯୋଗାଯୋଗ କରିବା ପରେ ଶନିବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ, କୁରୁଣ୍ଟି ସମିତିସଭ୍ୟାଙ୍କ ପ୍ରତିନିଧି ସୁକାନ୍ତ ଦାସ, ନାଏବ ସରପଞ୍ଚ ବିଦ୍ୟାଧର ରାଉତ, ଗାଁର ରତ୍ନାକର ଦାସ, ରମେଶ ଚନ୍ଦ୍ର ସେଠୀ, ନରହରି ସେଠୀ, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ବିଦାୟକାଳୀନ ଉତ୍ସବ

ରାଜନଗର, ୧୯।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଦିଘିସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୀତାକାନ୍ତ ରାଉଳଙ୍କ ସଂଯୋଜନାରେ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଆଶୁତୋଷ ପ୍ରଧାନ, ଦେବେନ୍ଦ୍ର ନାୟକ, ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ, ନବଘନ ଲେଙ୍କା, ଅନିରୁଦ୍ଧ ପଢିହାରୀ, ଭରତ ଚନ୍ଦ୍ର ଘଡାଇ, ପ୍ରତିଭା ପ୍ରଭାବତୀ ବେହୁରା, ରାଧାକୃଷ୍ଣ ସାମଲଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିଶ୍ୱଜିତ ନାୟକଙ୍କୁ ଘନଶ୍ୟାମ ଏବଂ ଧନେଶ୍ୱର ସ୍ୱାଇଁ ଟ୍ରଷ୍ଟ ପକ୍ଷରୁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା କମିଟିର ସଦସ୍ୟାସଦସ୍ୟ ପରିଚାଳନା କରିଥିଲେ।

### ପତ୍ରପୁର ପଞ୍ଚାୟତର ନୂଆ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ଆଳି, ୧୯।୮ (ବନମାଳୀ ସେନାପତି)

ଆଳି ବ୍ଲକ ପତ୍ରପୁର ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀଙ୍କୁ ଶନିବାର ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତର ସରପଞ୍ଚ କାନନ ବିହାରୀ ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ପଞ୍ଚାୟତର ନୂତନ ୭୯ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟରେ ହେଉଥିବା ବେଳେ ଉକ୍ତ ଜୋନର ଜିଲା ପରିଷଦ ସଭ୍ୟ କିମ୍ବା ତାଙ୍କ ପ୍ରତିନିଧିଙ୍କୁ ଦେଖିବାକୁ ମିଳିନଥିଲା। ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଅନ୍ୟ ପଞ୍ଚାୟତରେ ଅନୁଷ୍ଠିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହେଉଥିବା ବେଳେ ନିଜ ପଞ୍ଚାୟତର ଏଭଳି ଏକ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବାକୁ ନେଇ ପଞ୍ଚାୟତରେ ଚର୍ଚ୍ଚା ହେଉଛି। ଏ ନେଇ ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ସୁମନ୍ତ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତର ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସେ ଜାଣିନାହାଁନ୍ତି କିମ୍ବା ତାଙ୍କୁ ସରପଞ୍ଚ ନିମନ୍ତ୍ରଣ କରିନାହାନ୍ତି। ଏ ନେଇ ସରପଞ୍ଚ ପରିଡାଙ୍କୁ ପଚାରିବାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମକୁ କାହାକୁ ନିମନ୍ତ୍ରଣ କରି ନ ଥିଲି। ଯେଉଁମାନେ ଆସିଥିଲେ ତାଙ୍କୁ ସ୍ୱାଗତ କରୁଛି ଆଉ ଜିଲା ପରିଷଦ ସଭ୍ୟ ଆସିଥିଲେ ତାଙ୍କୁ ମଧ୍ୟ ସ୍ୱାଗତ କରିଥାନ୍ତି। ଆଳି ବ୍ଲକ ଅଧ୍ୟକ୍ଷ ସାମଲ ଆଳିରୁ ଯାଇ ପତ୍ରପୁର କାର୍ଯ୍ୟାଳୟରେ ଭତ୍ତା ବାଣ୍ଟୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ରହୁଥିବା ୩ ନଂ. ଜୋନର ଜିଲା ପରିଷଦ ସଭ୍ୟଙ୍କୁ ନିମନ୍ତ୍ରଣ ହେଉ ନ ଥିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# କନିକା ଟାଇଟନିକ୍ ଫୁଟ୍‌ବଲ କ୍ଲବ ୩-୧ରେ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ପ୍ରଥମ ରାଜକନିକା ପ୍ରିମିୟର ଫୁଟ୍‌ବଲ ଲିଗ୍

ରାଜକନିକା, ୧୯।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଆର୍.ଏନ୍.ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ପ୍ରିମିୟର ଫୁଟବଲ ଲିଗ-୨୦୨୩ର ଦ୍ୱାଦଶତମ ଦିବସ ମ୍ୟାଚ ଏଏସ୍‌ଏମ୍ ଫୁଟବଲ କ୍ଲବ ବନାମ କନିକା ଟାଇଟନିକ୍ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖେଳରେ କନିକା ଟାଇଟନିକ୍ ଫୁଟବଲ କ୍ଲବ ୩-୧ ଗୋଲ ବ୍ୟବଧାନରେ ବିପକ୍ଷ କନିକା ଏଏସ୍‌ଏମ୍ ଫୁଟବଲ କ୍ଲବକୁ ହରାଇଛି। ଟାଇଟନିକ୍ ଫୁଟବଲ କ୍ଲବର ୧୦ନଂ. ଜର୍ସିରେ ଖେଳୁଥିବା ଦୀନେଶ ତରାଇଙ୍କୁ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ମ୍ୟାଚରେ ଅତିଥି ଭାବେ ରାଜକନିକା ଏସ୍‌ବିଆଇ ଶାଖା ପରିଚାଳକ ସୂର୍ଯ୍ୟନାରାୟଣ ବେହେରା ଓ ସାମାଜିକ କର୍ମୀ ପ୍ରଦୀପ୍ତ ପଲାଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ତରାଇଙ୍କୁ ପ୍ରଦାନ କରିଥିଲେ। ଆସୋସିଏସନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ମ୍ୟାଚ ରେଫ୍ରୀ ଭାବେ ଏସ୍. କେ. ସଲିମ୍ ଥିବା ବେଳେ, ଅମର କୁମାର ଜେନା, ଶରତ କୁମାର ଜେନା ଲାଇନ୍ସରେ ସହଯୋଗ କରିଥିଲେ। ୪ର୍ଥ ଅଫିସିଆଲ୍ସ ଭାବେ ଅରୁଣ କୁମାର ବାରିକ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ କମିଶନର ଭାବେ ଗୋଲକ ବିହାରୀ ମଲ୍ଲିକ କାର୍ଯ୍ୟ ସମ୍ପାଦନ କରିଥିଲେ। ରବିବାର ଅର୍ବାନ ଫୁଟବଲ କ୍ଲବକୁ କନିକା ସହ କନିକା ୟୁନାଇଟେଡ୍ ଫୁଟବଲ କ୍ଲବ ଭେଟିବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

### ନାଳକୁ ଶୌଚହେବାକୁ ଯାଇ ମହିଳା ମୃତ

ରାଜକନିକା, ୧୯।୮ (ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ସିହୋପଡ଼ା ପଞ୍ଚାୟତ ଆଗପଡ଼ା ଗାଁର ସୌରେନ୍ଦ୍ରୀ ପଣ୍ଡା (୩୬) ଶନିବାର ପାଖ ନାଳକୁ ଶୌଚ ହେବାକୁ ଯାଇ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ସୋରେନ୍ଦ୍ରୀଙ୍କ ବାତ ରୋଗ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ନାଳରେ ପାଣି କମ ଥିଲା। ସକାଳୁ ଶୌଚ ହେବାକୁ ଯାଇଥିବା ସମୟରେ ସୌରେନ୍ଦ୍ରୀଙ୍କୁ ବାତ ମାରିବାରୁ ସେ ପାଣିରେ ପଡ଼ି ବୁଡ଼ି ଯିବାରୁ ମୃତ୍ୟୁ ହୋଇଥିବା ନେଇ ପରିବାର ଓ ପଡୋଶୀମାନେ ଅନୁମାନ କରୁଛନ୍ତି। ଖବରପାଇ ଦୀର୍ଘ ସମୟ ଖୋଜାଖୋଜି ପରେ ରାଜକନିକା ଦମକଳ ବାହିନୀ ନାଳରୁ ସୌରେନ୍ଦ୍ରୀଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

### ବିଦ୍ୟାଳୟରେ ନୈତିକ ସଚେତନତା ସଭା

ପଟ୍ଟାମୁଣ୍ଡାଇ, ୧୯।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର-ଶାସନ ନୋଡାଲ ଉଚ୍ଚବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନୈତିକ ମୂଲ୍ୟବୋଧ ସୃଷ୍ଟି କରିବାକୁ ଗୀତା ଆଧାରିତ ନୈତିକ ଶିକ୍ଷା ଓ ସଚେତନତା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଭାର୍ଗବୀ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ଉପାଧ୍ୟକ୍ଷ ପ୍ରେମାନନ୍ଦ ପଣ୍ଡା, ସଂଯୋଜକ ତପନ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ନୈତିକ ମୂଲ୍ୟବୋଧ ବିକାଶ ପାଇଁ ଛାତ୍ରୀଛାତ୍ରଙ୍କୁ ଗୀତା ଅଧ୍ୟୟନ କରିବା ସହିତ ନିଜ ନିଜ ମଧ୍ୟରେ ସଂସ୍କାର ଓ ସଦାଚାର ଭାବ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସ୍କୁଲର ବିକାଶ ପାଇଁ ସମସ୍ତ ଛାତ୍ରୀଛାତ୍ର ଅଭିଭାବକ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା।

# ଗଛ ପଡ଼ି ଭାଙ୍ଗିଲା ଘର


ଘର ଉପରେ ଏକ ଗଛ ଉପୁଡ଼ି ପଡିଛି।

ଆଳି, ୧୯।୮ (ବନମାଳୀ ସେନାପତି)

ଆଳି ବ୍ଲକ କୋଳିଡିହ ପଞ୍ଚାୟତର ଦିନିଆରି ଗାଁରେ ଶନିବାର ଅପରାହ୍ନରେ ଗଣେଶ୍ୱର ସାମଲଙ୍କ ଘର ଉପରେ ଏକ ବଡ଼ ଗଛ ଉପୁଡ଼ି ପଡ଼ିଛି। ଫଳରେ ଘରର ଆଜବେଷ୍ଟସ ନଷ୍ଟ ହୋଇଯାଇଛି। ଗଛଟି ଉପୁଡ଼ି ଘର ଉପରେ ପଡିବା ସହ ଗ୍ରାମକୁ ବିଦ୍ୟୁତ ସରବରାହ ହେଉଥିବା ତାର ମଧ୍ୟ ଛିଡ଼ି ଯାଇଛି। ଘଟଣାସ୍ଥଳରେ ସରପଞ୍ଚ ହେମନ୍ତ ଧଳ ପହଞ୍ଚି ଆଳି ଦମକଳ ଟିମ ଓ ଆଳି ତହସିଲଦାରଙ୍କୁ ସୂଚନା ଦେଇଥିଲେ। ଦମକଳ ଟିମ ପହଞ୍ଚି ଘର ଉପରୁ ଗଛକୁ କାଟି ସଫା କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମହୁ ରାଜସ୍ୱ ନିରୀକ୍ଷକ କରୁଣାକର ମଲ୍ଲିକ ଉପସ୍ଥିତ ରହିଥିଲେ। ତହସିଲ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇ ଦିଆଯାଇଛି।

# ପାଟକୁରାରେ ମୋ ହସ୍ପିଟାଲ କାର୍ଯ୍ୟ ଅନୁଧ୍ୟାନକଲେ ଜିଲାପାଳ

ପାଟକୁରା, ୧୯।୮ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଞ୍ଚଳ ଗସ୍ତରେ ଆସିଥିବା କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଶନିବାର ଅପରାହ୍ନରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ୫-ଟି ଅଧୀନରେ କାର୍ଯ୍ୟକାରୀ ହେଉଥିବା ମୋ ହସ୍ପିଟାଲ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲାପାଳ ଅନୁଧ୍ୟାନ କରିଥିଲେ। ତାଙ୍କ ସହ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅନିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲାପାଳ ଋତୁରାଜ ବିଭାଗୀୟ ଯନ୍ତ୍ରୀମାନଙ୍କ ସହିତ କାର୍ଯ୍ୟର ଆଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।


ଜିଲାପାଳ ଅମୃତ ଋତୁରାଜ ମୋ ହସ୍ପିଟାଲ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ଉଦ୍ଭିଦ ବିଜ୍ଞାନ ୩ୟ ବର୍ଷ ବିଦାୟୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ଡେରାବିଶ, ୧୯।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନର ୩ୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ଦାଶ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ପ୍ରତାପ ଓ ପ୍ରାଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା ଯୋଗ ଦେଇଥିଲେ। ସଭାପତି ପ୍ରଧାନ ଏହି ସଭାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଉପାହାର ପ୍ରଦାନ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବ ପ୍ରାରମ୍ଭରେ ଛାତ୍ରୀ ଶୁଭଶ୍ରୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ବିଦାୟୀ ଛାତ୍ରୀଛାତ୍ରୀଙ୍କ ଉଦ୍ଦେଶ୍ୟରେ ଛାତ୍ର ତନ୍ମୟ ବରାଳ ଓ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦାୟୀ ଛାତ୍ରୀ ଶୁଭସ୍ମିତା ପ୍ରଧାନ ସେମାନଙ୍କର ଅଭିଭାଷଣ ରଖିଥିଲେ। ଛାତ୍ର ସୂର୍ଯ୍ୟକାନ୍ତ କର ବିଦାୟ ସଙ୍ଗୀତ ଗାନ କରିଥିଲେ। ଶେଷରେ ଅଧାପିକା ନାଥଶର୍ମା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଦ୍ୟାଶା ଲେଙ୍କା, ଲିପସା ବାରିକ, ରୋଜାଲିନ ପ୍ରତାପ, ଜ୍ୟୋତିପ୍ରଭା ମଲିକ, ସୋନାଲିକା ମାଝି, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ରାଜନଗର-ପଟ୍ଟାମୁଣ୍ଡାଇ ବିଧାନସଭା ଆସନ, ସବ୍‌ଡିଭିଜନ ଦାବି

## ରାଷ୍ଟ୍ରପତି, କେନ୍ଦ୍ର ସଂସଦୀୟ ମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ଦାବିପତ୍ର

ପଟ୍ଟାମୁଣ୍ଡାଇ, ୧୯।୮ (ଅକ୍ଷୟ ବିଶ୍ୱାଳ/କଳ୍ପତରୁ ନାୟକ)

ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରଦର୍ଶନ କରି କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳ ଉପସ୍ଥିତି ଜାହିର କରିଥିଲା। ରାଜ୍ୟ ରାଜନୀତିକୁ ନିୟନ୍ତ୍ରଣ କରିଆସୁଥିବା ଜିଲାର ପ୍ରମୁଖ ଅଙ୍ଗ ଭାବେ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ଓଡ଼ିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ଓଡ଼ିଶାର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ପେଣ୍ଠ ଭାବେ ପଟ୍ଟାମୁଣ୍ଡାଇର ସୁନାମ ରହିଛି। ଗତ ସୀମା ପୁନଃ ନିର୍ଦ୍ଧାରଣରେ ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇ ବିଧାନସଭା ଆସନ ଲୋପ ପାଇବା ସହ ପଟ୍ଟାମୁଣ୍ଡାଇ ତା'ର ସତ୍ତା ହରାଇ ବସିଥିଲା, ଯାହା ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ କୁଠାରାଘାତ କରିଥିଲା। ବିଲୁପ୍ତ ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନ ମଧ୍ୟରେ ମିଶାଇ ଦିଆଯାଇଛି। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ, ସ୍ୱାଭିମାନର ସୁରକ୍ଷା ଓ ହୃତ୍ ଗୌରବକୁ ଫେରାଇ ଆଣିବାକୁ ଅଣରାଜନୈତିକ ଗଣସଂଗଠନ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଦୀର୍ଘ ୧୫ ବର୍ଷ ହେବ ବିଭିନ୍ନ ଆନ୍ଦୋଳନ ଜାରି ରଖିଛି। ରାଜନଗର ବିଧାନସଭା ଆସନ ସହ ପଟ୍ଟାମୁଣ୍ଡାଇ ନାମ ଯୋଡ଼ି ରାଜନଗର-ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ଘୋଷଣା ସହ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଓ ରାଜନଗର ଏନ୍‌ଏସି ଘୋଷଣା ଦାବି ଉପରେ ଫୋକସ କରାଯାଇଛି। ଏହି ଦାବି ପୂରଣ ପାଇଁ ବିକାଶ ପରିଷଦ ଭାରତବର୍ଷର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଖବରଦାତାମାନଙ୍କୁ ସବିଶେଷ ସୂଚନା ଦେଇ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ଆଇନଜୀବୀ ବିଜୟ କେତନ ସ୍ୱାଇଁ, ଆବାହକ ପ୍ରଫେସର ଉମେଶ ଚନ୍ଦ୍ର ପରିଡ଼ା, ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ଆଇନଜୀବୀ ରାମକୃଷ୍ଣ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ କୃଷକ ପରିଷଦ ଆବାହକ ରଞ୍ଜନ ରାଉତ, ସଂଖ୍ୟାଲଘୁ ପରିଷଦ ଆବାହକ ସେକ୍ ଜାକିର ହୁସେନ, ପଟ୍ଟାମୁଣ୍ଡାଇ ନଗର ଯୁବ ପରିଷଦ ଆବାହକ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ସହର ତଥା ଅଘୋଷିତ ସବ୍‌ଡିଭିଜନ ଏବଂ ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଓ ରାଜନଗରର ପ୍ରବେଶ ଦ୍ୱାର ପଟ୍ଟାମୁଣ୍ଡାଇ ସୀମା ପୁନଃ ନିର୍ଦ୍ଧାରଣ ପରେ ନିଜର ସତ୍ତା ହରାଇ ବସିଛି। ସମସ୍ତ ଯୋଗ୍ୟତା ଓ ଭିତ୍ତିଭୂମି ସତ୍ତ୍ୱେ ରାଜସ୍ୱ ସବ୍‌ଡିଭିଜନ ଘୋଷଣାରୁ ବଞ୍ଚିତ ହୋଇଛି। ଫଳରେ ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ ଆଘାତ ଦେଇଛି ଓ ରାଜନଗର ନିର୍ବାଚନମଣ୍ଡଳୀରେ ପଟ୍ଟାମୁଣ୍ଡାଇ ନାଁ ନ ଥିବାବେଳେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ଶୀତଳଭଣ୍ଡାରରେ ରହିଛି।

ରାଜନଗର ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରିଥିବା ପ୍ରତିନିଧିମାନେ ରାଜ୍ୟ ବିଧାନସଭାରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ବାରମ୍ବାର ଉଠାଇଥିଲେ ମଧ୍ୟ ସରକାରୀସ୍ତରରେ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ବାଧ୍ୟହୋଇ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲା। ଉକ୍ତ ନ୍ୟାୟାଳୟ ଏ ଦିଗରେ ଉପଯୁକ୍ତ ବିଚାର କରି ଅବିଳମ୍ବେ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଥିସହ ଓଡ଼ିଶା ରାଜ୍ୟପାଳ ବିକାଶ ପରିଷଦର ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ଉପରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନ ହସ୍ପିଟାଲ, ଏଡିଜେ କୋର୍ଟ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ୍, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସବ୍‌ଡିଭିଜନ କାର୍ଯ୍ୟାଳୟ, କୃଷି ଜିଲା କାର୍ଯ୍ୟାଳୟ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି। ଉପରୋକ୍ତ ଦାବି ସହ ବହୁ ପ୍ରତୀକ୍ଷିତ ପଟ୍ଟାମୁଣ୍ଡାଇ ସରକାରୀ ବସ୍‌ଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେଲେ ପଟ୍ଟାମୁଣ୍ଡାଇ, ରାଜନଗରବାସୀଙ୍କ ସ୍ୱପ୍ନ ସାକାର ହେବ। ଏହି ଦାବି ହାସଲ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ତା'ର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଚେତାବନୀ ଦେଇଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

କୋଦଳା,୧୯।୮(ଅମିତ କୁମାର ପଟ୍ଟନାୟକ): ବେଗୁନିଆପଡ଼ା ଥାନା ଅନ୍ତର୍ଗତ ସାଙ୍କୁଡ଼ା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ହେଲେ କସ୍ତୁରୀ ପଲାଇ। ଘଟଣାରେ ସ୍ୱାମୀ ସୁକାନ୍ତ ପଲାଇକୁ ପୋଲିସ ଗିରଫ ରଖିଛି। ଶୁକ୍ରବାର କସ୍ତୁରୀଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଜବତ କରିଥିଲେ। ପୁରୁଷୋତ୍ତମପୁର ଏସଡିପିଓ ପହଞ୍ଚି ତଦନ୍ତ କରିଛନ୍ତି। ୧୪ବର୍ଷ ପୂର୍ବେ ସାଙ୍କୁଡ଼ା ଗ୍ରାମର ସୁକାନ୍ତଙ୍କ ସହ ପୁରୁଷୋତ୍ତମପୁର ଥାନା ଧୋବାପଲ୍ଲୀ ଗ୍ରାମର କସ୍ତୁରୀଙ୍କ ବିବାହ ହୋଇଥିଲା। ବିବାହ ପରେ ଉଭୟଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଫଳରେ କସ୍ତୁରୀ ଗତ ଅଢେଇ ବର୍ଷ ହେଲା ନିଜ ବାପା ଘରେ ରହୁଥିଲେ। ତେବେ ଉଭୟଙ୍କ ମଧ୍ୟରେ ବୁଝାସୁଝା ହେବା ପରେ କସ୍ତୁରୀ ଗତ ୧୦ଦିନ ହେଲା ଶାଶୂଘର ସାଙ୍କୁଡ଼ା ଆସିଥିଲେ। ଶୁକ୍ରବାର ପୁଣି ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା ଏବଂ ଅପରାହ୍ନରେ କସ୍ତୁରୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ତେବେ କସ୍ତୁରୀଙ୍କୁ ହତ୍ୟା କରି ଫ୍ୟାନରେ ଓହଳାଇ ଦେଇଥିବା କସ୍ତୁରୀଙ୍କ ମା' ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

### ଶରଣକୁଳରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ଶରଣକୁଳ,୧୯।୮(ଦୀପକ କର)

ନୟାଗଡ ଜିଲା ଶରଣକୁଳରେ ନୂତନ ଏସ୍‌ଡିପିଓ ଭାବେ ସୁଧାକର ସାହୁ ଯୋଗଦାନ କରିଛନ୍ତି। ଏଠାରେ ଥିବା ଏସଡିପିଓ କିରଣ ହେମ୍ବ୍ରମଙ୍କର ପୁରୀ ଜିଲାକୁ ବଦଳି ହେବା ପରେ ସାହୁ ଶୁକ୍ରବାର ନୂତନ



ଏସଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାହୁ ନୟାଗଡ଼ ଜିଲାର ଫତେଗଡ, ନୟାଗଡ଼ ଆଇଆଇସି ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ସେ ମଧ୍ୟ ନୟାଗଡ଼ ଏସ୍‌ଡିପିଓ ଭାବେ କିଛିଦିନ କାର୍ଯ୍ୟ କରିଥିଲେ। ସାହୁ ଶରଣକୁଳ, ଓଡଗାଁ, ଗୋଡିପଡ଼ା, ବାହାଡ଼ାଝୋଲା, ରଣପୁର ପ୍ରଭୃତି ଜାଗାରେ ଥିବା ଅସାମାଜିକ ବ୍ୟକ୍ତି, ଡକାୟତଙ୍କୁ ଦୃଢହସ୍ତରେ ଦମନ କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଦାବିପତ୍ର

ଛତ୍ରପୁର,୧୯।୮(ସନ୍ତୋଷ ପାଢ଼ୀ): ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ତରଫରୁ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶନିବାର ଛତ୍ରପୁରଠାରେ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ପ୍ରତିଟି ଗରିବ ଲୋକଙ୍କ ଘରେ ଉଜ୍ଜ୍ୱଳା ଗ୍ୟାସ ଯୋଗାଇ ଦିଆଗଲା। ଫଳରେ କୋଟି କୋଟି ଲୋକ ଉପକୃତ ହେଲେ । ଏହା ଆମ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ । ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକୁ ସାକାର କରିବାପାଇଁ ଉଜ୍ଜ୍ୱଳା ଦିଦିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ମଧ୍ୟ ସରକାରଙ୍କ ଏହି ଯୋଜନାକୁ ସଫଳ କରିବା ଦିଗରେ ସହଯୋଗର ହାତ ବଢ଼ାଇଥିଲେ ବୋଲି କୁହାଯାଇଛି। ଦାବିଗୁଡିକ ମଧ୍ୟରେ ଉଜ୍ଜ୍ୱଳା ଦିଦିମାନଙ୍କୁ କାର୍ଯ୍ୟ ଦେବା ସମୟରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କାର୍ଯ୍ୟକାରୀ କରିବା, ସମସ୍ତ ଉଜ୍ଜ୍ୱଳା ଦିଦିମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଗାଇ ଯୋଗାଇବା, ଉଜ୍ଜ୍ୱଳା ଦିଦିମାନଙ୍କୁ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେବା ସହ ପାରିଶ୍ରମିକ ଯୋଗାଇ ଦେବା ଦାବି ରହିଛି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ପାରଳାଖେମୁଣ୍ଡି,୧୯।୮(ଗିରିଧାରୀ ପରିଛା)

ଶ୍ରୀକାକୁଲମ ଜଲା ବୁଡୁତି ଗ୍ରାମ ନିକଟରେ ଶନିବାର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାରଳାଖେମୁଣ୍ଡି ୱାର୍ଡ ନଂ ୧୨ କାମ୍ପ ସାହିର ନିଡିମିଟି ଦାମୟନ୍ତି (୪୮)। ଦାମୟନ୍ତି ଓ ତାଙ୍କ ପୁତୁରା ନାଡୀମିଟି ମୋହନ ଓ ଆଉ ଦୁଇଜଣ ପରିବାର ସଦସ୍ୟ ଜଣେ ସମ୍ପର୍କୀୟ ମୃତ କାର୍ଯ୍ୟରେ ଯୋଗ ଦେଇ ଶ୍ରୀକାକୁଲମରୁ ଫେରୁଥିଲେ। ଡ୍ରାଇଭର ଭାବେ ତାଙ୍କ ପୁତୁରା ଗାଡି ଚଳାଉଥିଲେ। ବୁଡୁତି ଗ୍ରାମ ନିକଟରେ ହଠାତ ଗୋଟିଏ ଝିଟିପିଟି ମୋହନଙ୍କ ଗୋଡ଼ ଉପରେ ଚଢ଼ି ଚାଲିଗଲା। ସେ ଚମକିପଡି ଗାଡିର ସନ୍ତୁଳନ ହରାଇବାରୁ ରାସ୍ତା କଡରେ ଥିବା ଗୋଟିଏ କେନାଲ ମଧ୍ୟକୁ ଗାଡିଟି ଖସି ପଡ଼ିଥିଲା। ସେମାନଙ୍କୁ ନାରସନାପେଟ ଚିକିତ୍ସାଳୟ ନେବା ସମୟରେ ରାସ୍ତାରେ ଦମୟନ୍ତିଙ୍କ ମୃତ୍ୟୁ ଘଟିଥିଲା।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅବହେଳିତ ବାତରା ମଠ ପୀଠ

ଖଣ୍ଡପଡ଼ା, ୧୯।୮
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକଠାରୁ ମାତ୍ର ୧୦କିମି ଦୂର ପୂର୍ବ-ଦକ୍ଷିଣ ନୟାଗଡ଼ ଜିଲା ସୀମାନ୍ତରେ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ମହୁଲପଡା ଗ୍ରାମ। ଏହି ଗ୍ରାମର ସବୁଜିମା ଭରା ବାତରା ମୁଣ୍ଡିଆ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇ ନ ଥିଲେ ମଧ୍ୟ ଏହା ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ସ୍ଥାନୀୟ ତଥା ଏହାର ଆଖପାଖ ଅଞ୍ଚଳରେ ପରିଚିତ। ବୋଲଗଡ଼, ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକ ସୀମାନ୍ତକୁ ଲାଗି ବହୁ ପ୍ରାଚୀନ ବାତରା ମଠ (ରଘୁନାଥ ଜୀଉ) ପରିସରରେ ଥିବା ପ୍ରାକୃତିକ ଝରଣା, ସବୁଜ ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଖଣ୍ଡପଡା ଦେବୋତ୍ତର ବିଭାଗ ଅଧୀନରେ ନ ଥିବା ଏହି ପୀଠର ଉନ୍ନତି ପାଇଁ କେବଳ ମଠ ନିକଟସ୍ଥ ପଞ୍ଚାୟତବାସୀ ଓ ଗ୍ରାମବାସୀ ପ୍ରୟାସ ଜାରି ରଖିଛନ୍ତି। ମାତ୍ର ପାହାଡ ଉପରେ ଥିବା ଏହି ମଠର ରକ୍ଷଣାବେକ୍ଷଣ କରିବା ଗ୍ରାମବାସୀଙ୍କ ପକ୍ଷେ ଅସମ୍ଭବ ହୋଇ ପଡୁଛି। ଆବଶ୍ୟକ ରକ୍ଷଣା ବେକ୍ଷଣ ଅଭାବରୁ ଠାକୁର ସ୍ଥାପନ ହୋଇଥିବା ଗୃହର ଛାତ ତଳୁ ସିମେଣ୍ଟ ପ୍ଲାଷ୍ଟର ଛାଡ଼ି ଦୁର୍ବଳ ହୋଇ ପଡ଼ିଛି। ଏହି ପୀଠକୁ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ରାମ ନବମୀ, ପ୍ରତି ସଂକ୍ରାନ୍ତି ଓ ଗିରି ଗୋବର୍ଦ୍ଧନ ପୂଜା ସମୟରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁମାନେ ଆସିଥିବା ବେଳେ ନୂଆ ବର୍ଷରେ ଶତାଧିକ ପର୍ଯ୍ୟଟକ ଦୂର ଦୂରାନ୍ତରୁ ଏଠାକୁ ବଣ ଭୋଜି କରିବାକୁ ଆସିଥାନ୍ତି। ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ଏହି ପୀଠଟି ରହି ଯାଇଥିବାରୁ ରାଜ୍ୟ



ରଘୁନାଥ ଜୀଉଙ୍କ ମୂର୍ତ୍ତି ପୂଜା ପାଉଛନ୍ତି।



ପାହାଡ଼ ଉପରେ ଥିବା ପୋଖରୀ।

ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ଏହି ପୀଠ ସମ୍ପର୍କରେ ଜାଣିବା ସମ୍ଭବ ହେଉନାହିଁ। ଏହି ମଠରେ ରାମ, ଲକ୍ଷ୍ମଣ ଓ ମାତା ଜାନକୀଙ୍କ ବିଗ୍ରହ ପୂଜା ପାଉଛନ୍ତି।

ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂର ପାହାଡ଼ ଉପରେ ରଘୁନାଥ ଜୀଉଙ୍କ ବିଗ୍ରହ ଓ ନବ ନିର୍ମିତ ହନୁମାନ ଜୀଉଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ପାହାଡ଼ ଉପରକୁ ସୁଗମ ରାସ୍ତା ନ ଥିବାରୁ ସେଠାକୁ ଯିବା କଷ୍ଟକର ହୋଇପଡୁଛି। ଏହି ମଠରେ ଗତ ୧୪ରୁ ୧୫ ବର୍ଷ ପୂର୍ବେ ଦିଲ୍ଲୀରୁ ଜନୈକା ଜାହ୍ନବୀ ବାଇ ଓ ମହାତ୍ମା ଆଦେଶାନନ୍ଦ ୨ଜଣ ମହନ୍ତ ଏଠାରେ ରହି ପ୍ରଭୁଙ୍କ ସେବା କରୁଥିବା ବେଳେ ବିଭିନ୍ନ ଅଭାବ ଅସୁବିଧାରେ ଗତି କରୁଥିବା ଏହି ମଠର ପରିଚାଳନା କରିବା ଅସମ୍ଭବ ହୋଇ ପଡିବାରୁ ସମ୍ପୃକ୍ତ ମହନ୍ତମାନେ ୧୦ ବର୍ଷ ପୂର୍ବେ ପୀଠ ଛାଡି ଅନ୍ୟତ୍ର ଚାଲି ଯାଇଛନ୍ତି। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ମହୁଲପଡା ଗ୍ରାମର ଯୁଗଳ ନାୟକ ସମ୍ପ୍ରତି ଏ ପୀଠର ମହନ୍ତ ଭାବରେ କାର୍ଯ୍ୟ ପରିଚାଳନା କରୁଛନ୍ତି। ଏହି ପୀଠ ସମ୍ପର୍କରେ ବହୁ ବୟସ୍କଙ୍କଠାରୁ ଶୁଣିବାକୁ ମିଳେ ଏଠାରେ ଏକ ଗୁମ୍ଫା ରହିଥିଲା। ଯେଉଁଠାରେ ବହୁ ମୁନି ଋଷିମାନେ ବାସ କରୁଥିଲେ। ଗୁମ୍ଫା ମଧ୍ୟରେ ଏକ ଗହ୍ୱର ଥିବା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବହୁ ବୟସ୍କ ବ୍ୟକ୍ତି ସୂଚନା ଦେଇଛନ୍ତି। ଏହି ମଠ ଦାୟିତ୍ୱରେ ଥିବା ମହନ୍ତ ନାୟକ କୁହନ୍ତି। ପ୍ରତି ସଂକ୍ରାନ୍ତି ମଧ୍ୟ ରାତ୍ରରେ ରଘୁନାଥଜୀଉଙ୍କ ଅନତି ଦୂର ପାହାଡ ପାଖରୁ ଖୋଳ, ତାଳ ତଥା ସଂକୀର୍ତ୍ତନ ହେଉଥିବା ଶବ୍ଦ ଶୁଣିବାକୁ ମିଳେ। ଏହି ପୀଠ ପାଇଁ ସରକାରଙ୍କ କୌଣସି ଅନୁଦାନ ମିଳୁ ନ ଥିବାରୁ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମହୁଲପଡାବାସୀ ପ୍ରତି ମାସରେ ଠାକୁର ତଥା ମଠ ପରିଚାଳନା ପାଇଁ ମାତ୍ର ୧୪ କିଲୋ ଚାଉଳ ଓ ୪ ଶହ ଟଙ୍କା ଦେଉଛନ୍ତି। ମହନ୍ତ ନିୟମିତ ଗାଁକୁ ଗାଁ ବୁଲି ଭିକ୍ଷା କରି ଯାହା ଆଣନ୍ତି ସେଥିରେ କଷ୍ଟେ ମଷ୍ଟେ ପୂଜା ନୀତି ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇ ଯାଇଥାଏ। ମାତ୍ର ତାହା ସବୁବେଳେ ସମ୍ଭବ ହୋଇ ନ ଥିବା ମହନ୍ତ ସୂଚନା ଦେଇଥିଲେ। ଗ୍ରାମବାସୀ ପାହାଡ ଉପର ମଠ ସାମନାରେ ଏକ ପୋଖରୀ ଖନନ କରିଥିବା ବେଳେ କେବଳ ବର୍ଷା ଦିନେ ପାଣି ମୁନ୍ଦେ ଦେଖିବାକୁ ମିଳିଥାଏ। ମାତ୍ର ଅନ୍ୟ ଋତୁରେ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଥିବା ପରିଲକ୍ଷିତ ହୋଇଥାଏ। ପୋଖରୀ ମଧ୍ୟରେ ଏକ କୂପ ଖନନ କରାଯାଇଥିବା ବେଳେ ସେ ପାଣି ପାନୀୟ ଉପଯୋଗୀ ନୁହେଁ। ତେଣୁ ଏଠାରେ ପାଣି ବିନା ନାନା ସମସ୍ୟା ଦେଖା ଦେଉଥିବାରୁ ଏଠାରେ ଏକ ଗଭୀର ନଳ କୂପ ଖନନରର ଆବଶ୍ୟକତା ରହିଛି। ମଠ ନିକଟରେ ଏକ ପ୍ରାକୃତିକ ଝରଣା ବହି ଯାଉଛି। ଗଠିତ ରଘୁନାଥ ଜୀଉ ଆଞ୍ଚଳିକ କମିଟିର ସଦସ୍ୟମାନଙ୍କଠାରୁ ପ୍ରକାଶ ଯେ, ଜିଲା ପ୍ରଶାସନ ଏହି ପୀଠ ପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ଏ ପୀଠକୁ ଅନେକ ସମୟରେ ବିଭିନ୍ନ ରାଜ ନେତାମାନେ ଆସି ଏପରି ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଅନେକ କିଛି କରିବାର ପ୍ରତିଶ୍ରୁତି ଦେଇଥାନ୍ତି। ମାତ୍ର ସେମାନଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ୨୦୧୧-୧୨ରେ ପାହାଡ ଉପରେ ଥିବା ପୋଖରୀ ଖନନ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ କାମ ଠିକ ଭାବରେ କରା ନ ଯାଇ ବିଲ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାତରା ମଠ ପାଖକୁ ରହିଥିବା ବାତରା ଜଙ୍ଗଲକୁ ମହୁଲପଡା, ଦରଦା, କୁଆହରା, ଜଗନ୍ନାଥପ୍ରସାଦ, ହାତକଟା, ପାଟଚଣ୍ଡୀପ୍ରସାଦ, କୁମୁଟିସାହି, ମାଣିକାଗୋଡା, ଗୋବର୍ଦ୍ଧନପୁର ଆଦି ୮ଟି ଅଞ୍ଚଳର ଗ୍ରାମବାସୀ ଜଙ୍ଗଲ ସୁରକ୍ଷା କମିଟି କରି ପରିବେଶକୁ ସୁରକ୍ଷିତ ରଖିଛନ୍ତି। ଏଠାରେ ବାଘ, କୋଟରା, ମୟୂର, ଭାଲୁ ଆଦି ଜଙ୍ଗଲ ଜନ୍ତୁ ବାସ କରୁଥିବା ଜଣାପଡ଼ିଛି। ତେବେ ଏଭଳି ଏକ ସୁନ୍ଦର ସବୁଜିମା ପରିବେଶ ମଧ୍ୟରେ ଥିବା ଅବହେଳିତ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ତଥା ବିକାଶ ଦିଗରେ ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜାଗା



ଜବରଦଖଲରେ ସରକାରୀ ସ୍ଥାନ ।

କୋଦଳା,୧୯।୮(ଅମିତ କୁମାର ପଟ୍ଟନାୟକ)

ରାଜ୍ୟ ସରକାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲୀ ମନୋଭାବ କିମ୍ବା ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ କେତେକ ସ୍ଥାନରେ ଟଙ୍କା ଖର୍ଚ୍ଚ ହୋଇପାରୁନି ତ ଅନ୍ୟ କେତେକ ଯୋଜନା ଲୋକଙ୍କ କାର୍ଯ୍ୟରେ ଆସୁନି। କୋଦଳା ଏନଏସିରେ ବହୁ ସରକାରୀ ଜାଗା ଜବରଦଖଲ କରାଯାଇ ସ୍ଥାୟୀ ଦୋକାନ ଏବଂ ଉଠା ଦୋକାନ ହୋଇଛି। କୋଦଳା ବିଦ୍ୟାଳୟ ନିକଟରେ ଏବଂ ପୋଖରୀ ନିକଟରେ କୌଣସି ଦୋକାନ ବଜାର ରହିବାକୁ ନିୟମ ନଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛି। କୋଦଳା ମୁଖ୍ୟ ରାସ୍ତାର ଜାଝାଙ୍ଗିଆ ପୋଖରୀ ପାର୍ଶ୍ୱରେ ଜବରଦଖଲରେ ପରିବା ବଜାର ରହିଛି, ଯାହାକି ମୁଖ୍ୟ ରାସ୍ତା ଉପରେ ପ୍ରବଳ ଗହଳି ହେଉଛି। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯିବାରେ ଅସୁବିଧା ସୃଷ୍ଟି ହେଉଛି। ମେଡିକାଲକୁ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡି ଯିବାଆସିବା ବେଳେ ଟ୍ରାଫିକ ଜାମ୍‌ରେ ଫସି ରହୁଛି। ସେହିପରି କୋଦଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚେରିକୁ ଲାଗି ବିଭିନ୍ନ ଦୋକାନ ଜବରଦଖଲରେ ଥିବାରୁ ଛାତ୍ରୀଛାତ୍ରମାନେ ସୁରକ୍ଷିତ ମଣୁନାହାନ୍ତି। ସେପଟେ କିଛି ଦିନ ପୂର୍ବରୁ ଦେୱାନ ପୋଖରୀ ପାର୍ଶ୍ୱରେ ଥିବା କିଛି ଦୋକାନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ବେଳେ ବର୍ତ୍ତମାନ ଜବରଦଖଲ କରିଥିବା ଦୋକାନୀଙ୍କୁ ୧୦ଫୁଟ ପଛକୁ ଘୁଞ୍ଚାଇବାକୁ ସ୍ଥାନୀୟ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ତେବେ ଏହିପରି ସମସ୍ୟା ହେତୁ ଗତ ୨୦୧୦ରେ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଛେଦ ହିତାଧିକାରୀଙ୍କ ପାଇଁ କୌଣସି ସ୍ଥାୟୀ ବଜାର ଗୃହ ନିର୍ମାଣ ହୋଇନଥିବାରୁ ପୁନର୍ବାର ଏହିସବୁ ସ୍ଥାନକୁ ଜବରଦଖଲ କରିଥିଲେ। ଗତ ୨୦୨୦-୨୧ଆର୍ଥିକ ବର୍ଷରେ ଅର୍ବାନ ଇନଫ୍ରା ମାଧ୍ୟମରେ ବସଷ୍ଟାଣ୍ଡ ନିକଟରେ ୨୨ଲକ୍ଷ ୩୭ହଜାର ବ୍ୟୟରେ ସ୍ଥାୟୀ ଭେଣ୍ଡିଂଜୋନ ନିର୍ମାଣ ନିମନ୍ତେ ବିଭିନ୍ନ ମହିଳା ସଂଘ ନାମରେ କାର୍ଯ୍ୟାଦେଶ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନି। ସେହିପରି ଲକ୍ଷାଧିକ ଟଙ୍କା ବ୍ୟୟରେ ଦଶଃଖରା ସାହି ନିକଟରେ ଭେଣ୍ଡିଂଜୋନ୍ ନିମନ୍ତେ ଦୋକାନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଦୋକାନୀଙ୍କୁ ଦିଆଯାଉନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରିକୁ ଲାଗି ୧୬ଟି ଦୋକାନ ଗୃହ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ। ସେପଟେ ପରିବା ବ୍ୟବସାୟୀମାନେ କୋଦଳା ତହସିଲଦାର ସସ୍ମିତା ଶତପଥୀଙ୍କୁ ଭେଟି ସ୍ଥାୟୀ ବଜାର ପାଇଁ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରିବାକୁ ଦୋକାନୀମାନେ ଦାବି କରିଛନ୍ତି।

## ବାପଘରୁ ବିବାହିତ ଝିଅ ନିଖୋଜ ନେଇ ଥାନାରେ ଅଭିଯୋଗ

ଗଣିଆ, ୧୯।୮(ସନ୍ତୋଷ କୁମାର ପ୍ରଧାନ)

ବାପଘରକୁ ଆସି ଶୁକ୍ରବାର ଅପରାହ୍ନରୁ ଜଣେ ବିବାହିତା ମହିଳା ନିଖୋଜ ହୋଇଥିବା ଜଣାପଡିଛି। ଏ ନେଇ ନିଖୋଜ ମହିଳାଙ୍କ ମା' ଗଣିଆ ଥାନାରେ ଶନିବାର ସକାଳୁ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଛାମୁଣ୍ଡିଆ ଗ୍ରାମର ଉର୍ମିଳା ବେହେରାଙ୍କ ବଡ଼ ଝିଅ ସୌଦାମିନୀ ୫ମାସ ତଳେ ବେଗୁନିଆ ଥାନା କୁଳାସର ଗ୍ରାମର ହରି ଦାସଙ୍କ ପୁଅ ସଞ୍ଜୟଙ୍କ ସହ ବୈଦିକ ରିତୀରେ ବିବାହ ହୋଇଥିଲା। ତେବେ ୫ଦିନ ତଳେ ସଞ୍ଜୟ, ସୌଦାମିନୀଙ୍କ ବାପଘର ଛାମୁଣ୍ଡିଆକୁ ଆସିଥିଲେ। ଶ୍ୱଶୁର ଘରେ ସଞ୍ଜୟ ଗୋଟିଏ ଦିନ ରହି ନିଜ ଗ୍ରାମକୁ ଫେରି ଯାଇଥିବା ବେଳେ ସୌଦାମିନୀ ନିଜ ବାପ ଘରେ ରହିଥିଲେ। ଶୁକ୍ରବାର ଅପରାହ୍ନରେ ସୌଦାମିନୀ ବପଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ



ସୌଦାମିନୀ ବେହେରା

ଶନିବାର ସୌଦାମିନୀଙ୍କ ମା' ଥାନାରେ ଝିଅର ନିଖୋଜ ନେଇ ଲିଖିତ ଅଭିଯୋଗ କରିଛନ୍ତି। ସୌଦାମିନୀ ଘରୁ ଗଲାବେଳେ ଏକ ହଜାର ଟଙ୍କା ନେଇଥିବା ମା ଉର୍ମିଳା ବେହେରା ସୂଚନା ଦେଇଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଅବହେଳିତ ଅବସ୍ଥାରେ ଦୁଗୁଡି ଅଙ୍ଗନୱାଡି କେନ୍ଦ୍ର

ଜି.ଉଦୟଗିରି,୧୯।୮
(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନଏସି ୧ ନମ୍ବର ୱାର୍ଡ ଦୁଗୁଡି ଅଙ୍ଗନୱାଡି କେନ୍ଦ୍ର ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୦ ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ହୋଇନାହିଁ। କେନ୍ଦ୍ର ଘରର ରଙ୍ଗ ଛାଡିଯାଇଛି। ଛୋଟ ଛୋଟ ପିଲା ପଢୁଥିବା ବେଳେ ଶିଉଳି ଚାରିଆଡେ ମାଡିଯାଇଛି। ଏପରିକି ଲଟା ବୁଦା ସଫା ନହେବା ଫଳରେ ବର୍ଷା ଦିନେ ସାପ ଭୟ ମଧ୍ୟ ରହିଛି। ଏତଦବ୍ୟତୀତ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ବିଦ୍ୟୁତ ସରବରାହ ଆଜି ପଯ୍ୟନ୍ତ ହୋଇ ପାରିନାହିଁ। ଫଳରେ କୁନି କୁନି ପିଲାମାନେ ଅସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢିବା ସହିତ ଖାଦ୍ୟ ଖାଉଛନ୍ତି। କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଅଙ୍ଗନୱାଡ଼ି କେନ୍ଦ୍ର ପରିସର ନିର୍ମଳ ରଖିବା ସହିତ ଘର ମରାମତି କରିବା ପାଇଁ ଦାବି ହେଉଛି।

## ନୟାଗଡ଼ରେ ବିଶ୍ୱ ଫଟୋଗ୍ରାଫି ଦିବସ



ନୟାଗଡ,୧୯।୮(ଲୋକନାଥ ମିଶ୍ର)

ଶରଣକୁଳର ଝାଡେଶ୍ୱରୀ ମନ୍ଦିରରେ ନୟାଗଡ଼ ଓ ଓଡ଼ଗାଁ ବ୍ଲକର ୪୦ ଫଟୋ ଗ୍ରାଫରକୁ ନେଇ ବିଶ୍ୱ ଫଟୋ ଗ୍ରାଫି ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଯୋଗ ଦେଇଥିବା ଫଟୋଗ୍ରାଫରମାନେ ନିଜର ସୁନ୍ଦର ଫଟୋକୁ ସ୍ଥାନିତ କରି ମଜା ନେଇଥିଲେ। ଫଟୋ ଗ୍ରାଫରମାନେ ନିଜର ସମସ୍ୟାକୁ ଉପସ୍ଥାପନ କରିଥିଲେ।

## ବିଦ୍ୟାଳୟରେ ଆଇନ ସଚେତନତା ଶିବିର

ଫୁଲବାଣୀ, ୧୯।୮(ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ ବଇଡା ସ୍ଥିତ ଦିନାରସିଂ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବ ଅନୁଶୀଳା ରଏ, ଉପ-ଆରକ୍ଷୀ ଆଧିକ୍ଷକ କମଳକାନ୍ତ ପଣ୍ଡା, ମୁଖ୍ୟ ଲିଗାଲ ଏଡ ଡ଼ିଫେନ୍ସ କାଉନସେଲ ଜୟନ୍ତୀ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ନନ୍ଦିତା କୁମାରୀ, ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟଲାଲ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୋକସୋ ଆଇନ, ଜୁଭେନାଇଲ ଜଷ୍ଟିସ ଆଇନ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରଯାଇଥିଲା। ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ବିଦ୍ୟାଳୟ ଖେଳକୁଦରେ ବାଧକ ସିମେଣ୍ଟ ନନ୍ଦ

ଖଣ୍ଡପଡ଼ା,୧୯।୮
(ଅଜୟ କୁମାର ମହାରଣା)

ପ୍ରତି ପଞ୍ଚାୟତରେ ସୋକ ପିଟ ନିର୍ମାଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ ନିମନ୍ତେ ବିଭିନ୍ନ ପଞ୍ଚାୟତର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି କାର୍ଯ୍ୟ ସମ୍ପାଦନ କରିବାର ବ୍ୟବସ୍ଥା ରହିଛି। ତେବେ କେତେଗୋଟି ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ସୋକ ପିଟ ନିର୍ମାଣ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ସିମେଣ୍ଟ ନନ୍ଦ ଗୁଡିକୁ ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ଖେଳ ପଡିଆରେ ସ୍ଥାନୀୟ ଅଞ୍ଚଳର ଠିକାଦାର ବର୍ଷ ବର୍ଷ ଧରି ଜମା କରି ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖେଳ ପଡିଆର ବିଭିନ୍ନ ସ୍ଥାନରେ ସିମେଣ୍ଟ ନନ୍ଦ ପଡ଼ି ରହିଥିବା ବେଳେ ବାଲିଗୋଡ଼ି ସବୁକିଛି ଠାଏ ଠାଏ ଗଦା ହୋଇରହିଛି। ଫଳରେ ଛାତ୍ରୀଛାତ୍ରମାନେ ଖେଳକୁଦ ନିମନ୍ତେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ମଧ୍ୟ ଖେଳ ପଡିଆ ପରିସରରୁ ସିମେଣ୍ଟ ନନ୍ଦ ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ଠିକାଦାରମାନେ ଅବହେଳା



ଖେଳପଡ଼ିଆରେ ନନ୍ଦ ଗଦା ହୋଇ ରହିଛି।

### ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ଖେଳ ପଡ଼ିଆ

### ଅଭିଯୋଗ ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି କେହି

ପ୍ରଦର୍ଶନ କରୁଥିବା ଜଣାପଡ଼ିଛି। ଖେଳ ପଡ଼ିଆ ପରିସରକୁ ଅବାଧରେ ଟ୍ରାକ୍ଟର ଓ ଜେସିବି ପରି ଭାରିଯାନଗୁଡ଼ିକ ପ୍ରବେଶ କରୁଥିବାରୁ ପଡ଼ିଆ ସାରା ଖାଲ ଖମା ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ପଡ଼ିଆର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଫଳରେ ପଡ଼ିଆର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଏହା କ୍ରୀଡ଼ା ଉପଯୋଗୀ ହୋଇ ପାରୁ ନ ଥିବାରୁ ଛାତ୍ରୀଛାତ୍ର, ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବିମାନେ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନୁଷ୍ଠାନ କର୍ତ୍ତୃପକ୍ଷ ତଥା ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ସ୍ଥାନୀୟ ସରପଞ୍ଚ ଓ ଠିକାଦାରମାନଙ୍କୁ ଏ ସମ୍ପର୍କରେ କହିଥିଲେ ମଧ୍ୟ ସେଗୁଡିକ ଉଠାଇ ଦିଆଯିବ ବୋଲି କହୁଥିଲେ ହେଁ ଅନ୍ୟତ୍ର ନେଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ, ବ୍ଲକ୍ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନର ସ୍ଥାଣୁତା ପରୋକ୍ଷରେ ଠିକାଦାରମାନଙ୍କୁ ବେଶ୍ ସୁହାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ନୟାଗଡ଼ ଜିଲାପାଳ ଉକ୍ତ ଖେଳ ପଡ଼ିଆ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଧାର୍ମିକ, ପର୍ଯ୍ୟଟନ କ୍ଷେତ୍ର ଅବହେଳିତ

- ସାମାଜିକ, ଅର୍ଥନୈତିକ ବିକାଶରେ ସହାୟକ ହେବ
- ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା
- ମାନ୍ୟତା ହରାଇବା ଅପେକ୍ଷାରେ ଜାତୀୟ ଉଦ୍ୟାନ


ଭିତରକନିକାର ହେନ୍ତାଳ ବଣ।

କେନ୍ଦ୍ରାପଡ଼ା, ୧୯।୮ (ଜଗନ୍ନାଥ ଧଳ)

ରାଜ୍ୟର ଏକମାତ୍ର ଜାତୀୟ ଉଦ୍ୟାନ କେନ୍ଦ୍ରାପଡ଼ା ଜିଲାରେ ଅଛି। ଏଥିସହ ତୁଳସୀକ୍ଷେତ୍ର ଭାବେ ଏହି ଜିଲା ଧାର୍ମିକ ପର୍ଯ୍ୟଟନ ପାଇଁ ପରିଚିତି ଲାଭ କରିଛି। ପରିବେଶ ଓ ଧାର୍ମିକ ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ଏହାକୁ ଏକ ଶିଳ୍ପର ମାନ୍ୟତା ପାଇଁ ଉଦ୍ୟମ ହୋଇନାହିଁ। ପର୍ଯ୍ୟଟନ ସହିତ କର୍ମନିଯୁକ୍ତିକୁ ଯୋଡ଼ିବାକୁ ସ୍ଥାନୀୟ ପ୍ରଶାସକ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଜାତୀୟ ଉଦ୍ୟାନ ଭିତରକନିକାର ସାମୁଦ୍ରିକ ଉଦ୍ୟାନରେ ବିରଳ ଅଲିଭ ରିଡ୍ଲେ କଇଁଛ, ଡଲ୍ଫିନ, ବିଦେଶାଗତ ପକ୍ଷୀଙ୍କ ସମାହାର ହେଉଥିବା ବେଳେ ଏହାକୁ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର ହେଉନାହିଁ। ଧାର୍ମିକ ସ୍ଥଳର ଉନ୍ନତୀକରଣର ଆବଶ୍ୟକତା ଥିବା ବେଳେ ବିଭିନ୍ନ କାରଣରୁ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତାରୁ ବଞ୍ଚିତ ହେବା ସମ୍ଭାବନା ଦେଖାଦେଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ଗୌତମ କୁମାର ବେହେରା କହିଛନ୍ତି, ଇଚ୍ଛାପୁରର ଶ୍ରୀବଳଦେବଜୀଉ, ସହରର ଗୋବିନ୍ଦଜୀଉ, ତମାଳଶାସନର ଦଧିବାମନଜୀଉ, ସନ୍ଥପୁରାର ଶିବମନ୍ଦିର, ଆଳିର ଲକ୍ଷ୍ମୀବରାହଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା ବତୀଘର ଆଦିକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନ ସ୍ଥଳ ବୋଲି ଅଧିକାଂଶ ଜିଲାବାସୀ ଅଜ୍ଞାତ ଅଛନ୍ତି। ପ୍ରଚାର ପ୍ରସାର ସହ ପର୍ଯ୍ୟଟନ ସ୍ଥଳକୁ ଭଲ ରାସ୍ତା ନାହିଁ। ଗୋପ, ମଥୁରା, ବୃନ୍ଦାବନ ଆଦି ଅଞ୍ଚଳରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କରେ ବୈଷୟିକ ଜ୍ଞାନକୌଶଳରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି, ଯାହା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ପର୍ଯ୍ୟଟକଙ୍କ ଭିଡ଼ ବଢୁଛି। ଏହି ଜିଲାରେ ମଧ୍ୟ ଶ୍ରୀବଳଦେବଜୀଉଙ୍କ ବିଭିନ୍ନ ଲୀଳାକୁ ପ୍ରଦର୍ଶନ କରାଯାଇ ଆର୍ଥିକ ବିକାଶ କରାଯାଇ ପାରିବ। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ରାଜନଗର ବ୍ଲକ ରିଘାଗଡ଼ର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧିବାମନଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳ ମାନ୍ୟତା ଅପେକ୍ଷାରେ ଅଛି। ଏହା ବ୍ୟତୀତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମତ୍ସେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛନାଥ ସମାଧି ସହ ବୌଦ୍ଧଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ନାହିଁ। ଏହା ବ୍ୟତୀତ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବିଲି ପାଠାଗାର, ସୂର୍ଯ୍ୟଘଡ଼ି, ନୋଳସାହି ରାଜ ନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅର ଆଦି ଏହି ଜିଲାରେ ଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନରେ କେନ୍ଦ୍ରାପଡ଼ା ଜିଲା ସାମିଲ ହେବା ସହିତ ଐତିହ୍ୟ ସାମଗ୍ରୀ ରଖିବା ପାଇଁ ମ୍ୟୁଜିୟମ ଆବଶ୍ୟକ। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ଭିତରକନିକାର ଲୁଣା ଧଳା କୁମ୍ଭୀର ଗୋରୀ ଓ ଅଲିଭ ରିଡ୍ଲେ କଇଁଛ ଓଲି ମାସ୍କଟ ଭାବେ ବ୍ୟବହାର ହୋଇଛି। ଇକୋ ରିଟ୍ରିଟ୍ ଆୟୋଜନ କରାଯାଇ ଏହି ଜାତୀୟ ଉଦ୍ୟାନ ପ୍ରତି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ବର୍ଷସାରା ଜାତୀୟ ଉଦ୍ୟାନ ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇନାହିଁ। ମଧୁରପାଣିର ଅଭାବ, ତଟକ୍ଷୟ, ଚିଙ୍ଗୁଡ଼ିଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକବସତିକୁ ସ୍ଥାନାନ୍ତର, ଇକୋ ସେନ୍‌ସେଟିଭ ଜୋନ୍‌ର ପରିଚାଳନା ଆଦିରେ ଛନ୍ଦି ହୋଇଛି। ପ୍ରଶାସକ ଓ ରାଜନେତା ଏଥିପ୍ରତି ସମ୍ବେଦନଶୀଳ ନୁହନ୍ତି। ଫଳରେ ଭିତରକନିକା ୨୦୧୭ରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇପାରି ନ ଥିବା ବେଳେ ଏବେ ଜାତୀୟ ଉଦ୍ୟାନ ମାନ୍ୟତା ହରାଇବାକୁ ଯାଉଛି। ଶିକ୍ଷାବିତ୍ ଭୁବନମୋହନ ଜେନା କହିଛନ୍ତି, ଜିଲାର ଆର୍ଥିକ ବିକାଶରେ ପର୍ଯ୍ୟଟନ ଶିଳ୍ପ ସହାୟକ ହୋଇପାରିବ। ଧାର୍ମିକ ପୀଠର ଉନ୍ନତୀକରଣ ଓ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି। ସେହିପରି ପ୍ରାକୃତିକ ପରିବେଶର ଉପଯୋଗ ଦରକାର। ଗାଇଡ୍, ଫଟୋଗ୍ରାଫି, କୁଟୀର ଶିଳ୍ପର ମଣ୍ଡିଠାରୁ ଆରମ୍ଭ କରି ବେଳାଭୂମିକୁ ପର୍ଯ୍ୟଟକ ଉପଯୋଗୀ ଭିତ୍ତିଭୂମିର ବିକାଶ ଦ୍ୱାରା ଜିଲାର ଅର୍ଥନୈତିକ ବିକାଶ ହେବ। ମହୁ, ଝୁଣା ଆଦି ବନଜାତ ଦ୍ରବ୍ୟକୁ ଯୁବବର୍ଗଙ୍କ କର୍ମନିଯୁକ୍ତି ସହ ଯୋଡ଼ିବାକୁ ପଡ଼ିବ। ବିଶ୍ୱବିଦ୍ୟାଳୟ ଏବଂ ଗବେଷଣାଗାର ସାମୁଦ୍ରିକ ଓ ବନ୍ୟଜୀବ ସମ୍ପର୍କରେ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ସହ ସରକାରୀ ପ୍ରୋତ୍ସାହନରେ ଜିଲାର ବିଭବକୁ ଅଧିକ ପ୍ରଚାର ପ୍ରସାର କରାଗଲେ ଆର୍ଥିକ ବିକାଶ ହୋଇପାରିବ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଶୋକ


@ ପ୍ରମୋଦ


@ ସତିଶ


@ ରଶ୍ମିରଞ୍ଜନ


@ ତୁଷାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଣି ପାଇଁ ବିଡିଓଙ୍କୁ ଘେରିଲେ ମହିଳା


ବିଡିଓଙ୍କୁ ମହିଳାମାନେ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ଧର୍ମଶାଳା, ୧୯।୮ (ବଟକୃଷ୍ଣ ପରିଡ଼ା):

ଧାରା ଶ୍ରାବଣରେ ଜଳକଷ୍ଟ ଭୋଗୁଛନ୍ତି ଧର୍ମଶାଳା ବ୍ଲକ ଗଡ଼ମଧୁପୁର ପଞ୍ଚାୟତ ଜାମୁଝରୀ ଗ୍ରାମ ୭ ନମ୍ବର ୱାର୍ଡ ବାସିନ୍ଦା। ମୁନ୍ଦାଏ ପିଇବା ପାଣି ପାଇଁ ୱର୍ଡର ୫୦ରୁ ଊର୍ଦ୍ଧ୍ୱ ପରିବାର ଦହଗଞ୍ଜ ଭୋଗୁଛନ୍ତି। ତେଣୁ ପାଣି ସମସ୍ୟାର ସମାଧାନ ଦାବିରେ ଶନିବାର ବିଡିଓଙ୍କୁ ଉକ୍ତ ୱାର୍ଡର ମହିଳାମାନେ ଘେରିବା ସହ ସେମାନଙ୍କ ଦୁଃଖ ଜଣାଇଛନ୍ତି। ଏହି ୱାର୍ଡରେ ୨ ବର୍ଷ ହେଲା ପାଣି ସମସ୍ୟା ଲାଗିରହିଛି। ଏନେଇ ଗ୍ରାମବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର କହି ସମସ୍ୟାର ସମାଧାନ ନ ହେବାରୁ ୱାର୍ଡର ଗୀତା ମଲିକ, ଅନୁ ମଲିକ, ରିଲିରାଣୀ ମଲିକ, ଶକ୍ତିଲତା ମଲିକ, ରଜନୀ ମଲିକ ଓ ଇନ୍ଦୁମତି ମଲିକ ପ୍ରମୁଖ ମହିଳା ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଘେରି ସମସ୍ୟା ସମ୍ପର୍କରେ କହିବା ସହ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୪ ଦିନ ମଧ୍ୟରେ ସମସ୍ୟା ସମାଧାନ କରିବାକୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଘରକୁ ଫେରି ଯାଇଛନ୍ତି।

# ପୋଖରୀରେ ଦୁର୍ବୃତ୍ତ ବିଷ ପକାଇ ମାଛ ମାରିଦେଲେ

ରାଜକନିକା, ୧୯।୮
(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ବରୁଣା ଗାଁର ମା' ଚଇତି ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପଞ୍ଚାୟତରୁ ୫ ବର୍ଷ ପାଇଁ ୧୪ ହଜାର ଟଙ୍କାରେ ଏକ ପୋଖରୀ ନିଲାମ ଆଣି ମାଛ ଚାଷ କରିଥିଲେ। ହେଲେ ମାଛ ଅମଳ ସମୟରେ ହିଁ କେହି ଦୁର୍ବୃତ୍ତ ଚାଷ ହୋଇଥିବା ପୋଖରୀରେ ବିଷ ପ୍ରୟୋଗ କରି ମାଛ ମାରି ଦେଇଛନ୍ତି। ୧୭ ତାରିଖ ସକାଳେ ଏସ୍‌ଏଚଜି ମହିଳାମାନେ ପୋଖରୀରେ ମାଛ ମରି ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ମହିଳାମାନେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିବା ସହ ବିଡିଓ ଓ ମତ୍ସ୍ୟ ଅଧିକାରୀଙ୍କୁ ମଧ୍ୟ ଏ ବାବଦରେ ଫେରାଦ ହୋଇଛନ୍ତି।

ଅଭିଯୋଗ ମୁତାବକ, ବରୁଣା ପଞ୍ଚାୟତର ବରୁଣା ଗାଁର ଏସ୍‌ଏଚଜି ମହିଳାମାନେ ୨୦୨୨ରେ ଏକ ପୋଖରୀକୁ ୫ ବର୍ଷ ପାଇଁ ନିଲାମ ନେଇଥିଲେ। ସ୍ଥାନୀୟ ଏକ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଋଣ କରି ପୋଖରୀକୁ ସଫା ପରେ ଚୂନ ପକାଇ ମାଛ ଯାଆଁ ଛାଡି ଚାଷ ଆରମ୍ଭ କରିଥିଲେ। ପ୍ରତ୍ୟହ ମହିଳାମାନେ ପୋଖରୀକୁ ଯାଇ ମାଛମାନଙ୍କୁ ଖାଦ୍ୟ ଦେବା ସହ ପୋଖରୀର ଯତ୍ନ ନେଉଥିଲେ। ହେଲେ ମାଛ ବଡ଼ ହେବା ପରେ ଏବେ କେହି ଦୁର୍ବୃତ୍ତ ପୋଖରୀରେ ବିଷ ପ୍ରୟୋଗ କରି ମାଛ ମାରି ଦେଇଛନ୍ତି। ପୋଖରୀରେ ମାଛଗୁଡିକ ମରି ଭାସୁଥିବା ଦେଖି ମହିଳାମାନେ ହତବାକ୍ ହୋଇପଡ଼ିଛନ୍ତି। ସେମାନେ କ'ଣ କରିବେ, କିପରି ଋଣ ଟଙ୍କା ଶୁଝିବେ ସେହି ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏସ୍‌ଏଚଜିର ସଭାନେତ୍ରୀ ପ୍ରେମଲତା ସାମଲ, ସମ୍ପାଦିକା ସନ୍ଧ୍ୟାରାଣୀ ବେହେରା, ସଭ୍ୟା ଯଶୋବନ୍ତି ସେନାପତି, ପୁଷ୍ପଲତା ସାମଲ, ମଧୁସ୍ମିତା ବେହେରା, ସୁଲଚନା ପରିଡା, ଉତ୍ତମା ବେହେରା, ରଶ୍ମିତା ସେନାପତି, ଇନ୍ଦୁମତୀ ବେହେରା, ଶୁଭଲକ୍ଷ୍ମୀ ସାମଲ ପ୍ରମୁଖ କହିଛନ୍ତି, ଆମ୍ଭେମାନେ ନିଜେ ପରିଶ୍ରମ କରି ମାଛ ଚାଷ କରିଥିଲୁ। ଭାବି ଥିଲୁ ମାଛ ବଢ଼ିଗଲେ ବିକ୍ରି କରି ଋଣ ଟଙ୍କା ପରିଶୋଧ କରି ନିଜେ ସ୍ୱାବଲମ୍ବୀ ହେଇପାରିବୁ। ଯେଉଁ ଦୁର୍ବୃତ୍ତ ଏଭଳି କରିଛନ୍ତି ସେମାନଙ୍କ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ନିବେଦନ କରିଛନ୍ତି। ବିଡ଼ିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସାହାଯ୍ୟ କଲେ ସେମାନେ ଆଗକୁ ବଢ଼ି ପାରିବେ ବୋଲି କହିଛନ୍ତି।


ବିଷ ପ୍ରଭାବରେ ମରିପଡ଼ିଥିବା ମାଛ।

# ଇନ୍‌କ୍ୟୁବେସନ ସେଣ୍ଟର, ମିନେରାଲ ଲାଇବ୍ରେରି ଉଦ୍‌ଘାଟିତ

କୋରେଇ, ୧୯।୮ (ଚନ୍ଦ୍ରକାନ୍ତ ପତି):


ଇନ୍‌କ୍ୟୁବେସନ ସେଣ୍ଟର ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡାଇ ଓ ଅନ୍ୟମାନେ।

କୋରେଇ ବ୍ଲକ ଅନ୍ତର୍ଗତ ରଗଡ଼ିସ୍ଥିତ ଯାଜପୁର ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଶନିବାର ପୂର୍ବାହ୍ନରେ ଇନ୍‌କ୍ୟୁବେସନ (ନୂତନ ଉଦ୍ଭାବିତ ପ୍ରକ୍ରିୟା) ସେଣ୍ଟର ଏବଂ ଓଡ଼ିଶା ମିନେରାଲ(ଖଣିଜ ସମ୍ପଦ) ଲାଇବ୍ରେରି ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହା ରାଜ୍ୟରେ ପ୍ରଥମ ବୋଲି ସୂଚନା ମିଳିଛି। ଏହି ଅବସରରେ ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ କଲେଜର ମୁଖ୍ୟ ପ୍ରବେଶ ଦ୍ୱାରରେ ସ୍ୱାଗତ କରିଥିଲେ। ପ୍ରଥମେ ମନ୍ତ୍ରୀ ଘଡ଼ାଇ କଲେଜ ପରିସରରେ ଚାରାରୋପଣ କରିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିସହିତ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭୁଦତ୍ତ ମିଶ୍ର, ଶିବାନୀ ପଣ୍ଡା, ଅଶୋକ କୁମାର ମିଶ୍ର, ଉମାକାନ୍ତ ନନ୍ଦ, ନିହାରିକା ସେଠୀ, ଡ. ବିଶ୍ୱମ୍ଭର ମହାନ୍ତି ଓ ଗୀତାଞ୍ଜଳି ସେଠୀ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ନାବାଳିକା ଅପହରଣ ମାମଲାରେ ୧୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୯।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଏହି ମାମଲା ନଂ.୧୩୩/୧୭ରେ ଗୋପାଳପୁର ଗ୍ରାମର ମୁସ୍ତାଫର ଖାନ୍ ଓରଫ ଚୂନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଡିଜେ ତଥା ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ଜଜ୍ ପ୍ରଣତୀ ପଟ୍ଟନାୟକ ତାଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ବାବଦ ୨୦୦୦ ଟଙ୍କା ଅନାଦାୟରେ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ବଳବତ୍ତର ରହିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସ୍ପେଶାଲ ପିପି ମନୋଜ କୁମାର ସାହୁ କହିଛନ୍ତି, ନାବାଳିକା ଦଶମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଯିବା ସମୟରେ ମୁସ୍ତାଫର ବାଟରେ ଅଟକାଇ ଭଲ ପାଉଥିବା କହୁଥିଲେ। ତେବେ ପୀଡ଼ିତା ଏଥିରେ ରାଜି ନ ହେବାରୁ ଗତ ୨୦୧୭ ଜୁଲାଇ ୫ରେ ଟ୍ୟୁଶନରୁ ଫେରୁଥିବା ଏହି ପୀଡ଼ିତା ନାବାଳିକାଙ୍କୁ ସନ୍ଧ୍ୟା ୫ଟାରେ ଅପହରଣ କରି ନେଇଥିଲେ। ପ୍ରଥମେ ଇନ୍ଦୁପୁର ଓ ପରେ ବିଶାଖାପାଟଣାରେ ୧୨ ଦିନ ରଖି କ୍ରମାଗତ ଭାବେ ବଳାତ୍କାର କରିଥିଲା। ଅପହରଣ ନେଇ ଥାନାରେ ଅଭିଯୋଗ ହେବା ଜାଣି କେନ୍ଦ୍ରାପଡ଼ା ଆଣି ବସ୍‌ରେ ବସାଇ ପଳାଇଯାଇଥିଲେ। ମାମଲାର ତଦନ୍ତ ପରେ ଚୂନାଙ୍କୁ ପୋଲିସ ଗିରଫ କରିଥିବା ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ

## ଥାନାରେ ୨ ମାମଲା

ରସୁଲପୁର, ୧୯।୮ (ରଞ୍ଜିତ ରାଉତ):

କୁଆଖିଆ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଅସଦାଚରଣ କରିଥିବା ଯୁବକଙ୍କୁ ମହିଳାଙ୍କ ପରିବାର ଲୋକେ ମାଡ଼ ମାରି ଆହତ କରିଥିବା ନେଇ ଆଉ ଏକ ଅଭିଯୋଗ ହୋଇଛି। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ମହିଳା ଜଣକ କିଛିଦିନ ହେବ ତାଙ୍କ ବାପଘରେ ରହି ଆସୁଛନ୍ତି। ଏହାର ସୁଯୋଗରେ ପଡ଼ୋଶୀ ଘରର ନିରଞ୍ଜନ ଘଡ଼େଇ ନାମକ ଯୁବକ ତାଙ୍କୁ ଅସଦାଚରଣ କରିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଏହାକୁ ମହିଳା ବିରୋଧ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ରକରି ଉଭୟ ପରିବାରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୯୧/୨୩ରେ ଏକ ମାମଲା ରୁଜୁ କରିଥିଲା। ସେହିପରି ଅସଦାଚରଣ କରିଥିବା ଯୁବକଙ୍କୁ ମହିଳାଙ୍କ ପରିବାର ଆକ୍ରମଣ କରିଥିବା ନେଇ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା


୨୦୧୯ରେ ପାରାଦୀପର ମହାନଦୀ ମୁହାଣ ଅଞ୍ଚଳର ଏହି ସ୍ଥାନ ବାଲିଚର ଓ ଗଛଲତାରେ ପରିପୂର୍ଣ୍ଣ ଥିଲା।


ଉକ୍ତ ସ୍ଥାନରେ ପର୍ଯ୍ୟାୟକ୍ରମେ ଅତଡ଼ା ଖାଇବାରୁ ସେଠାରେ ଏବେ ମହାନଦୀ ଓ ସମୁଦ୍ର ପାଣି ଲହଡ଼ି ମାରୁଛି।

# ୮ ଶହରୁ ଊର୍ଦ୍ଧ୍ୱ ନକଲି ଶିକ୍ଷକ ପଢ଼ାଉଛନ୍ତି

## ଯାଞ୍ଚ ଧରି ପାରୁନି, ଜାଲ୍ ସାର୍ଟିଫିକେଟ

ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ୮ଶହରୁ ଊର୍ଦ୍ଧ୍ୱ ଜାଲ ଶିକ୍ଷକ ଅବାଧରେ ପାଠ ପଢ଼ାଉଛନ୍ତି। ଧରପଗଡ଼ ପାଇଁ ବିଭିନ୍ନ ସମୟରେ ଶିକ୍ଷା ବିଭାଗ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ କରାଯାଉଛି। ହେଲେ ନକଲି ପ୍ରମାଣପତ୍ର ଦେଇ ନୟାଗଡ଼ ଜିଲାରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକ ଅନାୟସରେ ଖସି ଯାଉଛନ୍ତି। ଜାଲ୍ ବା ଅଯୋଗ୍ୟ ଶିକ୍ଷକ ଧରା ପଡୁନାହାନ୍ତି ନାଁ ସେମାନଙ୍କୁ ଜାଣିଶୁଣି ସୁରକ୍ଷା ଦିଆଯାଉଛି ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷେ ଜାଲ୍ ଶିକ୍ଷକ ଧରା ନ ପଡ଼ିବା କାରଣରୁ ଯାଞ୍ଚ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଠିକ୍ ଭାବେ ଯାଞ୍ଚ ହେଉ ନ ଥିବାରୁ ଜାଲ୍ ଶିକ୍ଷକମାନେ ବହୁ ବର୍ଷ ହେଲା ନିର୍ଭୟରେ ସରକାରୀ ଦରମା ଉଠାଇ ଚାଲିଛନ୍ତି। ପୁଣି ଜାଲ୍ ଶିକ୍ଷକମାନଙ୍କ ପାଖରେ ଛାତ୍ରୀଛାତ୍ର ପାଠ ପଢ଼ି ମୁର୍ଖ ହେଉଛନ୍ତି ବୋଲି କେତେଜଣ ଅଭିଭାବକ ଓ ଶିକ୍ଷାବିତ୍ ମତବ୍ୟକ୍ତ କରିଛନ୍ତି। ପ୍ରାପ୍ତ ଅଭିଯୋଗ ଅନୁସାରେ ନକଲି ସାର୍ଟିଫିକେଟ ଦେଇ ଜିଲାର ୮ଟି ବ୍ଲକ ଓ ୫ ସହରାଞ୍ଚଳରେ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଥିବାବେଳେ ଏମାନଙ୍କ ସଂଖ୍ୟା ନୟାଗଡ଼, ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା ଓ ରଣପୁର ବ୍ଲକରେ ଅଧିକ ରହିଛି।

### ଗୋଟିଏ ଶିକ୍ଷା ବର୍ଷରେ ୨ଟି ପାଠପଢ଼ା

ଗୋଟିଏ ଶିକ୍ଷାବର୍ଷରେ ଦୁଇଟି ସାର୍ଟିଫିକେଟ ହାତେଇ ଜିଲାରେ ଅନେକ ଶିକ୍ଷକ ପଦୋନ୍ନତି ପାଇଛନ୍ତି। ସେମାନଙ୍କ ନାଁରେ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତଦନ୍ତର ସ୍ୱଚ୍ଛତା ଅଭାବରୁ ସେମାନେ ଖସି ଯାଉଥିବା ଅଭିଯୋଗ ରହିଛି। ଯାହାର ନଜୀର ଓଡ଼ଗାଁ ବ୍ଲକରେ ଦେଖିବାକୁ ମିଳିଛି। ବାପାଙ୍କ ସ୍ୱେଚ୍ଛାକୃତ ଅବସର ପରେ ଜଣେ ଯୁବକ ଯୁକ୍ତ ୨ ପାସ କରି ୧୧।୭।୧୯୮୯ରେ ଅଣତାଲିମ ପ୍ରାପ୍ତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସେ ୧୯୯୦ରେ ସିଟି ତାଲିମ ନେଇ ୧୯୯୦ ଓ ୧୯୯୧ ବର୍ଷ ପାଠପଢ଼ି ସିଟି ସାର୍ଟିଫିକେଟ ହାସଲ କରିଛନ୍ତି। ସେପଟେ ୧୯୯୦ରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପାଇଁ ୩ ବର୍ଷ ପାଠ ପଢ଼ି ୧୯୯୨ରେ ଡିଗ୍ରୀ ସାର୍ଟିଫିକେଟ ପାଇଛନ୍ତି। ଜଣେ ଶିକ୍ଷକ ୨ଟି ସ୍ଥାନରେ ସିଟି ତାଲିମ ଓ ଯୁକ୍ତ ୩ ପାଇଁ କିପରି ପାଠ ପଢ଼ିଲେ ତାହା ତଦନ୍ତସାପେକ୍ଷ। ପୁଣି ସେ ପାଠ ପଢ଼ିବାକୁ ୨ଟି ପ୍ରମାଣପତ୍ର ଆଣିଲେ କେଉଁଠୁ। ଏଣୁ ପ୍ରମାଣପତ୍ରରେ ଜାଲିଆତି ହୋଇଥିବା ଅଭିଯୋଗ ରହିଛି। ଏଭଳି ଶତାଧିକ ଶିକ୍ଷକ ଓଡ଼ଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ ଅଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି।

### ମୁହଁ ବଙ୍କା କରୁଛି ହାତଗୁଞ୍ଜା

ଜାଲ ଶିକ୍ଷକମାନେ ନିଜ ପଦବୀକୁ ବଞ୍ଚେଇବାକୁ ହାତଗୁଞ୍ଜା ଦେଉଥିବା ଅଭିଯୋଗ ହୋଇଆସୁଛି। ହାତଗୁଞ୍ଜାର ପ୍ରଭାବରେ ନକଲି ଶିକ୍ଷକ ଧରା ପଡୁନାହାନ୍ତି ବୋଲି ଅଭିଯୋଗ ଉଠୁଛି। କେତେଜଣ ଶିକ୍ଷକନେତାଙ୍କ ସୂଚନା ଅନୁସାରେ, କ୍ଲଷ୍ଟର ପଏଣ୍ଟରେ ଯାଞ୍ଚ ହେବାବେଳେ ନକଲି ଶିକ୍ଷକମାନେ ଦୂରେଇ ରହୁଛନ୍ତି। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ହାତଗୁଞ୍ଜା ଦେଇ ପ୍ୟାଚ ପକାଉଛନ୍ତି। ତେବେ ହାତଗୁଞ୍ଜା କାରବାର ପାଇଁ ପ୍ରତି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ର୍ୟାକେଟ କାମ କରୁଛି। ଏଣୁ ବାରମ୍ବାର ଯାଞ୍ଚରେ ସ୍ୱଚ୍ଛତା ରହୁନି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଯାଞ୍ଚ ସମୟରେ ଅସଲି ସହ ଜେରକ୍ସ ପ୍ରମାଣ ପତ୍ରକୁ ତନଖି କରାଯାଉଛି। ଏଣୁ ଏଥିରେ ନକଲି ଶିକ୍ଷକ ଧରାପଡ଼ିବେ ନାହିଁ। କାରଣ ଜାଲିଆତି ହୋଇଥିବା ପ୍ରମାଣପତ୍ର ପୂରା ଅସଲି ପରି ଜଣାପଡୁଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରେ ଜାଲ୍ ଶିକ୍ଷକ ଧରପଗଡ଼ ତ୍ୱରାନ୍ୱିତ କରାଯାଇଛି। ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ତେବେ ଅଭିଯୋଗ ମିଳିଲେ ଆମକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସହଜ ହେବ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ କାଟ ନେଇ ଉତ୍ତ୍ୟକ୍ତ ଜନତାଙ୍କ ରାସ୍ତାରୋକୋ

ଦଶପଲ୍ଲା,୧୯।୮(ପ୍ରକାଶ କୁମାର ପାଣି)

ବିଦ୍ୟୁତ ବିଭାଗ ମନଇଛା ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରୁଥିବା ବେଳେ ଜନତା ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଦ୍ୟୁତ ବିଭାଗର ମନମାନି ବିରୋଧରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦଶପଲ୍ଲା ବ୍ଲକର ଶିମିଳିସାହି ଓ ତେଣ୍ଡାବାଡି ପଞ୍ଚାୟତବାସୀ ଶିମିଳିସାହିଠାରେ ଶୁକ୍ରବାର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦଶପଲ୍ଲା–ଭଞ୍ଜନଗର ରାସ୍ତାରେ ଅପରାହ୍ନରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୨ ଦିନ ଧରି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ଲୋକମାନେ ବହୁ ସମସ୍ୟା ଭୋଗୁଛନ୍ତି। ବିଦ୍ୟୁତ୍ ବିଭାଗ ମନମାନି ନୀତି କରି ବିନା ସୂଚନାରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରୁଥିବାରୁ ବର୍ଷାଦିନେ ଲୋକମାନେ ବହୁ ହଇରାଣ ହେଉଛନ୍ତି। ବିଦ୍ୟୁତ୍ ସମସ୍ୟା ନେଇ ଅଞ୍ଚଳବାସୀ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ଲୋକଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ଦଶପଲ୍ଲା ପୋଲିସ ଆନ୍ଦୋଳନରତ ଜନତାଙ୍କୁ ବୁଝାସୁଝା କରିଥିଲେ। ବିଦ୍ୟୁତ ବିଭାଗ ଏସ୍‌ଡିଓ ପହଞ୍ଚି ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟି ଥିଲା।

# ବିଜେଡିର ସୋସିଆଲ ମିଡିଆ ସମ୍ପର୍କରେ ମହିଳାଙ୍କୁ ତାଲିମ



କର୍ମଶାଳାରେ ଯୋଗଦେଇଥିବା ମହିଳାମାନେ।

ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡିର ମହିଳା କାର୍ଯ୍ୟକର୍ତ୍ତାଙ୍କୁ ନେଇ ସୋସିଆଲ ମିଡିଆ ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀର ନୟାଗଡ଼ ପୌରାଞ୍ଚଳ, ନୟାଗଡ଼ ବ୍ଲକ, ଓଡ଼ଗାଁ ଏନ୍‌ଏସି ଓ ଓଡ଼ଗାଁ ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ମହିଳା ନେତ୍ରୀ ପ୍ରଶିକ୍ଷଣ ନେଇଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସୋସିଆଲ ମିଡିଆର ଅପକାରିତା ଓ ଉପକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ମା' ମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ସେମାନେ ସଫଳତାର ସହ କାର୍ଯ୍ୟ କରିଛନ୍ତି ବୋଲି ବିଧାୟକ ସାହୁ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ମାନଙ୍କୁ ସମସ୍ତ ଦାୟିତ୍ୱ ଦେବାକୁ ଚାହୁଁଛନ୍ତି। ମା' ମାନେ ସ୍ୱାବଲମ୍ବୀ ହେଲେ ଗାଁଠୁ ସହର ସବୁଠାରେ ବିକାଶର ବାନା ଉଡ଼ିବ ବୋଲି ସାହୁ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ବିଭିନ୍ନ ସମୟରେ ଯୁଗାନ୍ତକାରୀ ପଦକ୍ଷେପ ନେଇ ଚର୍ଚ୍ଚାରେ ଅଛନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା ମୁଖ୍ୟମନ୍ତ୍ରୀ ପ୍ରଣୟନ କରି ଲୋକଙ୍କ ନିକଟତର ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାଠାରୁ ଆରମ୍ଭ କରି କାଳିଆ, ମମତା, ନିରାମୟ, ମଧୁବାବୁ ପେନସନ୍, ହରିଶ୍ଚନ୍ଦ୍ର ପରି ଅନେକ ଯୋଜନା ମୁଖ୍ୟମନ୍ତ୍ରୀ ପ୍ରଣୟନ କରିଛନ୍ତି। ସମସ୍ତ ଯୋଜନାଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚିବ ଏହାର ଦାୟିତ୍ୱ ମହିଳାମାନେ ନେବାର ଆବଶ୍ୟକତା ରହିଛି। ଆଜିକାର ଦିନରେ ସାମାଜିକ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି। ସାମାଜିକ ଗଣମାଧ୍ୟମକୁ ଦଳୀୟ କର୍ମକର୍ତ୍ତାମାନେ କିପରି ପରିଚାଳନା କରିବେ ସେ ସମ୍ବନ୍ଧରେ ସମସ୍ତେ ସଚେତନତା ହେବାର ଆବଶ୍ୟକତା ରହିଛି ବୋଲି ବିଧାୟକ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡିର ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ରାଜ୍ୟ ବିଜୁ ମହିଳା ଜନତା ଦଳର କୋଷାଧ୍ୟକ୍ଷ ଜୟଶ୍ରୀ ଦାସ, ବରିଷ୍ଠ ରାଜ୍ୟ ଉପ ସଭାନେତ୍ରୀ ମାଳତି ଗୁରୁ ଓ ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୨ଦିନ ହେଲା ବିଦ୍ୟୁତ୍ କଟିଲାଣି: ମରାମତି ହେଉନି

ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ବରପଲ୍ଲୀସ୍ଥ ବୃନ୍ଦାବନ ଦାଶଙ୍କ ଘରେ ଶୁକ୍ରବାର ଓ ଶନିବାର ୨ଦିନ ହେଲା ବିଦ୍ୟୁତ୍ ନାହିଁ । ଘର ଅନ୍ଧକାରରେ ରହିଛି। ପାଣି ଉଠାଇବା କାମଠାରୁ କୌଣସି କାମ କରି ପାରୁନାହାନ୍ତି। ଲାଇନ କଟିବାର ୪୮ ଘଣ୍ଟା ବିତି ଯାଇଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ମରାମତି କରୁ ନ ଥିବାରୁ ବୃନ୍ଦାବନ ହଇରାଣ ହେଉଛନ୍ତି। ଶୁକ୍ରବାର ବୃନ୍ଦାବନଙ୍କ ଘରୁ ଲାଇନ କଟି ଯାଇଥିଲା। ଏ ନେଇ ବୃନ୍ଦାବନ ୧୯୧୨ ନଂ.ରେ ଓ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି।

# କାର୍ ସହ ୫୦ କେଜି ଗଞ୍ଜେଇ ଜବତ

## ଖସିଗଲେ ସ୍ୱାମୀ, ଫସିଲେ ସ୍ତ୍ରୀ

ନୟାଗଡ଼/ଦଶପଲ୍ଲା, ୧୯।୮
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲାର ଦଶପଲ୍ଲା ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଶୁକ୍ରବାର କାର ସହ ୫୦ କେଜି ୮୦ ଗ୍ରାମ ଗଞ୍ଜେଇ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ଅଞ୍ଚଳରୁ ଜବତ କରିଛି । ଏହି ଘଟଣାରେ ସ୍ୱାମୀ ପୋଲିସକୁ ଚକମା ଦେଖାଇ ଖସି ଯାଇଥିବାବେଳେ ସ୍ତ୍ରୀ ଫସିଛନ୍ତି। ଜାମିନ ନାମଞ୍ଜୁର ପରେ ପୋଲିସ ଜଗତ୍‌ସିଂହପୁର ଟାଉନ ଥାନା ସାନରା ଆନିପୁର ଗାଁର ଜୟସ୍ମିତା ପୁହାନ(୩୦)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଶୁକ୍ରବାର ପୋଲିସ ପାଟ୍ରୋଲିଂ କରୁଥିଲା। ପାଟ୍ରୋଲିଂ ସମୟରେ ନଂ. ଓଆର ୨୪ ୪୩୭୭ ବିଶିଷ୍ଟ କାରରେ ଗଞ୍ଜେଇ ଯାଉଥିଲା। ପୋଲିସକୁ ଦେଖି ଡ୍ରାଇଭର ତଥା ଗଞ୍ଜେଇ ବ୍ୟବସାୟୀ ନିହାର ରଞ୍ଜନ ଓଝା ସ୍ତ୍ରୀଙ୍କୁ ଛାଡି ଫେରାର ହୋଇଯାଇଥିଲେ। ପଚରାଉଚୁରା ପରେ ସ୍ୱାମୀ ସ୍ତ୍ରୀ ମିଳିତ ହୋଇ ଗଞ୍ଜେଇ ବ୍ୟବସାୟ କରୁଥିଲେ ବୋଲି ଜଣାପଡିଛି। କାର ଯୋଗେ କନ୍ଧମାଳରୁ ଗଞ୍ଜେଇ ନେଇ ଜଗତ୍‌ସିଂହପୁର ଯାଉଥିଲେ। ଗଞ୍ଜେଇ ଜବତ ପରେ ପୋଲିସ ନଂ. ୨୦୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା

# ୨୧୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ

ଶରଣକୁଳ,୧୯।୮(ଦୀପକ କର)

ଓଡ଼ଗାଁ ବ୍ଲକ ଅର୍ନ୍ତଗତ ହରିହରପୁର ପଞ୍ଚାୟତ ଅଧୀନ ହରିହରପୁର, ଅସୁରଢିପା, କରଡା, ବଡପୁଟ ଏବଂ ପଥରଗଡ ଗ୍ରାମର ୨୧୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଛି। ଏଥିରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡଗାଁ ବିଡିଓ ସନ୍ତୋଷ କୁମାର ଜେନା, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ହରିହରପୁର ସରପଞ୍ଚ ବିଳାସିନୀ ଦେଇ, ସମିତି ସଭ୍ୟା ଲକ୍ଷ୍ମୀ ବରାଡ, ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରଭୃତି ବହୁ ବୁଦ୍ଧିଜୀବୀ, ମହିଳା ସ୍ୱେଚ୍ଛାସେବୀ ଯୋଗଦେଇ ଥିଲେ। ରଣପୁର ବିଧାୟକ ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃଦ୍ଧାବୃଦ୍ଧମାନଙ୍କ ପାଇଁ ସଦା ସର୍ବଦା ସହୟତା ପାଇଁ ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ। ଏହି ସଭାକୁ ଭବାନୀ ମହାପାତ୍ର ସଂଯୋଜନା କରିଥିଲେ। ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ଯୋଗ ଦେଇଥିଲେ।




ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଶୋକ



@ ପ୍ରମୋଦ



@ ସତିଶ



@ ରଶ୍ମିରଞ୍ଜନ



@ ତୁଷାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛାତରୁ ପଡ଼ି ଶ୍ରମିକ ମୃତ: ଡିଏଚ୍‌ଏଚ୍‌ରେ ଉତ୍ତେଜନା

ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ଇଟାମାଟି ଥାନା ମଜ୍ଜୁରିଆପଲ୍ଲୀରେ ଛାତ ଘର ନିର୍ମାଣବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଳଭଦ୍ର ମୁଦୁଲି(୪୫)। ଘର ଇଟାମାଟି ଥାନାର ଶରଧାପୁରରେ। ଶନିବାର ମଜ୍ଜୁରିଆପଲ୍ଲୀରେ ଛାତ ଘର ନିର୍ମାଣ ବେଳେ ଶରଧାପୁରର ବଳଭଦ୍ର ଖସି ପଡିଥିଲେ। ପରେ ସହଯୋଗୀ ଶ୍ରମିକ ଓ ଠିକାଦାର ବଳଭଦ୍ରଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ)ରେ ଭର୍ତ୍ତି କରିଥିଲେ। ଶ୍ରମିକଙ୍କୁ ଡାକ୍ତର ମୃତ ଘୋଷଣା ପରେ ସହଯୋଗୀ ଶ୍ରମିକ ଛାଡି ପଳାଇ ଥିଲେ। ଖବରପାଇ ପରିବାର ଲୋକ ଓ ଅମିୟ ସ୍ୱଜନ ପହଞ୍ଚି ପାଟିତୁଣ୍ଡ କରିଥିଲେ। କିଛି ସମୟ ଚାପା ଉତ୍ତେଜନା ରହିଥିଲା। ଇଟାମାଟି ଓ ନୟାଗଡ଼ ଟାଉନ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷେ ପୋଲିସ ନଂ.୧୯/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଦଶପଲ୍ଲାରେ ବିଶ୍ୱ ଫଟୋ ଦିବସ

ଦଶପଲ୍ଲା ୧୯।୮(ପ୍ରକାଶ କୁମାର ପାଣି)

ଶନିବାର ଦଶପଲ୍ଲାରେ ଫଟୋ ଷ୍ଟୁଡିଓ ସଂଘ ତରଫରୁ ବିଶ୍ୱ ଫଟୋ ଦିବସ ଏବଂ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଫଟୋଗ୍ରାଫର ଭାଇମାନେ ମହାବୀର ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସଭାସ୍ଥଳ ତ୍ରିନାଥ ବଜାରସ୍ଥିତ ସୀତାରାମ କ୍ଲବ ଠିକୁ ଆସିଥିଲେ।

ଏହି ଅବସରରେ ସଂଘ ପକ୍ଷରୁ ମେଡିକାଲରେ ରୋଗୀଙ୍କୁ ଏବଂ ବୃଦ୍ଧା ଶ୍ରମରେ ବୃଦ୍ଧାବୃଦ୍ଧଙ୍କୁ ଫଳ ବଣ୍ଟନ କରିବା ସହ ଅସହାୟ ଲୋକଙ୍କୁ ଖାଦ୍ୟ ବାଣ୍ଟିଥିଲେ। ସୀତାରାମ କ୍ଲବ ପରିସରରେ ସଂଘର ସଭାପତି ପ୍ରତାପ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ବଣିକ ମହାସଂଘର ସଭାପତି ଅଲେଖ କୁମାର ସାହୁ ସମେତ ଖବରଦାତାମାନେ ଯୋଗଦାନ କରିଥିଲେ, ବିଶ୍ୱ ଫଟୋ ଦିବସ ଏବଂ ଫଟୋଚିତ୍ର ସହ କର୍ମକର୍ତ୍ତାଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘର ସମ୍ପାଦକ ପିଣ୍ଟୁ ରଞ୍ଜନ ମହାରଣା ସ୍ୱାଗତ ଜଣାଇଥିଲେ। ଏଥିଲେ ବରିଷ୍ଠ ଫଟୋଗ୍ରାଫର ମୁରଲୀଧର ମହାରଣା, ଅଶ୍ୱିନୀ କୁମାର ଖଟେଇ, ବାବୁଲି ଦାଶ ସମେତ ଦଶପଲ୍ଲା ଗଣିଆ ନୂଆଗାଁ, ଆଡକଟା ମଧ୍ୟଖଣ୍ଡ ପ୍ରଭୃତି ଅଞ୍ଚଳରୁ ପ୍ରାୟ ୭୦ ଜଣ ଫଟୋ ଗ୍ରାଫର ଯୋଗ ଦେଇଥିଲେ।




ଫଟୋଗ୍ରାଫରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଦେଶୀ ମଦଭାଟିରେ ପୋଲିସ ଚଢ଼ାଉ

ରଣପୁର, ୧୯।୮ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ନିକଟ ସୁନାଖେଳା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବଢୁଥିବା ବେଳେ, ଏବେ ଆକ୍ସନ ମୁଡ଼ରେ ପୋଲିସ। ବିଶେଷସୂତ୍ରରୁ ଖବରପାଇ ଶନିବାର ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତି ଓ ଷ୍ଟାପ ନେତୃତ୍ୱରେ ଟିମ ରଣପୁର ଥାନା ଅନ୍ତର୍ଗତ କସନ୍ଦା ଓ ସୁରୁକା ବାଡି ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରିଥିଲେ। ସେଠାରୁ ଜାରକିନିରେ ରଖାଯାଇଥିବା ହଜାରରୁ ଊର୍ଦ୍ଧ୍ୱ ଲିଟର ପୋଚ ସ୍ପ୍ରିରିଟୀ ମଦରନ୍ଧା ସାମଗ୍ରୀ ସହିତ ୨୨ଲିଟର ଦେଶୀ ମଦ ଜବତ କରିଛି। କସନ୍ଦା ଗ୍ରାମର କାଳନ୍ଦୀ ସାହୁଙ୍କୁ ଘଟଣା ସ୍ଥଳରୁ ଗିରଫ କରାଯାଇଛି । ଏ ନେଇ ଥାନାରେ ନଂ. ୨୨୦/୨୩ ରେ ମାମଲା ରୁଜୁ କରାଯାଇ ମଦ ବେପାରୀ କାଳନ୍ଦୀ ସାହୁ, ଶନିବାର ରଣପୁର କୋର୍ଟକୁ ଚାଲାଣ କରାଯାଇଛି



ପୋଲିସ ଜଙ୍ଗଲରେ ପୋଚ ନଷ୍ଟ କରୁଛି।



ଗିରଫ କାଳନ୍ଦୀ ସାହୁ।

- ଜଣେ ଗିରଫ, ହଜାର ଲିଟର ପୋଚ ନଷ୍ଟ
- ୨୨ ଲିଟର ମଦ ଜବତ

ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ରଣପୁର ସବଜେଲକୁ ପଠାଇ ଦିଆଯାଇଛି।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, କସନ୍ଦା ଓ ସୁରୁବାବାଡି ଗ୍ରାମରେ ଥିବା ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ରନ୍ଧାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିଲା। ଏହାର ଖବରପାଇ ଶନିବାର ସକାଳୁ ଫାଣ୍ଡି ପୋଲିସ ଏହି ଜଙ୍ଗଲ ଉପରେ ଚଢ଼ାଉ କରିଥିଲା। ସେଠାରେ ରଖାଯାଇଥିବା ପୋଚକୁ ନଷ୍ଟ କରିବା ସହ ଜଣକୁ ଗିରଫ କରିଥିଲେ। ସ୍ଥାନୀୟ ଅବକାରୀ ବିଭାଗ ହାତ ବାନ୍ଧି ବସିଥିଲା ବେଳେ ଏହି ବେପାର ଏଠାରେ ବହୁଳ ମାତ୍ରାରେ ଚାଲିଛି ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି।

# ପରମିନ୍ଦର ପିଏଫ୍‌ସିଏଲ୍‌ର ନୂଆ ସିଏମ୍‌ଡି

ଭୁବନେଶ୍ୱର,୧୯।୮ (ଅଭୟ ଦାଶ)


ପରମିନ୍ଦର ଚୋପ୍ରା

ଦେଶର ସର୍ବବୃହତ୍ ଏନ୍‌ବିଏଫ୍‌ସି ପ୍ରତିଷ୍ଠାନ ପାୱାର ଫାଇନାନ୍ସ କର୍ପୋରେଶନ ଲିମିଟେଡ୍ (ପିଏଫ୍‌ସିଏଲ୍)ର ଚେୟାରମ୍ୟାନ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ପରମିନ୍ଦର ଚୋପ୍ରା ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୩ ଅଗଷ୍ଟ ୩ୟ ସପ୍ତାହଠାରୁ ସେ ପିଏଫ୍‌ସିଏଲ୍‌ର ଦାୟିତ୍ୱଭାର ଗ୍ରହଣ କରିବା ପୂର୍ବରୁ ସେ ପିଏଫ୍‌ସିଏଲ୍‌ର ଚେୟାରମ୍ୟାନ ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ସେହିଭଳି ଚୋପ୍ରା ୨୦୨୦ ଜୁଲାଇ ପହିଲା ପର୍ଯ୍ୟନ୍ତ ପିଏଫ୍‌ସିଏଲ୍‌ର ନିର୍ଦ୍ଦେଶକ (ଫାଇନାନ୍ସ) ଭାବେ କାର୍ଯ୍ୟ କରୁଥିଲେ। ଏହା ସହ ଚୋପ୍ରା ଭାରତର ବୃହତମ ଏନ୍‌ବିଏଫ୍‌ସିର ପ୍ରଥମ ମହିଳା ଅଧିକାରୀ ଭାବେ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷକରି ନିର୍ଦ୍ଦେଶକ କାର୍ଯ୍ୟକାଳ ମଧ୍ୟରେ ସେ ଫାଇନାନ୍ସ ବିଭାଗର ନେତୃତ୍ୱ ନେବା ସହ କର୍ପୋରେଶନର ସର୍ବାଧିକ ନେଟ୍ ଲାଭ ହାସଲ ହୋଇପାରିଥିଲାବେଳେ ସର୍ବାଧିକ ନେଟ୍ ସମ୍ପଦ ସହ କମ୍ ଏନ୍‌ପିଏ ସ୍ତର ମଧ୍ୟ ହାସଲ ହୋଇଥିଲା। ତାଙ୍କର ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ଫଳରେ କର୍ପୋରେଶନ ମହାରତ୍ନ ସମ୍ମାନର ଅଧିକାରୀ ହୋଇଛି। ଅପରପକ୍ଷରେ ଶକ୍ତି ଓ ଆର୍ଥିକ କ୍ଷେତ୍ରରେ ତାଙ୍କର ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ତାଙ୍କର ପୂର୍ବ ଅଭିଜ୍ଞତା ଏନ୍‌ଏଚ୍‌ପିସି ଲିମିଟେଡ୍ ଓ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ପରି ଶକ୍ତି କ୍ଷେତ୍ରରେ ରହିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଚୋପ୍ରା ବାଣିଜ୍ୟ (କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ) ରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ ଦ୍ୱାରା 'ଆଇକନ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ବ୍ୟତୀତ ତାଙ୍କର ଆର୍ଥିକ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ଫାଇନାନ୍ସ ଲିଡର ଅଫ୍ ଦି ଇୟର' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।

# ଅକ୍ଟୋବରରେ 'ଫିଜିକ୍ସ ୱାଲ୍'ର ବୃତ୍ତି ପରୀକ୍ଷା

ଭୁବନେଶ୍ୱର,୧୯।୮




ଦେଶର ପ୍ରମୁଖ ଘରୋଇ ୟୁନିକର୍ନ ଇ-ଟେକ୍ କମ୍ପାନୀ ତଥା କୋଚିଂ ସେଣ୍ଟର 'ଫିଜିକ୍ସ ୱାଲ୍' (ପିଡବ୍ଲ୍ୟୁ)ର ବହୁପ୍ରତୀକ୍ଷିତ ପ୍ରବେଶିକା ପରୀକ୍ଷା 'ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୩' (ଫିଜିକ୍ସ ୱାଲ୍ ନ୍ୟାଶନାଲ ସ୍କଲାରଶିପ କମ୍ ଆଡମିଶନ ଟେଷ୍ଟ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଯୋଗଦେଇ ସେଣ୍ଟର ହେଡ୍ ସୁଜା ଅହମ୍ମଦ ଏବଂ ବାଣିଜ୍ୟ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଛୋଟରାୟ ପ୍ରବେଶିକା ପରୀକ୍ଷା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୧ରୁ ୧୫ ମଧ୍ୟରେ ଏହି ପ୍ରବେଶିକା ପରୀକ୍ଷା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମରେ ହେବ। ବିଶେଷକରି ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉକ୍ତ ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ।

ଏ ସମ୍ପର୍କରେ ପିଡବ୍ଲ୍ୟୁର ସିଇଓ (ବିଦ୍ୟାପୀଠ ଅଫ୍‌ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ ସହ ଶିକ୍ଷାର ବିକାଶ ଏବଂ ଶିକ୍ଷିତ ସମାଜ ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷର ପ୍ରବେଶିକା ପରୀକ୍ଷାରେ ଶ୍ରେଷ୍ଠସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରାୟ ୨୦୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ ସହ ସ୍ୱପ୍ନ ପୂରଣ ପାଇଁ ଆବଶ୍ୟକ ସହଯୋଗ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଯୋଗାଇଦିଆଯିବ। ଏପରିକି 'ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୩' ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ଅନୁଷ୍ଠିତ ହେବ। ଅଫ୍‌ଲାଇନ ପରୀକ୍ଷା ୨୦୨୩ ଅକ୍ଟୋବର ୧, ୮ ଏବଂ ୧୫ରେ ହେବାକୁ ଥିବାବେଳେ ଅନ୍‌ଲାଇନ ପରୀକ୍ଷା ୨୦୨୩ ଅକ୍ଟୋବର ୧ ଏବଂ ୧୫ ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅକ୍ଟୋବର ୨୦ରେ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶିତ ହେବ ବୋଲି ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି।

# ୨୨ ଟେଲିକମ୍ ସର୍କଲରେ ୫ଜି ପ୍ଲସ୍ ସେବା

ଭୁବନେଶ୍ୱର, ୧୯।୮

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି ବୋଲି ଏୟାରଟେଲ ପକ୍ଷରୁ କୁହାଯାଇଛି। ଏପରିକି ଟେଲିକମ୍ ବିଭାଗ (ଡିଓଟି)ର ମାନଦଣ୍ଡ ଅନୁଯାୟୀ ଭାରତର ସମସ୍ତ ୨୨ ଟେଲିକମ୍ ସର୍କଲରେ କମ୍ପାନୀ ୨୬ ଜିଏଚ୍‌ଜେଡ୍ ସ୍ପେକ୍ଟ୍ରମ୍‌ରେ ୫ଜି ସେବା ଆରମ୍ଭ କରିବାର ସର୍ବନିମ୍ନ ରୋଲ୍‌ଆଉଟ୍ କାର୍ଯ୍ୟକୁ ସଫଳତା ସହ ସମ୍ପୂର୍ଣ୍ଣ କରିଛି। ବିଶେଷକରି ୨୬ ଜିଏଚ୍‌ଜେଡ୍ ସ୍ପେକ୍ଟ୍ରମ୍ ଦ୍ୱାରା ସକ୍ଷମ ହୋଇଥିବା ବ୍ୟାପକ ୫ଜି ସୁଯୋଗ ସହ କମ୍ପାନୀ ତା'ର ଗ୍ରାହକଙ୍କ ପାଇଁ ଉନ୍ନତମାନର ଏୟାରଟେଲ୍ ୫ଜି ପ୍ଲସ୍ ଅନୁଭୂତି ସୃଷ୍ଟି କରିବା ଲାଗି ଉଦ୍ଭାବନକୁ ନିରବଚ୍ଛିନ୍ନ ଭାବେ ପରିଚାଳନା କରିବା ପାଇଁ ପ୍ରସ୍ତୁତ ରହିଛି। ସେହିଭଳି ଭିତ୍ତିଭୂମିସ୍ତରରେ ପ୍ରଦର୍ଶନ ଉଲ୍ଲେଖନୀୟ ସମ୍ଭାବନା ଓ ୫ଜି ଗ୍ରହଣୀୟତାର ବଢ଼ୁଥିବା ବେଗକୁ ଦର୍ଶାଉଛି। ଅପରପକ୍ଷରେ ଏୟାରଟେଲ୍‌ର ୫ଜି ସେବା ବର୍ତ୍ତମାନ ଦେଶର ୫୦୦୦ରୁ ଅଧିକ ସହର ଓ ଟାଉନ୍‌ରେ ଉପଲବ୍ଧ ହୋଇଥିବାବେଳେ କମ୍ପାନୀ ଜାତୀୟ ସ୍ତରରେ ୧୦ମିଲିୟନ ସ୍ୱତନ୍ତ୍ର ଗ୍ରାହକ ଚିହ୍ନକୁ ଅତିକ୍ରମ କରିଛି। ଏପରିକି ୨୦୨୩ ସେପ୍ଟେମ୍ବର ସୁଦ୍ଧା ଏୟାରଟେଲ ୫ଜି ସେବା ସହିତ ପ୍ରତ୍ୟେକ ଟାଉନ୍ ଓ ପ୍ରମୁଖ ଗ୍ରାମାଞ୍ଚଳ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ କମ୍ପାନୀ ସୁବ୍ୟବସ୍ଥିତ ରହିଛି। କମ୍ପାନୀ ତା'ର ଗ୍ରାହକଙ୍କୁ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କର ଶକ୍ତିକୁ ଅନୁଭବ କରିବା ପାଇଁ ସକ୍ଷମ କରିବା ଲକ୍ଷ୍ୟ ସହ ସେମାନଙ୍କ ପାଇଁ ଅସୀମିତ ୫ଜି ଡାଟା ଉନ୍ମୋଚନ କରିଛି। ସେହିପରି ଡାଟା ଶେଷ ହେବାର ଚିନ୍ତା ବିନା ଗ୍ରାହକମାନେ ବର୍ତ୍ତମାନ ଅଲ୍‌ଟ୍ରାଫାଷ୍ଟ, ନିର୍ଭରଯୋଗ୍ୟ ଓ ସୁରକ୍ଷିତ ୫ଜି ପ୍ଲସ୍ ସେବାଗୁଡ଼ିକର ଅନୁଭୂତି ପାଇବାକୁ ସକ୍ଷମ ହେବେ କାରଣ ଏୟାରଟେଲ୍ ସମସ୍ତ ବିଦ୍ୟମାନ ପ୍ଲାନ୍‌ରେ ଡାଟା ବ୍ୟବହାର ଉପରେ କ୍ୟାପିଙ୍ଗ୍‌କୁ ଉଚ୍ଛେଦ କରିଛି।


No.CAD-1734

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No.

File No.BBSR/ELECT/E-4481/23-24/ 2056 Dated:11/08/2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, Installation, testing & commissioning of village Electrification Works with Service Connection to Un-electrified Households under BGJY(20-21) in Village Raikota of Raghubari GP in MUNIGUDA Block in Rayagada District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid Id No. BBSR/ELECT/ e-31/23-24 | 17.00 Hours of 22.08.2023 | 17.00 Hours of 31.08.2023 |

**Further details can be seen from the e-Procurement Portal, www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

**Sd./-Divisional Head (Elect), IDCO, Bhubaneswar**
**OIPR-14003/11/0184/2324**

GOVERNMENT OF ODISHA

## OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

Tel & Fax: 06858-222833 (O), E-mail ID: eerbngpur@yahoo.com

**e-Procurement Notice**

Bid Identification No. S.E. (R&B) - 19/2023-24/NGP

**No. 4022** **Date: 14.08.2023**

No. B-709: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work : Civil Construction Work as mentioned in DTCN
2. No. of work : 01 No.
3. Estimated cost : Rs.69.98 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 21.08.2023 upto 16.00 hours of 04.09.2023
6. Last date & time for receipt of bids in portal : 16.00 hours of 04.09.2023
7. Bids received online shall be opened on : 11.00 hours of 05.09.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in**.

**Sd./- Superintending Engineer Nabarangpur (R&B) Division**
**OIPR-34143/11/0015/2324**

No.CAD-1736

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No.

File No.BBSR/ELECT/E-4493/23-24/ 2061 Dated:11/08/2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, Installation, testing & commissioning of village Electrification Works with Service Connection to Un-electrified Households under BGJY(20-21) in Village Jumuka of Gumma GP in Rayagada Block in Rayagada District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid Id No. BBSR/ELECT/ e-32/23-24 | 17.00 Hours of 22.08.2023 | 17.00 Hours of 31.08.2023 |

**Further details can be seen from the e-Procurement Portal, www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

**Sd./-Divisional Head (Elect), IDCO, Bhubaneswar**
**OIPR-14003/11/0187/2324**

## WORKS DEPARTMENT
## OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA

No.B-707: E-Mail Id - eepwdrkl@gmail.com

**Government of Orissa "e" Procurement Notice**
**Bid Identification No.:43/ 2023-2024 Dated:14.08.2023**

1. Number of works : 2(Two) number of Works
2. Estimated cost : Rs. 10.89 Lakhs to 24.61 Lakhs
3. Period of completion : 3 (Three) calendar months
4. Date & Time of availability of bid document in the portal: : Dt. 18.08.2023 at 11.00A.M.
5. Last date/ Time for receipt of bids in the portal: : Dt 28.08.2023 up to 05.00 P.M.
6. Date of opening of Bid : Dt. 29.08.2023 at 11.00A.M.
7. Name and Address of the Officer Inviting Bid : Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal **"http//tendersorissa.gov.in"**

**Sd./-Superintending Engineer Rourkela (R&B) Division, Rourkela**
**OIPR-34068/11/0016/2324**

## OFFICE OF THE MUNICIPAL COUNCIL, RAYAGADA

No. 3084 Dtd.16.08.2023

**"e" - TENDER NOTICE**

**Bid Identification No. RGDA-MUN-06/2023-24**

No. C-1088: Bid documents consisting of **38 (Thirty Eight) Nos. of Civil Work** with their Estimated Cost (Work Value) Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e. **http://tendersodisha.gov.in**).

| | | |
|---|---|---|
| 1 | Name of the Work | Civil Works as mentioned in the website |
| 2 | No. of the Work | 38 (Thrity-eight) Nos. |
| 3 | Estimated Costs | As mentioned in the DTCN |
| 4 | Periods of the Completion | As mentioned against the work in the NIT/DTCN |
| 5 | Date & time of availability of Bid documents on the portal | From dated 17.08.2023, 11.30 A.M. Hrs. to dated 28.08.2023, 05.30 P.M. Hrs. |
| 6 | Bids received online to be opened on | Dated 29.08.2023, 11.30 P.M. Hrs. |
| 7 | Name and address of the Officer Inviting the Bid | The Executive Officer, Rayagada Municipality, Rayagada |

Further details can be seen from the Procurement Portal **http://tendersorissa.gov.in**.

**Sd./- Executive Officer Rayagada Municipality**
**OIPR-13150/11/0015/2324**

## ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି OSACS

## ଯୁବ ଉତ୍ସବ - ୨୦୨୩-୨୪

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଯଥା- **ଗଣଦୌଡ଼, ରିଲ୍ସ ପ୍ରସ୍ତୁତି, କୁଇଜ ଓ ଡ୍ରାମା** ଅନୁଷ୍ଠିତ ହେବାକୁ ଯାଉଅଛି । ଏଥିପାଇଁ ଅନୁଗୁଳ, ଗଞ୍ଜାମ, ବଲାଙ୍ଗୀର ଓ ଖୋର୍ଦ୍ଧା ଜିଲ୍ଲାରେ ଥିବା ସ୍ଥାନୀୟ **ରେଡ୍ ରିବନ୍ କ୍ଲବ୍** (କଲେଜ) ମାନଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ ।



**ଏଚ୍.ଆଇ.ଭି./ଏଡ୍‌ସ ସଂକ୍ରମଣ ବିଷୟରେ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 1097ରେ ଯୋଗାଯୋଗ କରନ୍ତୁ**

DSPL-190
OIPR-10009/13/0001/2324

## OFFICE OF THE PANCHAYAT SAMITI, BANPUR, DIST-KHORDHA, STATE-ODISHA, PIN-752031

E-mail:ori-banpur@nic.in, Tel- (06756) 253130

**INVITATION FOR BIDS (IFB)**

**Bid Identification No.02/PHC(N)/2023 Tender Call Notice No.3757, Dt.16.08.2023**

**No.i-319:**The Block Development Officer, Banpur on behalf of Governor of Odisha invites Percentage Rate bid in ONLINE MODE for the construction of Building Works as detailed in the Detailed Tender Call Notice (D.T.C.N.) from the eligible class of contractors.

| Sl. No. | Name of the Work | Approximate Value of Work (in Rs.) | Bid Security (EMD) | Class of Contractor | Cost of Documents (non-refundable) (in Rs.) | Period of Completion in calendar months | Bids opening date & time |
|---|---|---|---|---|---|---|---|
| 1 | Construction of PHC (N) at Halanda under Banpur block in the district of Khordha for the year 2022-23 | Rs.6888548/- | As per DTCN | "B" | 10000/- | 09 (Nine) | 12.09.2023 at 11 A.M. |
| 2 | Construction of PHC (N) at Niladriprasad under Banpur block in the district of Khordha for the year 2022-23 | Rs.6927105/- | | "B" | 10000/- | 09 (Nine) | |
| 3 | Construction of PHC (N) at Sunakhela of Nachuni G.P. under Banpur block in the district of Khordha for the year 2022-23 | Rs.6900070/- | | "B" | 10000/- | 09 (Nine) | |

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any corrigendum/Addendum will be displayed in the said website. The date & time of bid documents available in website & receipt online from 3.00 P.M. of 22.08.2023 to 5.00 P.M. of 08.09.2023. The last date for any clarification will be as on 5.00 PM of 05.09.2023.

OIPR-19081/11/0001/2324 **Sd./- Block Development Officer, Banpur Block**

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com

Letter No.2856, Date:17.08.23

**1st Corrigendum Notice**

**1st Corrigendum to Bid Identification No. Tender Online RCK-25/23 invited this office Letter No.2757, Dt.08.08.2023**

**No.O-682:**The changes as detailed below are hereby made in the above N.I.T.:-

**1. Clause No.-06 of NIT modified below:**

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | | Date & Time of Opening of Tender | | | |
|---|---|---|---|---|---|---|---|---|---|
| | | To | | | | Technical Bid | | Financial Bid | |
| 1 | 2 | 3 | | 5 | | 6 | | 7 | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-25/23 | 25.08.2023 to 05.30 P.M. | 01.09.2023 to 05.30 P.M. | 25.08.2023 upto 2.00 P.M. | 01.09.2023 upto 2.00 P.M. | 28.08.2023 at 10.00 A.M. | 02.09.2023 at 11.30 A.M. | 05.09.2023 at 11.00 A.M. | Will be intimated later |

All other conditions of NIT remain unaltered.

OIPR-25129/11/0026/2324 **Sd./- Chief Construction Engineer, Rural Works Circle, Kendrapara-Jajpur**

GOVERNMENT OF ODISHA No. O-673

## OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA

e-mail: rw_mayurbhanj@yahoo.co.in

**e-Procurement Tender Call Notice No. Online 08/RWD/BPD/2023-24**

1. Name of the Work : Road Works
2. Total No. of Works : 94 Nos.
3. Estimated Cost : Approx. Estimated Cost Rs.5.83 lakhs to Rs.17.48 lakhs
4. Class of Contractor : 'D' & 'C'
5. EMD : EMD @ 1% of Estimated Cost put to tender
6. Period of Completion : 1 (One) Calendar Month
7. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 08 (Online)/ RWD-BPD of 2023-24 | Dt.21.08.2023 at 11.00 A.M. | Dt.31.08.2023 upto 3.00 P.M. | Dt.29.08.2023 upto 05.00 P.M. | Dt.31.08.2023 at 05.00 P.M. |

Further details can be seen from the website **www.tendersorissa.gov.in**.

**OIPR-25057/11/0014/2324** **Sd./- Superintending Engineer, R.W. Division, Baripada**

GOVERNMENT OF ODISHA

## OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI

NATIONAL COMPETITIVE BIDDING THROUGH e-Procurement

Identification No. Online Tender 07/RWD-I, MKG/2023-24 dt.14.08.2023

**No.O-665:**01.Name of the work: - Building works [Building & Boxcell work Detailed in Annexure), 02. Total Number of Works: - 5 [Five) Numbers, 03.Estimated Cost: - Rs. 96.71 Lakhs to 97.01 lakhs, 04. Class of Contractor: - "B" Class, 05. Period of Completion: - (As Per Detailed in Annexure), 6. Other Details:

| Procurement Officer | Bid Identification No. | No. of Works | Availability of Tender on-line for bidding | | Last date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-07/RWD-I, MKG/2023-24 | 5 (Five) Nos. | 21.08.2023 from 11.00 AM | 01.09.2023 upto 5.00 PM | 31.08.2023 upto 5.00 P.M. | Tech.Bid opening 02.09.2023 at 11.00 AM & Financial Bid opening:08.09.2023 at 11.00 AM |

Further details can be seen from the website www.tendersorissa.gov.in.

OIPR-25058/11/0010/2324 **Sd./-Sujit Behera Superintending Engineer, R.W.Division-I, Malkangiri**

## OFFICE OF THE DFO-CUM-DMU CHIEF, SUBARNAPUR FOREST DIVISION

At - Patabhadi, Post - Sonepur, Dist - Subarnapur, PIN - 767017

Email - dmuchiefsubarnapur@gmail.com

**ADVERTISEMENT FOR HIRING OF POST OF FMU CO-ORDINATOR UNDER OFSDP-II**

No. MM-124:- Divisional Forest Officer-cum-DMU Chief, OFSDP-II, Subarnapur Forest Division invites application from suitable candidates for the following Post at Field Management Unit, Subarnapur under Odisha Forestry Sector Development Project, Phase-II. The requirement of man powers may vary and decided accordingly by the DFO-cum-DMU Chief.

| Name of the Post | Vacancy | Remuneration | Qualification and Experience |
|---|---|---|---|
| FMU Coordinator (Training & Process Documentation) | 01 | Rs. 25,000/- (Consolidated) | **Essential Qualification** Graduate in any Discipline (with more than 45% in aggregate in qualifying exam). **Desired Qualification:** Post Graduate/MBA in any discipline. **Essential Experience:** 3 years' experience in the field of Training & Process Documentation in respect of Micro Planning, Natural Resource Management, community based institution building, Livelihood Support activities. **Desired Experience:** Experience in implementing Government Projects/Externally Aided Project for more than 1 year. |

Interested candidates may obtain the Application Forms and details of Remunerations, Qualifications & Experiences from O/o the Divisional Forest Officer-cum-DMU Chief, OFSDP-II, Subarnapur Forest Division, Subarnapur during office hours in any working day or may download the same from the District web Portal of Subarnapur, i.e. **www.subarnapur.nic.in** and **www.ofsds.in**. Application in sealed envelope super scribed "Application for the post of (Post Name)" complete in all respect along with self-attested photo copies of relevant documents in respect of qualifications, experiences, ID Proofs, NOC of the present employer and Bank Demand Draft of Rs. 500/- (Rupees Five Hundred) only (non-refundable) drawn on any Nationalized Bank in favour of DFO-cum-DMU Chief, OFSDP-II, Subarnapur Forest Division, payable at Subarnapur Branch, should reach O/o the Divisional Forest Officer-cum-DMU Chief, OFSDP-II, Subarnapur Forest Division, Subarnapur through Speed Post/ Registered Post/By Hand on or **before 5th September 2023 at 5.00 P.M.** The applications received after last date will not be entertained. The authority will not be responsible for any postal delay. There will be assessment of candidates for suitability and efficiency of the person. The modality of the assessment would be decided by the committee of the division office. The multi task persons would be preferred. The undersigned reserves the right to cancel any or all the applications at any stage of recruitment process without assigning any reason thereof.

**Sd./- DFO-cum-DMU Chief Subarnapur Forest Division**

OIPR-08014/11/0001/2324

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**1st Corrigendum Notice**

**No. 1707** **Dated: 18.08.2023**

No. O-676: The 1st Corrigendum to the Bid Identification No. **PMGSY-Online-BLGR-15/2023-24,** the revised date and time as follows:

| Procurement Officer | Bid Identification No. | Availability of Tender online for bidding | | Date of Submission of Original Document | Date & time of opening of tender Online | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Bolangir | PMGSY-Online-BLGR-15/2023-24 | 21.08.2023 at 11.00 A.M. | 04.09.2023 upto 5.00 P.M. | 08.09.2023 upto 5.00 P.M. | 05.09.2023 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.pmgsytenders.gov.in**.
- Any Corrigendum/Addendum will be displayed in the above e-tender website only.

**OIPR-25118/11/0022/2324** **Sd./- Chief Construction Engineer, R.W. Circle, Bolangir**

GOVERNMENT OF ODISHA No. O-680

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

Email: sencrwangul@yahoo.co.in, Ph.: 06764-236404

**e-Procurement NOTICE for Bridge Works in Odisha**
**Bid Identification No. Bridge Online AGL - 15/2023-24**

**No. 1992** **Dt.18.08.2023**

1. Name of the work : Bridge Works
2. Total No. of Work : 03 Nos.
3. Estimated Cost : Rs.347.16 to Rs.466.86 Lakhs
4. Class of Contractor : 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-15/2023-24 | 29.08.2023 at 10.00 A.M. | 12.09.2023 upto 5.00 P.M. | 09.09.2023 upto 1.00 P.M. | 13.09.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

**OIPR-25180/11/0019/2324** **Sd./- Chief Construction Engineer, Rural Works Circle, Angul**

## ସଂକ୍ଷେପରେ

### ନଦୀକୁ ଟ୍ରକ୍ ଖସି ୯ ଯବାନଙ୍କ ମୃତ୍ୟୁ

**ଲେହ, ୧୯।୮:** ଲଦାଖରେ ସୈନ୍ୟବାହିନୀର ଏକ ଟ୍ରକ୍ ନଦୀ ଗର୍ଭକୁ ଖସିପଡ଼ିବାରୁ ୯ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଲେହଠାରୁ ୧୫୦ କିଲୋମିଟର ଦୂର କିୟାରିଠାରେ ଶନିବାର ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। କନ୍‌ଭଏରେ ୫ଟି ଗାଡ଼ି ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରେ ୧୦ ଜଣ ଯବାନ ଥିଲେ। ଜଣେ ଜୁନିୟର କମିଶନ୍‌ଡ ଅଫିସର (ଜେସିଓ) ଏବଂ ୮ ଯବାନ ପ୍ରାଣ ହରାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ‘ସୋସିଆଲ ମିଡିଆ ବ୍ୟବହାରକାରୀ ପରିଣାମ ପ୍ରତି ସତର୍କ ହୁଅନ୍ତୁ’

**ନୂଆଦିଲ୍ଲୀ,୧୯।୮:** ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହାର ପ୍ରଭାବ ପ୍ରତି ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଭିନେତା ତଥା ତାମିଲନାଡୁର ପୂର୍ବତନ ବିଧାୟକ ଏସ୍.ଭି. ଶେଖରଙ୍କ ଏକ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଶେଖର ୨୦୧୮ରେ କେତେଜଣ ମହିଳା ଖବରଦାତାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଥିବା ଫେସ୍‌ବୁକ୍ ପୋଷ୍ଟକୁ ଶେୟାର କରି ମାମଲାର ସମ୍ମୁଖୀନ ହୋଇଛନ୍ତି। ଜୁଲାଇ ୧୪ରେ ମାଡ୍ରାସ ହାଇକୋର୍ଟ ଶେଖରଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଜଷ୍ଟିସ ବି.ଆର୍. ଗଭାଇ ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଜଣେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି, ତେବେ ତାଙ୍କୁ ଏହାର ପ୍ରଭାବ ଏବଂ ପରିଣାମ ପ୍ରତି ଅଧିକ ସତର୍କ ହେବାକୁ ପଡ଼ିବ।

### ଉଦୟପୁର-ଖଜୁରାହୋ ଏକ୍ସପ୍ରେସ୍‌ରେ ନିଆଁ



**ନୂଆଦିଲ୍ଲୀ,୧୯।୮:** ଉଦୟପୁର-ଖଜୁରାହୋ ଏକ୍ସପ୍ରେସ୍‌ର ଇଞ୍ଜିନରେ ଶନିବାର ନିଆଁ ଲାଗିଯାଇଥିଲା। ମଧ୍ୟପ୍ରଦେଶର ଗ୍ୱାଲିଅର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଇଞ୍ଜିନରୁ ଧୂଆଁ ବାହାରୁଥିବାର ଜଣାପଡ଼ିବା ପରେ ଟ୍ରେନ୍‌ଟିକୁ ସିତୋଲି ଷ୍ଟେଶନରେ ଅଟକାଯାଇଥିଲା। ଟ୍ରେନଟି ଗ୍ୱାଲିଅର ଷ୍ଟେଶନ ଛାଡିବାର କିଛି ସମୟ ପରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଉକ୍ତ ଘଟଣାରେ କେହି ମୃତାହତ ହୋଇନାହାନ୍ତି ବୋଲି ଖାସ୍ୱୀ ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି। ଘଟଣା ପରେ ରେଳସୁରକ୍ଷା ଅଧିକାରୀମାନେ ପହଞ୍ଚିଥିଲେ। ରେଳ ଅଧିକାରୀଙ୍କ ସୂଚନାନୁସାରେ ୧୯୬୬୬ ଉଦୟପୁର-ଖଜୁରାହୋ ଇଣ୍ଟରସିଟି ଏକ୍ସପ୍ରେସ୍ ସିତୋଲି ଷ୍ଟେଶନ ନିକଟ ଦେଇ ଯାଉଥିବାବେଳେ ଏହାର ଇଞ୍ଜିନରୁ ଧୂଆଁ ବାହାରୁଥିବାର ଦେଖାଯାଇଥିଲା। ତେଣୁ ଟ୍ରେନ୍‌ଟିକୁ ସେଠାରେ ଅଟକାଯାଇଥିଲା। ଧୂଆଁ ବନ୍ଦ ହେବା ସହ ଅନ୍ୟ ଏକ ଇଞ୍ଜିନ ଲାଗିବା ପରେ ଟ୍ରେନଟି ତାର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ତେବେ ଏହି ତଦନ୍ତ କରାଯିବ ବୋଲି ଉତ୍ତର ମଧ୍ୟ ରେଳପଥର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି।

# ତାଇୱାନ୍‌କୁ ଘେରିଲା ଚାଇନା

## ଦ୍ୱୀପରାଷ୍ଟ୍ର ଚାରିପଟେ ପିଏଲ୍‌ଏର ଯୁଦ୍ଧାଭ୍ୟାସ



ୱିଲିୟମ ଲାଇ



ତାଇୱାନ ନିକଟରେ ଚାଇନା ସୈନ୍ୟମାନେ ସମରାଭ୍ୟାସ ଚଳାଇଛନ୍ତି।

**ବେଜିଂ, ୧୯।୮**

ତାଇୱାନ୍ ଉପରାଷ୍ଟ୍ରପତି ୱିଲିୟମ ଲାଇଙ୍କ ପାରାଗୁଏ ଗସ୍ତ ବେଳେ ଆମେରିକାରେ ଅବସ୍ଥାନ କରିବା ଚାଇନା କର୍ତ୍ତୃପକ୍ଷଙ୍କୁ କ୍ଷୁବ୍ଧ କରିଥିଲା। ଏହାର କଡ଼ା ଚେତାବନୀ ସ୍ୱରୂପ ଚାଇନା ସୈନ୍ୟବାହିନୀ ଶନିବାର ତାଇୱାନ ଚାରିପଟେ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି। ତାଇୱାନ୍ ଉପରାଷ୍ଟ୍ରପତି ଆମେରିକା ଯିବାକୁ ବିଚ୍ଛିନ୍ନତାବାଦୀ ଏବଂ ବିଦେଶୀ ଶକ୍ତି ମଧ୍ୟରେ ଗୁପ୍ତ ସନ୍ଧି ବୋଲି ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ସହ ତାଇୱାନର କୂଟନୈତିକ ସମ୍ପର୍କକୁ ପୁନଃ ସ୍ଥାପନ କରିବା ଲାଗି ତାଇୱାନ ଉପରାଷ୍ଟ୍ରପତି ସେଠାକୁ ଗସ୍ତରେ ଯାଇଥିଲେ। ଯିବା ବାଟରେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ଏବଂ ନ୍ୟୁୟର୍କ ସହରରେ ଅଟକିଥିଲେ। ଚାଇନାର କମ୍ୟୁନିଷ୍ଟ ଶାସକଙ୍କ କହିବା ଅନୁଯାୟୀ ଗଣତାନ୍ତ୍ରିକ ତାଇୱାନ ଏହାର ଅଂଶବିଶେଷ। ତେଣୁ ବିଦେଶୀ ସମ୍ପର୍କ ସ୍ଥାପନ କରିବା ଅଧିକାର ଏହାର ନାହିଁ। ଅନ୍ୟପକ୍ଷରେ ଯୁଦ୍ଧଜାହାଜ ଏବଂ ବିମାନ ମଧ୍ୟରେ ସମନ୍ୱୟ ବଢ଼ାଇବା ସହ ଆକାଶ ଓ ସାମୁଦ୍ରିକ ମାର୍ଗରେ ନିୟନ୍ତ୍ରଣ ସାମର୍ଥ୍ୟ ବଢ଼ାଇବା ପାଇଁ ଯୁଦ୍ଧାଭ୍ୟାସ କରାଯାଉଥିବା ଚାଇନା ଇଷ୍ଟର୍ନ ଥିଏଟର କମାଣ୍ଡ ମୁଖପାତ୍ର ଶି ୟି କହିଛନ୍ତି। ଏହା ସୈନ୍ୟବାହିନୀର ବାସ୍ତବ ଲଢୁଆ ସାମର୍ଥ୍ୟର ପରୀକ୍ଷା ବୋଲି ସେ ମତ ଦେଇଛନ୍ତି। ତେବେ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ତାଇୱାନ ସପକ୍ଷବାଦୀ ସ୍ୱାଧୀନ ଶକ୍ତି ଓ ବିଦେଶୀ ଶକ୍ତିଙ୍କୁ ଏହା ଏକ ଚେତାବନୀ ବୋଲି ସେ କହିଛନ୍ତି। ଅନ୍‌ଲାଇନରେ ପୋଷ୍ଟ ହୋଇଥିବା ଯୁଦ୍ଧାଭ୍ୟାସ ଫଟୋରୁ ସୈନ୍ୟମାନେ ଦୌଡୁଥିବା ସହ ଲଢୁଆ ବିମାନ ଓ କ୍ଷେପଣାସ୍ତ୍ର ଲୋଡ୍ ହୋଇଥିବା ବୋଟ୍ ଦେଖିବାକୁ ମିଳିଛି। ସେମାନେ ତାଇୱାନ୍‌କୁ ଚାରିପଟୁ ଘେରି ରହି ଏକସଙ୍ଗେ ଯୁଦ୍ଧାଭ୍ୟାସ ଚଳାଇଛନ୍ତି।

ଅନ୍ୟପକ୍ଷରେ ଚାଇନାର ଏଭଳି ପଦକ୍ଷେପକୁ ତାଇୱାନ୍ ଦୃଢ଼ ନିନ୍ଦା କରିଛି। ବେଜିଂର ଏହା ଅବାସ୍ତବ ଏବଂ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ବୋଲି ତାଇୱାନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହାର ଜବାବରେ ଉପଯୁକ୍ତ ବଳ ମୁତୟନ କରିବା ସହ ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ପଦକ୍ଷେପ ନେବ ବୋଲି ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଚାଇନା ସୈନ୍ୟବାହିନୀର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଆମ ସୈନ୍ୟ ପ୍ରସ୍ତୁତ। ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ସେମାନେ ସମର୍ଥ, ପ୍ରତିବଦ୍ଧ ଏବଂ ଆତ୍ମବିଶ୍ୱାସୀ ବୋଲି ତାଇୱାନ ଦୃଢ଼ୋକ୍ତି କରିଛି। ପୂର୍ବରୁ ମଧ୍ୟ ଚାଇନା ଯୁଦ୍ଧାଭ୍ୟାସ କରିଥିଲା। ଏହା ଚାଇନା ସେନାର ଯୁଦ୍ଧଖୋର ମନୋଭାବର ପ୍ରତିଫଳନ। ଗୃହଯୁଦ୍ଧ ପରେ ୧୯୪୯ରେ ଚାଇନାରୁ ତାଇୱାନ୍ ଅଲଗା ହୋଇଯାଇଥିଲା। ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣ କେବଳ ମୁଖ୍ୟ ଭୂଖଣ୍ଡରେ ସୀମିତ ରହିଥିଲା। ଏହି ଗଣତାନ୍ତ୍ରିକ ଦ୍ୱୀପ ଦେଶ କଦାପି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଅଂଶବିଶେଷ ହୋଇ ରହିନାହିଁ। ତେବେ ତାଇୱାନକୁ ବେଜିଂ ଏକ ବିଖଣ୍ଡିତ ପ୍ରଦେଶ ଭାବେ ଦେଖିବା ସହ ଏହାକୁ ଅକ୍ତିଆର କରିବା ପାଇଁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରିବ ବୋଲି କହିଛି।

## ଇମ୍ରାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ

### ସ୍ତ୍ରୀ ବୁଶ୍ରାଙ୍କ ଆଶଙ୍କା



**ଲାହୋର, ୧୯।୮**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଜୀବନ ପ୍ରତି ବିପଦ ରହିଛି। ଆଟୋକ୍ ଜେଲରେ ତାଙ୍କୁ ବିଷ ଦିଆଯାଇପାରେ ବୋଲି ସ୍ତ୍ରୀ ବୁଶ୍ରା ବିବି ଆଶଙ୍କା ବ୍ୟକ୍ତ କରିଛନ୍ତି। ଇମ୍ରାନ୍‌ଙ୍କୁ ଉନ୍ନତ କାରାଗାର ସୁବିଧା ଯୋଗାଇଦେବାକୁ ସେ ପଞ୍ଜାବ ପ୍ରଦେଶ ଗୃହ ସଚିବଙ୍କୁ ପତ୍ର ଲେଖିଛନ୍ତି। ଆଟୋକ ଜେଲରୁ ତାଙ୍କୁ ରାୱଲପିଣ୍ଡିର ଆଡିଆଲା ଜେଲକୁ ସ୍ଥାନାନ୍ତର କରିବାକୁ ବିଶ୍ରା ନିବେଦନ କରିଛନ୍ତି। କିଛିଦିନ ପୂର୍ବରୁ ବିଶ୍ରା ଜେଲରେ ଇମ୍ରାନଙ୍କୁ ଭେଟିଥିଲେ। ତାଙ୍କୁ ତୃତୀୟ ଶ୍ରେଣୀ ଜେଲ୍ ସୁବିଧା ଦିଆଯାଉଥିବାରୁ ବିଶ୍ରା ଦୁଃଖପ୍ରକାଶ କରିଥିଲେ। ତୋଷାଖାନା ଦୁର୍ନୀତି ମାମଲାରେ ଅଗଷ୍ଟ ୫ରେ ଇସ୍‌ଲାମାବାଦର ଏକ ଅଦାଲତ ୭୦ ବର୍ଷୀୟ ଇମ୍ରାନ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କୁ ଲାହୋର ଘରୁ ଗିରଫ କରାଯାଇ ଜେଲ ପଠାଇଦିଆଯାଇଥିଲା।

# ପାକିସ୍ତାନ ସାଧାରଣ ନିର୍ବାଚନ ବିଳମ୍ବ ହେବ

**ଇସ୍‌ଲାମାବାଦ, ୧୯।୮**

### ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପାଇଁ ଇସିପିର ନିଷ୍ପତ୍ତି

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହେବାର ୯୦ ଦିନ ମଧ୍ୟରେ ସାଧାରଣ ନିର୍ବାଚନ କରାଇବାର ନିୟମ ରହିଥିଲାବେଳେ ଏହା ବିଳମ୍ବିତ ହେବ। କାରଣ ପାକିସ୍ତାନ ଇଲେକ୍ସନ କମିଶନ (ଇସିପି) ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରା ନ ଗଲେ ପାର୍ଲାମେଣ୍ଟରେ ଭୋଟରମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ ନାହିଁ ବୋଲି ଇସିପି ପକ୍ଷରୁ କୁହାଯାଇଛି। ଗତ ୯ ତାରିଖରେ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହୋଇଥିଲା। ତେଣୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ୯ ସୁଦ୍ଧା ସାଧାରଣ ନିର୍ବାଚନ କରାଯିବା କଥା। ସେହିପରି ସୀମା ନିର୍ଦ୍ଧାରଣ ମଧ୍ୟ ନିର୍ବାଚନ କମିଶନଙ୍କ ଆଉ ଏକ ଦାୟିତ୍ୱ। ଦେଶବ୍ୟାପୀ ଜନଗଣନା ଫଳାଫଳ ପରେ ସୀମା ପୁନଃନିର୍ଦ୍ଧାରଣ କରାଯାଇଥାଏ। ସପ୍ତମ ଜନଗଣନା ଗତ ମାର୍ଚ୍ଚ ଓ ଏପ୍ରିଲରେ ହୋଇଥିବାବେଳେ ପୂର୍ବ ସରକାର ଯିବାର ଦିନକୁକ ପୂର୍ବରୁ ଏହାର ଫଳାଫଳକୁ ଅନୁମୋଦନ କରିଥିଲେ। ନିର୍ବାଚନ କମିଶନ ଏକସଙ୍ଗେ ଦୁଇଟି ସାମ୍ବିଧାନିକ ଦାୟିତ୍ୱ ତୁଲାଇ ପାରିବେ ନାହିଁ। ଗୋଟିଏ ପାଇଁ ଅନ୍ୟଟିର ଉଲ୍ଲଂଘନ କରିବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।



ଉତ୍ତରାଖଣ୍ଡର ଜୋଷୀମଠ ଅନ୍ତର୍ଗତ ଯୋଗୀଧରାଠାରେ ଭୂସ୍ଖଳନ ଯୋଗୁ ଜାତୀୟ ରାଜପଥ ଅବରୋଧ ହୋଇଛି।

# ମୁସେୱାଲା ହତ୍ୟା ଯୋଜନା ୟୁପିରୁ ହୋଇଥିଲା

### ପାକିସ୍ତାନରୁ ଆସିଥିଲା ଅସ୍ତ୍ର



ସିଦ୍ଧୁ ମୁସେୱାଲା

**ଲକ୍ଷ୍ନୌ,୧୯।୮**

ପଞ୍ଜାବୀ ଗାୟକ ତଥା ରାପର ସିଦ୍ଧୁ ମୁସେୱାଲାଙ୍କୁ ଗତବର୍ଷ ମେ’ରେ ଗୁଳିକରି ହତ୍ୟା କରାଯାଇଥିଲା। ଉତ୍ତରପ୍ରଦେଶରୁ ହତ୍ୟା ଯୋଜନା ହୋଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଅନେକ ସଦସ୍ୟ ଅଯୋଧ୍ୟା ଏବଂ ଲକ୍ଷ୍ନୌରେ ଅବାଧରେ ବୁଲୁଥିବା ତଦନ୍ତର ନୂଆ ଫଟୋରୁ ଜଣାପଡ଼ିଛି। ପ୍ରକୃତରେ ଏକ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଉତ୍ତରପ୍ରଦେଶର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଟାର୍ଗେଟ କରିବା ଲାଗି ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ଯୋଜନାରେ ସେମାନେ ବିଫଳ ହେବା ପରେ ଲୋକପ୍ରିୟ ଗାୟକଙ୍କୁ ହତ୍ୟା କରିଥିଲେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ମୁସେୱାଲାଙ୍କ ହତ୍ୟା ପୂର୍ବରୁ ନିଆଯାଇଥିବା ଫଟୋ ନିକଟରେ ପ୍ରକାଶ ପାଇଛି। ସେଥିରେ ବିଷ୍ଣୋଇ ଗ୍ୟାଙ୍ଗର ଶାର୍ପ ଶୁଟର ସଚିନ ବିଷ୍ଣୋଇ, କପିଲ ପଣ୍ଡିତ ଥିବା ଦେଖିବାକୁ ମିଳିଛି। ସଚିନଙ୍କୁ ଚଳିତ ମାସ ଆରମ୍ଭରେ ଆଜରବୈଜାନରୁ ପ୍ରତ୍ୟର୍ପଣରେ ଅଣାଯିବା ପରେ ପୋଲିସ ୧୦ ଦିନିଆ ରିମାଣ୍ଡରେ ନେଇଛି। ହତ୍ୟାକାଣ୍ଡରେ ବିଦେଶୀ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏଥିପାଇଁ ଅତ୍ୟାଧୁନିକ ପିସ୍ତଲ ସ୍ୱତନ୍ତ୍ର ଭାବେ ପାକିସ୍ତାନରୁ ଆମଦାନୀ ହୋଇଥିଲା। ମୁସେୱାଲାଙ୍କ ହତ୍ୟାରେ ବ୍ୟବହୃତ ଅସ୍ତ୍ରରେ ୧୦୦ ରାଉଣ୍ଡରୁ ଉର୍ଦ୍ଧ୍ୱ ଗୁଳି କରାଯାଇଥିଲା।

# ରତନ ଟାଟାଙ୍କୁ ‘ଉଦ୍ୟୋଗ ରତ୍ନ’ ସମ୍ମାନ

**ମୁମ୍ବାଇ,୧୯।୮**

ଶିଳ୍ପୋଦ୍ୟୋଗୀ ତଥା ଟାଟା ସନ୍ସର ଅଧ୍ୟକ୍ଷ ରତନ ଟାଟାଙ୍କୁ ମହାରାଷ୍ଟ୍ର ସରକାର ଶନିବାର ପ୍ରଥମ ‘ଉଦ୍ୟୋଗ ରତ୍ନ’ ସମ୍ମାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ପ୍ରମୁଖ ୮୫ ବର୍ଷୀୟ ରତନଙ୍କୁ ଦକ୍ଷିଣ ମୁମ୍ବାଇର କୋଲାବାଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚି ଏହି ସମ୍ମାନ ପ୍ରଦାନ କରିଥିଲେ।



ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଛନ୍ତି, ରତନଙ୍କୁ ‘ଉଦ୍ୟୋଗ ରତ୍ନ’ ଦିଆଯିବା ପରେ ବର୍ତ୍ତମାନ ଏହି ପୁରସ୍କାରର ମାନ ବଢ଼ିଯାଇଛି। ଦେଶର ବିଭିନ୍ନ ଶିଳ୍ପ କ୍ଷେତ୍ର ପାଇଁ ଟାଟା ଗ୍ରୁପ୍‌ର ଯେଉଁ ଅବଦାନ ରହିଛି ତାହା ଅତୁଳନୀୟ ବୋଲି ସେ କହିଛନ୍ତି।

# ଗୁଜରାଟ ହାଇକୋର୍ଟଙ୍କ ନିଷ୍ପତ୍ତିରେ ସୁପ୍ରିମକୋର୍ଟ ଅସନ୍ତୁଷ୍ଟ

**ନୂଆଦିଲ୍ଲୀ, ୧୯।୮(ପି.ଟି.)**

### ବଳାତ୍କାର ପୀଡ଼ିତାଙ୍କ ଗର୍ଭପାତ ଆବେଦନ ସ୍ଥଗିତ



୨୬ ସପ୍ତାହର ଗର୍ଭ ନଷ୍ଟ କରିବା ପାଇଁ ଜଣେ ବଳାତ୍କାର ପୀଡ଼ିତାଙ୍କ ନିବେଦନ ଉପରେ ଗୁଜରାଟ ହାଇକୋର୍ଟ ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଶନିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲା ପକାଇ ରଖିବା ଦ୍ୱାରା ମୂଲ୍ୟମାନ ସମୟ ନଷ୍ଟ ହେଲା ବୋଲି ଜଷ୍ଟିସ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଖଣ୍ଡପୀଠ ଶନିବାର ଏହାର ସ୍ୱତନ୍ତ୍ର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ସୋମବାରକୁ ଧାର୍ଯ୍ୟ କରାଯାଇଛି। ମହିଳାଙ୍କ ଆବେଦନ ଉପରେ ଖଣ୍ଡପୀଠ ଗୁଜରାଟ ସରକାର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଶୁଣାଣି ବେଳେ ପୀଡ଼ିତାଙ୍କ ଓକିଲ କହିଥିଲେ, ଗର୍ଭପାତ ପାଇଁ ସେ ଅଗଷ୍ଟ ୭ରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୮ ତାରିଖରେ ଏହାର ଶୁଣାଣି ବେଳେ କୋର୍ଟ ଗର୍ଭାବସ୍ଥାର ସ୍ଥିତି ଏବଂ ଆବେଦନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ନିଶ୍ଚିତ ହେବା ଲାଗି ଏକ ଡାକ୍ତରୀ ବୋର୍ଡ ଗଠନ ଲାଗି ନିର୍ଦ୍ଦେଶ ଦେଇଥିଲେ। ୧୦ ତାରିଖରେ ମେଡିକାଲ କଲେଜ ରିପୋର୍ଟ ଉପସ୍ଥାପନ କରିଥିଲା। ତେବେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଇ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୩କୁ ଧାର୍ଯ୍ୟ କରିଥିଲେ। ଅଥଚ ଅଗଷ୍ଟ ୧୭ରେ ପିଟିଶନକୁ ଖାରଜ କରାଯାଇଥିବା ମାମଲା ଷ୍ଟାଟସ୍‌ରୁ ଜଣାପଡ଼ିଛି ବୋଲି ପୀଡ଼ିତାଙ୍କ ଓକିଲ କହିଛନ୍ତି। ତେବେ ଖାରଜ ହେବାର କାରଣ ସମ୍ପର୍କରେ ହାଇକୋର୍ଟ ୱେବ୍‌ସାଇଟ୍‌ରେ କିଛି ଉଲ୍ଲେଖ ନାହିଁ।

# ୱାଶିଂଟନକୁ ବ୍ୟାପିଲା ବନାଗ୍ନି

### ବହୁ ଘର ଜଳିଗଲାଣି, ହଜାର ହଜାର ଲୋକ ବିସ୍ଥାପିତ

**ସ୍ପୋକାନେ, ୧୯।୮**



ଦ୍ରୁତ ବେଗରେ ବ୍ୟାପୁଥିବା ଜଙ୍ଗଲ ନିଆଁରେ ୱାଶିଂଟନ ରାଜ୍ୟର ବହୁ ଘର ଜଳିଗଲାଣି। ଗ୍ରାମାଞ୍ଚଳରୁ ହଜାର ହଜାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଆମେରିକାରେ ଏହା ସବୁଠୁ ବଡ଼ ବନାଗ୍ନି ବୋଲି କୁହାଯାଉଛି। ତଥାକଥିତ ଗ୍ରେ ଫାୟାର ୱାଶିଂଟନ ପୂର୍ବ ଭାଗରେ ଥିବା ସ୍ପୋକାନେରେ ପହଞ୍ଚିବା ପରେ ୧୨ ବର୍ଗ କିଲୋମିଟର ଅଞ୍ଚଳ ଜଳିଗଲାଣି। ପବନର ଘଣ୍ଟାପ୍ରତି ବେଗ ୫୬ କିଲୋମିଟର ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପୁଥିବା ୱାଶିଂଟନ ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ କୁହାଯାଇଛି। ମେଡିକାଲ ଲେକ୍ ଅଞ୍ଚଳର କେତେକ ଘର ଜଳିଯିବା ପରେ ସେଠାରେ ରହୁଥିବା ୪,୮୦୦ ଲୋକଙ୍କୁ ତୁରନ୍ତ ଘର ଛାଡ଼ି ଚାଲିଯିବା ପାଇଁ କୁହାଯାଇଛି। ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ସେନାକୁ ଡକାଯାଇଛି।

# କେରଳରେ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ

**କନ୍ନୁର,୧୯।୮**



କେରଳର ଉତ୍ତର ଅଞ୍ଚଳରେ ଥିବା କାନିଚର ଗାଁରେ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଘୁଷୁରି ମାରିବା ଅଭିଯାନ ଚଳାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଲୟମପାଡ଼ିରେ ଥିବା ଏକ ଘୁଷୁରି ଫାର୍ମରୁ ଏହି ଫ୍ଲୁ ବ୍ୟାପୁଥିବା ନେଇ ଜିଲା ପଶୁ ଚିକିତ୍ସା ଅଧିକାରୀ ଶୁକ୍ରବାର ନିର୍ଦ୍ଧାରଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଅଧିକାରୀମାନେ ମଲୟମପାଡ଼ି ଘୁଷୁରି ଫାର୍ମଠାରୁ ୧୦ କି.ମି. ଅଞ୍ଚଳରେ ଘୁଷୁରି ମରା ଅଭିଯାନ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୋଗ ଚିହ୍ନଟ ହୋଇଥିବା ଘୁଷୁରି ଫାର୍ମଠାରୁ ୧ କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ସଂକ୍ରମିତ ଅଞ୍ଚଳଭାବେ ଘୋଷଣା କରାଯାଇଥିବାବେଳେ ୧୦ କି.ମି ବ୍ୟାସାର୍ଦ୍ଧ ଅଞ୍ଚଳକୁ ରୋଗ ନିରୀକ୍ଷଣ କ୍ଷେତ୍ର ବୋଲି ଘୋଷଣା କରାଯାଇଛି। ସେହିପରି ଏହି ଅଞ୍ଚଳରେ ଘୁଷୁରି ମାଂସ ବିକ୍ରି ଏବଂ ଘୁଷୁରି ପରିବହନ ଉପରେ ୩ ମାସ ଲାଗି ନିଷେଧାଦେଶ ଜାରି କରାଯାଇଛି। ଗତ ଦୁଇ ମାସ ମଧ୍ୟରେ ସଂକ୍ରମିତ

### ସମୂହ ଘୁଷୁରି ମରା ଅଭିଯାନ ପାଇଁ ନିର୍ଦ୍ଦେଶ

ଫାର୍ମରୁ ଘୁଷୁରିଗୁଡ଼ିକୁ ଅନ୍ୟ କେଉଁ ଫାର୍ମକୁ ନିଆଯାଇଛି ସେନେଇ ରିପୋର୍ଟ ଦେବାକୁ ଜିଲାପାଳ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପଞ୍ଚାୟତ ଅଞ୍ଚଳରେ ଏହି ଫ୍ଲୁର ନୂଆ ସଂକ୍ରମିତ ମାମଲା ଜଣାପଡ଼େ ତେବେ ତୁରନ୍ତ ଜିଲା ବିପର୍ଯ୍ୟୟ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଏହି ସଂକ୍ରମଣ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ ସେଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ତୃତୀୟ ଜନ୍ମବାର୍ଷିକୀ ଅବସରରେ



**ଆଦିତ୍ୟ ଆର୍ଯ୍ୟମାନ (କାହ୍ନା)**
ପାଞ୍ଚଗାଁ, ଜଟଣୀ, ଖୋର୍ଦ୍ଧା
ତୋର ତୃତୀୟ ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ରହିବା ସହ ତୋତେ ସୁସ୍ଥ ଓ ଯଶସ୍ୱୀ କରନ୍ତୁ।
-:ଶୁଭେଚ୍ଛା ସହ:- ବିଜୟ କୁମାର ସାହୁ (ଜେଜେ), ମାନଗୋବିନ୍ଦ ସାହୁ, ସୁଜାତା ସାହୁ ଓ ସମସ୍ତ ପରିବାରବର୍ଗ।
ଧ-୧୦୯୫




ସନି ଦେଓଲ

# 'ବର୍ଡର-୨'ରେ ନଜର ଆସିବେ ସନି

**ମୁମ୍ବାଇ:** ଅଭିନେତା ସନି ଦେଓଲଙ୍କ ଅଭିନୀତ ଫିଲ୍ମ 'ଗଦର-୨'ରେ ବେଶ୍ ସଫଳତା ମିଳିବା ପରେ ତାଙ୍କ ହାତକୁ ଏବେ ନୂଆ ପ୍ରୋଜେକ୍ଟ ଆସିଛି। ନିର୍ମାତା ଜେପି ଦତ୍ତଙ୍କ ସିନେମା 'ବର୍ଡର-୨'ରେ ସନିଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମ ଜରିଆରେ ୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧକୁ ଦର୍ଶାଯିବ ବୋଲି ଜଣାପଡ଼ିଛି। ସମ୍ପୂର୍ଣ୍ଣ ନୂଆ ଚେହେରାଙ୍କୁ ନେଇ ଏହା ପ୍ରସ୍ତୁତ କରାଯିବ। ୧୯୯୭ରେ ରିଲିଜ୍ ହୋଇଥିବା 'ବର୍ଡର'ରେ ଜ୍ୟାକି ଶ୍ରଫ୍, ସୁନୀଲ ସେଟ୍ଟୀ, ଅକ୍ଷୟ ଖାନ୍ନା, ସୁଦେଶ ବେରି, ପୁନିତ୍ ଇସାର୍ ଏବଂ କୁଲଭୂଷଣ ଖରବନ୍ଦା ନଜର ଆସିଥିଲେ। ଫିଲ୍ମ 'ବର୍ଡର' ସେ ସମୟରେ ସବୁଠାରୁ ଅଧିକ ରୋଜଗାର କରିଥିଲା। ଫିଲ୍ମ ପାଇଁ ନିର୍ମାତା ଜେପି ଦତ୍ତଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ କରାଯାଇଥିଲା।

# ସଚେତନତା ହିଁ ନିଦାନ

**ବିଶ୍ୱ ମଶା ଦିବସ**



ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖରେ ବିଶ୍ୱ ମଶା ଦିବସ ପାଳନ କରାଯାଇଥାଏ। ଏହା ବ୍ରିଟିଶ୍ ଡାକ୍ତର ସାର୍ ରୋନାଲ୍ଡ ରସ୍‌ଙ୍କ ଆବିଷ୍କାରର ଏକ ସ୍ମୃତି ଦିବସ। ୧୮୯୭ ମସିହାରେ ମାଇ ଆନୋଫିଲିସ୍ ମଶା ମଣିଷଙ୍କ ମଧ୍ୟରେ ମ୍ୟାଲେରିଆ ସଂକ୍ରମଣ କରୁଥିବା ଜଣାପଡିଥିଲା। ଆବିଷ୍କାର ପୂର୍ବରୁ ସଂକ୍ରମଣକାରୀ ମାଧ୍ୟମ, ଭେକ୍ଟର, ରୋଗର ବିସ୍ତାରକୁ ନିୟନ୍ତ୍ରଣ କରିବା ପାଇଁ ଅଳ୍ପ କିଛି ମାଧ୍ୟମ ଥିଲା। ଯଦିଓ କ୍ୱିନାଇନ ଆବିଷ୍କାର ଚିକିତ୍ସା ସମସ୍ୟାକୁ ଦୂର କରିଦେଇଥିଲା। ଏକ ସର୍ବେକ୍ଷଣ ମୁତାବକ, ଊନବିଂଶ ଶତାବ୍ଦୀରେ ବିଶ୍ୱର ପାଖାପାଖି ଅଧା ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ପ୍ରତିଶତଙ୍କ ମୃତ୍ୟୁ ହୋଇଥିଲା। ରସ ୧୮୯୪ରେ ପକ୍ଷୀ ମ୍ୟାଲେରିଆ ପ୍ରୋଟୋସେମା ରିଲିକଟମ ଦ୍ୱାରା ସଂକ୍ରମିତ ପକ୍ଷୀମାନଙ୍କ ଉପରେ କୁଲେକ୍ସ ସହିତ ପରୀକ୍ଷଣ କରିସାରିଥିଲେ ଏବଂ ଉଲ୍ଲେଖନୀୟ ସଫଳତା ପାଇଥିଲେ। ଏହାପରେ ୧୮୯୫ ଅଗଷ୍ଟ ୨୦ ତାରିଖରେ ଏହାର ବାର୍ଷିକୀକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଇଥିଲା। ଏହାକୁ ସେବେଠାରୁ ପ୍ରତିବର୍ଷ ଏହି ଦିନକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ମ୍ୟାଲେରିଆଠାରୁ ଦୂରେଇ ରହିବାକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଏ। କାରଣ ସଚେତନତା ହିଁ ପ୍ରକୃତ ନିଦାନ ବୋଲି ଏହି ଅବସରରେ ବାର୍ତ୍ତା ପ୍ରସାର କରାଯାଇଥାଏ।

ମ୍ୟାଲେରିଆ ଏକ ପରଜୀବୀ ରୋଗ। ପରଜୀବୀ ବା ପାରାସାଇଟ୍ର ନାଁ 'ପ୍ଲାଜମୋଡିୟମ', ଯାହା ଥାଏ ମ୍ୟାଲେରିଆ ରୋଗୀ ରକ୍ତରେ। ମାଇ ଆନୋଫିଲିସ ମଶା ରୋଗୀକୁ କାମୁଡି ରକ୍ତ ଶୋଷିଲେ ଏହା ମଶାର ପେଟ ଭିତରକୁ ଚାଲିଯାଏ। ଏହି ସଂକ୍ରମିତ ମଶା ସୁସ୍ଥ ଲୋକଙ୍କୁ କାମୁଡିଲେ ମଶାର ରକ୍ତ ଓ ଲାଳ ସୁସ୍ଥ ଲୋକର ରକ୍ତ ଭିତରକୁ ଚାଲିଯାଇ ତାକୁ ରୋଗାକ୍ରାନ୍ତ କରିପକାଏ। ପ୍ଲାଜମୋଡିୟମ ଫାଲାସିପାରମ ହେଉଛି ଅତି ମାରାତ୍ମକ। ଏହାର ବେଳହୁଁ ଚିକିତ୍ସା ନ କଲେ ରୋଗୀର କିଡ୍‌ନୀ ଅକାମୀ ହୋଇପଡେ ଓ ମସ୍ତିଷ୍କ ଆକ୍ରାନ୍ତ ହୋଇ ରୋଗୀ ଅଚେତ ହୋଇ ଶେଷରେ ମରିଯାଏ। ରୋଗୀଠାରୁ ମାତ୍ର ଏକବୁନ୍ଦା ରକ୍ତ ନେଇ ପରୀକ୍ଷା କଲେ ମ୍ୟାଲେରିଆ ହୋଇଛି କି ନାହିଁ ତାହା ଜଣାପଡିଯାଏ। ଯେପରିକି ମାଇ ଆନୋଫିଲିସ ମଶା ଦ୍ୱାରା ମ୍ୟାଲେରିଆ, ମାଇ ଏଡିସ୍ ମଶାଦ୍ୱାରା ଡେଙ୍ଗୁ, ମାଇ କ୍ୟୁଲେକ୍ସ ମଶା ଦ୍ୱାରା ବାତଜ୍ୱର ଏବଂ ଅନ୍ୟ ମଶା ଦ୍ୱାରା କଳାଜ୍ୱର, ଜାପାନୀ ଏନ୍‌ସାଫାଇଲେଟିସ ଜ୍ୱର ଇତ୍ୟାଦି ହୋଇଥାଏ। ତେଣୁ ମଶାର ଜୀବନଚକ୍ରକୁ ଅନୁଧ୍ୟାନ କରି ମଶା ବଂଶବୃଦ୍ଧି ରୋକାଯିବା ଆବଶ୍ୟକତା ଜରୁରୀ।


# Classified Everyday
**0674-2580101, 2549949**


# ପ୍ରଦୂଷଣମୁକ୍ତ ଦେଶ ଗଠନ ଜରୁରୀ



**ଅକ୍ଷୟ ଶକ୍ତି ଦିବସ**

ଦେଶର ବିକାଶ ପାଇଁ ଅକ୍ଷୟ ଶକ୍ତି ଉତ୍ସ ଅପରିହାର୍ଯ୍ୟ। ତେଣୁ ସୌରଶକ୍ତି, ପବନଶକ୍ତି ଏବଂ ଜଳ ବିଦ୍ୟୁତ୍ ଶକ୍ତି ଆଦି ବିକଳ୍ପ ଉତ୍ସର ବିକାଶ ଭାରତ ଭଳି ସମୃଦ୍ଧଶାଳୀ ଦେଶ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅକ୍ଷୟ ଶକ୍ତିର ପରିବେଶ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ି ନ ଥାଏ। ତେଣୁ ଅକ୍ଷୟ ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୨୦ରେ ଦେଶବ୍ୟାପୀ ଅକ୍ଷୟ ଶକ୍ତି ଦିବସ ପାଳନ କରାଯାଇଥାଏ। ୨୦୦୪ଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ପ୍ରଦୂଷଣମୁକ୍ତ ଦେଶ ଗଠନ ଲାଗି ଏହି ଦିବସରେ ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରାଯାଇଥାଏ। ଦେଶରେ ଶକ୍ତି ଚାହିଦା ବଢ଼ିଚାଲିଛି। ଏପରିସ୍ଥଳେ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଲାଗି ବିକଳ୍ପ ଶକ୍ତି ଉତ୍ସ ହିଁ ଏକ ପ୍ରମୁଖ ମାଧ୍ୟମ। ସମ୍ପ୍ରତି ବୃଦ୍ଧି ପାଉଥିବା ପରିବେଶୀୟ ପ୍ରଦୂଷଣରୁ ମୁକ୍ତି ପାଇବା ଲାଗି ଅକ୍ଷୟ ଶକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞ କହିଥା'ନ୍ତି। ଭାରତରେ ଅକ୍ଷୟ ଶକ୍ତିର ବିକାଶ ବିଷୟରେ ଏହା ଏକ ସଚେତନତା ଅଭିଯାନ।

ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଚେତନ କରାଇବା ଯେ ପାରମ୍ପରିକ ଶକ୍ତି ବ୍ୟତୀତ ଅକ୍ଷୟ ଶକ୍ତି ଉତ୍ସ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ବ୍ୟବହୃତ ହେଉଥିବା ଶକ୍ତି ଉତ୍ସ ଯେପରି ପରିବେଶ ଉପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପକାଇବ ନାହିଁ, ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।

ଶକ୍ତି ମନ୍ତ୍ରଣାଳୟ, ସରକାରୀ ବିଦ୍ୟୁତ୍ ଗ୍ରୀଡ୍ ପାଇଁ ଶକ୍ତି ଉତ୍ପାଦନ ଲାଗି ଅକ୍ଷୟ ଶକ୍ତି ଉତ୍ସ ଗ୍ରହଣ କରିବାକୁ ଭାରତର ନୂତନତ୍ୱକୁ ପ୍ରୋତ୍ସାହିତ କରିଥାଏ।




MATRIMONIAL

**BRIDE WANTED**

Karan Boy 1989, 5'6", B.Tech Serving Engineer State Govt. Sunasansar, 9937512659, 8249969649. D-75205



REAL ESTATE

**SALE**

Apartment, Duplex, plot for sale. Mob-9556521654, Puri Bypass, Jagamara, Kalinga Vihar. D-1100

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

**3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424.** D-75203

3BHK flat Mainroad Soubhagya nagar, Unit-8 for Office/ Residence. 9000004523. D-1096

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75024

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ **30'** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**GENERAL SALE**

**A reputed running multicuisene AC restaurant located at College Square, Cuttack with 40+60 Sitting capacity with attractive interior design is for sale. Contact-8280219715.** D-1088



3300 sqft. well furnished building for Office / Godown purpose in Patia. Contact: 9861013414. D-1058

Wanted one BHK flat on Rent in Apartment only nearby NH from Palasuni to Nakhara. Please Contact: 7978310053. D-0992

Spacious Ground floor with parking near Prabhujee School, Vssnagar for office: 7978059473. D-1069



Full body massage in homely atmosphere in all therapy. Mob: 8114881641. D-73440

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Asribad Panchakarma herbal SPA Kesharimall, Bhubaneswar. Contact: 8926173473. D-75025

Newly opened (one 8 SPA) / (Salon Service) with expert therapist. 9938843929. D-75143

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Spa Kerala body Massage only best Therapist @699/- Bhubaneswar. 9337672475. D-1033

**LOST**

I, Mangalchand Agrawal, R/o. Village/ PO. Maltigunderpur, Dist. Sambalpur declare that the land bearing Khata No-291/241, Mouza-Gunderpur recorded in my name. That the registered sale deed Document No. 951/1993 of the said land vide mutation case No.671/2004 dated 01.06.2004 of Tahasildar, Maneswar, Dist.-Sambalpur. I have lost the said original sale deed somewhere on dated 21.07.2023 and after repeated search the same could not traced out. D-1086

**AFFIDAVIT**

I, Abhaya Jena, S/o- Gopinath Jena, resident of At- Khana Nagar, PO- Janara Barimul, Dearabis Block, PS- Danpur, Dist- Kendrapara, PIN- 754210 Odisha declare by this affidavit No. 1139 dtd- 05.07.2023 that now onwards I shall be known as Abhaya Kumar Jena for all future purposes. D-1087

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Notary Public, Cuttack, dated 08.08.2023 I, Swapnarani Mohanty, D/o- Harish Chandra Mohanty, resident of At- Bidyadharpur, Near Sai Temple, PO- Nayabazar, PS- Chauliaganj, Dist- Cuttack, Odisha, PIN- 753004, Odisha, declare that, I have changed my surname from Swapna Sudarsan Mukhi to Swapnarani Mohanty. Henceforth I shall be known as Swaparani Mohanty for all purpose. D-1085

ମୁଁ ରୋଜାଲିନ୍ ରାୟପିତମ୍ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ଗ୍ରାମର ସ୍ୱର୍ଗତ ରଘୁନାଥ ରାୟପିତମ୍‌ଙ୍କ କନ୍ୟା ସହ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କାଇପଦର ଗ୍ରାମର ଶ୍ରୀଯୁକ୍ତ ଗୋଦାବରୀ ଅରିସଲଙ୍କ ପୁତ୍ର ମହେଶ୍ୱର ଅରିସଲଙ୍କ ସହିତ ତା.୨୩।୦୨।୨୦୧୫ ଦିନ ବିବାହ କରିଥିଲେ ଏବଂ ମୋ ଉପନାମ ରାୟପିତମ୍‌ରୁ ଅରିସଲ୍ ପରିବର୍ତ୍ତନ କରିବାକୁ ଚାହୁଁଛି। ତେଣୁ ମୁଁ ମୋ ନାମ ରୋଜାଲିନ୍ ଅରିସଲକୁ ସବୁ କାର୍ଯ୍ୟ ପାଇଁ ପରିବର୍ତ୍ତନ କରିବି। ଧ-୧୦୯୦

I, Jaya Dakua, D/o- Binayak Prasad Swain and W/o- Arindam Dakua, resident of Qtr. No. B-9, Service Lane, Nayapalli, Near Durga Puja Mandap, Bhubaneswar, P.O.- IRC Village, Bhubaneswar-751015, Dist.- Khurda, Odisha declare by this affidavit No. 72, Dtd. 17.08.2023 that now onwards I shall be known as Jaya Swain for all future purpose. D-1094

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LEGAL NOTICE**

BEFORE THE HON'BLE COURT OF THE CIVIL JUDGE (SENIOR) DIVISION, KORAPUT.
I.C. No. 2/2022
Between:-
Sri Ashwini Kumar Dhal, aged about 44 years, S/o Late Khageswar Dhal, resident of Qr. No. F-61, HAL Township, Sunabeda-2, P.O/ P.S- Sunabeda, Dist.- Koraput (Odisha)
....... Petitioner
Versus
01. The Post Master General, Berhampur Region, Berhampur, Dist.- Ganjam, Odisha, 02. The Sr. Superintendent of Post Offices, Koraput Division, Jeypore, PO/PS.-Jeypore, Dist.- Koraput, Odisha, Pin No. 764001, 03.The Sub-Post Master, Sunabeda-2, PO/ PS- Sunabeda, Dist.- Koraput (Odisha), 04.Bipin Behari Dhal, aged about 50 years, S/o Late Khageswar Dhal, Resident of Qr. No. B/195, HAL, Sunabeda-2, 05. Amiya Ranjan Dhal aged about 37 years, S/o Late Khageswar Dhal, resident of Qr. No. B/ 195, HAL, Sunabeda-2 Dist.- Koraput(Odisha)
........OPS
NOTICE
Whereas the above named petitioner has made application to this Court that he prays for issue of Succession Certificate in his favour and O.P No. 4 & 5.If anybody have any objection raise/ file objection within 15 days from the date of Publication in the newspaper. If no objection received from any corner, the said application will be heard and determined as per law. Given under my hand and seal of the Court, this 8th days of August-2023
Sd./- Civil Judge, Senior Division, Koraput.
D-1097

# ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀମତୀ ସୌମ୍ୟା ମିଶ୍ର**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୭୫
ତିରୋଧାନ: ୨୦।୦୮।୨୦୨୦
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପିତା: ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମିଶ୍ର, ମାତା: ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ ଶ୍ରୀମତୀ ଶାନ୍ତା ମିଶ୍ର
ଧ-୧୦୭୬

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ବିନୋଦିନୀ ଦାଶ**
HIG-215, କାନନ ବିହାର ଫେଜ୍-୧, ଭୁବନେଶ୍ୱର
ଆବିର୍ଭାବ: ୧୪।୧୦।୧୯୪୪
ତିରୋଧାନ: ୯।୦୮।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୦୮୪

**ନବମ ଶ୍ରାଦ୍ଧବାର୍ଷିକ**



**୰ଜୟଗୋପାଳ ଦାସ**
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ: ୧୦।୦୨।୧୯୪୦
ତିରୋଧାନ: ୧୮।୦୮।୨୦୧୫
ଆଜିର ପବିତ୍ର ଶ୍ରାଦ୍ଧ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ ଇନ୍ଦୁ ଓ ଝିଅ, ଜ୍ୱାଇଁ, ପୁଅବୋହୂ ଓ ନାତି ନାତୁଣୀ।
ଧ-୧୦୮୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**୰ଡକ୍ଟର ଆଶିଷ କୁମାର ପଟନାୟକ**
ଆବିର୍ଭାବ: ୨୪.୧୦.୧୯୪୬
ତିରୋଧାନ: ୦୧.୦୮.୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ବିଶ୍ୱାସ ହେଉ ନାହିଁ। ଏବେ ବି ଆପଣଙ୍କ ଅନୁପସ୍ଥିତି ଆମକୁ ମର୍ମାହତ କରୁଛି। ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ-
ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଭାଇ, ଭଉଣୀ ଏବଂ ନାତିନାତୁଣୀମାନେ।
ଧ-୧୦୮୩

## ଏ ସପ୍ତାହର ପ୍ରଶ୍ନ

୧– ପୁଲି ବେଜ୍ ଅଭୟାରଣ୍ୟ............ରାଜ୍ୟରେ ଅବସ୍ଥିତ ?
୨– କିରାତାର୍ଜୁନୀୟ ପୁସ୍ତକର ଲେଖକ.......... ?
୩– ଝିଝିଆ ନୃତ୍ୟ ଶୈଳୀ ଉତ୍ପତ୍ତି.......... ରାଜ୍ୟରେ ହୋଇଥିଲା ?
୪– ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ............ ?
୫– ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପ୍ରେସିଡେଣ୍ଟ ଭାବେ ଯୋଗ ଦେଇଥିବା ପ୍ରଥମ ଭାରତୀୟ ............ ?

## ଗତ ଥରର ଉତ୍ତର

୧ କଙ୍ଗୋ
୨ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ
୩ ଫୁଟ୍‌ବଲ୍
୪ ସ୍ୱିଜରଲାଣ୍ଡ
୫ ଇରାକୀ ଦିନାର

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ଦିବ୍ୟାଂଶୁ ସାହୁ, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଉତ୍ସବ

୧– ଥାଇପୁସମ୍ ........ ମାଲେସିଆ
୨– ସୋଙ୍ଗ୍‌କ୍ରାନ୍ ଫେଷ୍ଟିଭାଲ୍ ........ ଥାଇଲାଣ୍ଡ
୩– ହୋଲି ........ ଭାରତ
୪– ଡିଆ ଡେ ଲସ୍ ମୁଏର୍ଟସ୍ ........ ମେକ୍ସିକୋ
୫– ସେଣ୍ଟ ପ୍ୟାଟ୍ରିକ୍ସ ଡେ' ........ ଆୟର୍ଲାଣ୍ଡ
୬– ମାଉଣ୍ଟ୍ରେଅକ୍ସ ଜାଜ୍ ଫେଷ୍ଟିଭାଲ୍........ ସ୍ୱିଜରଲାଣ୍ଡ
୭– ମଣ୍ଟ୍ରିଏଲ୍ ଜାଜ୍ ଫେଷ୍ଟିଭାଲ୍........ କାନାଡ଼ା
୮– ସମରଫେଷ୍ଟ ........ ମିଲ୍‌ୱାଉକି, ଆମେରିକା
୯– ୱାଇ ପେଙ୍ଗ୍ ଫେଷ୍ଟିଭାଲ୍ ........ ଥାଇଲାଣ୍ଡ
୧୦– ଲଏ କ୍ରାଥଙ୍ଗ୍ ........ ଥାଇଲାଣ୍ଡ

## ୟୁଥ୍ ଆଲର୍ଟ

# ଏମିତି ଦୂରକରନ୍ତୁ ଷ୍ଟ୍ରେଚ୍‌ମାର୍କ



**ଅନେକ ଯୁବତୀଯୁବକ ମୋଟା ହୋଇଗଲେ ସେମାନଙ୍କ ଶରୀରର କେତେକ ସ୍ଥାନରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଏ, ଯାହାକି ଫ୍ୟାଶନେବଲ୍ ଡ୍ରେସ୍ ପିନ୍ଧିବା ବେଳେ ଖରାପ ଦେଖାଯାଏ; ଯେଉଁଥିପାଇଁ ସେମାନେ ବ୍ୟସ୍ତ ହୋଇପଡ଼ନ୍ତି। ଯଦିଓ ଏହାକୁ କମ୍ କରିବା ଲାଗି ଅଧିକ ସମୟ ଲାଗିଥାଏ, ତଥାପି କେତୋଟି ଉପାୟ ଆପଣାଇ ଷ୍ଟ୍ରେଚ୍‌ମାର୍କ ଶୀଘ୍ର ଦୂର କରିପାରିବେ...**

◀◀ ଆଜିର ପରିବର୍ତ୍ତିତ ଲାଇଫ୍ ଷ୍ଟାଇଲ୍ ଯୋଗୁ ମଧ ଫ୍ୟାଟ୍‌ନେସ୍ ବଢ଼ିବା କାରଣରୁ ଅନେକଙ୍କଠାରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଉଛି। ତା'ଛଡ଼ା କମ୍ ପାଣି ପିଇବା ଦ୍ୱାରା ଶରୀରର ଜଳୀୟାଂଶ କମିଲେ ବି ଏହି ସମସ୍ୟା ଦେଖାଦିଏ। ତେଣୁ ଆବଶ୍ୟକ ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁଷମ ଖାଦ୍ୟ ଖାଇବା ସହ ଦିନକୁ ଅତି କମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ।

◀◀ ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍‌ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକଭରି ସିରମ୍, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସନ୍ଧ୍ୟାରେ ଲଗାନ୍ତୁ ଉପକୃତ ହେବେ। ଏସବୁ କେମିକାଲ୍ ଫ୍ରି ହୋଇଥିଲେ ଭଲ।

◀◀ ଉଷୁମ ପାଣିରେ ଗାଧୋଇବା ପରେ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଅଏଲ୍ ମସାଜ୍ କରିବା ଦ୍ୱାରା ତାହା ନରମ ହେବା ସହ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡ଼ିଆ ତେଲ ସବୁଠୁ ଭଲ। ଆପଣ ଚାହିଁଲେ ଏଥିପାଇଁ ଅନ୍ୟ ମସାଜ୍ ଅଏଲ୍ ମଧ ବ୍ୟବହାର କରିପାରିବେ।

◀◀ ଏକ କଟନ୍ ସାହାଯ୍ୟରେ ଲେମ୍ବୁ ରସ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଗାଧୋଇ ପଡ଼ନ୍ତୁ। ଫଳରେ ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରିଥାଏ।

◀◀ ଶୀଘ୍ର ସ୍କିନ୍ ରିପେୟାର୍ କରିବାରେ ଏକ୍ସରସାଇଜ୍ ବେଶ୍ ସାହାଯ୍ୟ କରିଥାଏ। ଯାହା ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର୍ କରି ପୂର୍ବ ଭଳି ସୁନ୍ଦର କରିଥାଏ।



**କାର୍ଯ୍ୟଦକ୍ଷତା, ଉତ୍ତମ ବ୍ୟବହାର ବ୍ୟକ୍ତିତ୍ୱ ଉପରେ ସକାରାତ୍ମକ ପ୍ରଭାବ ପକାଏ। ଏହି ଗୁଣ ଘରେ, ଶିକ୍ଷାନୁଷ୍ଠାନରେ, କାର୍ଯ୍ୟକ୍ଷେତ୍ରରେ ହେଉ ଅବା ସମାଜରେ ଏକ ଉତ୍ତମ ମଣିଷର ପରିଚୟ ସୃଷ୍ଟି କରେ। ତେଣୁ ଆତ୍ମପରିଚୟ ସୃଷ୍ଟି କରିବା ଲାଗି କେତେକ ବଦଗୁଣ ତ୍ୟାଗ କରିବା ସହ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ...**



# ଆତ୍ମପରିଚୟ

ମାର୍ଜିତ ବ୍ୟବହାର ଓ ଉତ୍ତମ କାର୍ଯ୍ୟକଳାପ ମଣିଷକୁ ଅନ୍ୟମାନଙ୍କର ହୃଦୟ ଜିଣି ସଭିଙ୍କ ପ୍ରିୟପାତ୍ର କରାଇବାରେ ସାହାଯ୍ୟ କରିଥାଏ। ହେଲେ ବେଳେବେଳେ ଅଜାଣତରେ କରୁଥିବା କେତେକ ଭୁଲ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଆତ୍ମପରିଚୟ ସୃଷ୍ଟି ପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ ...

**ବାକ୍ ସଂଯମ ରକ୍ଷା ସହ ମିଷ୍ଟଭାଷୀ ହୁଅନ୍ତୁ:** ଅଧିକାଂଶ ଯୁବତୀଯୁବକ ଏକାଠି ହେବାମାତ୍ରେ ଗପସପରେ ମସ୍‌ଗୁଲ ହୋଇଯାଆନ୍ତି। ପାଠପଢ଼ା, ଜବ୍‌ଠୁ ଆରମ୍ଭ କରି ଅନ୍ୟମାନଙ୍କ ସମ୍ପର୍କରେ ମଧ ସେମାନଙ୍କ ମଧ୍ୟରେ ଚାଲେ ଆଲୋଚନା। ହେଲେ ବେଳେବେଳେ ସାଧାରଣ କଥାରେ ଜଣେ ଜଣେ ହଠାତ୍ ରାଗି ଯାଇ ଯୁକ୍ତିକରିବା, ବାକ୍‌ସଂଯମ ହରାଇ ଅନ୍ୟକୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇବାକୁ ବି ପଛାନ୍ତି ନାହିଁ। ଏହାଦ୍ୱାରା ଅନ୍ୟମାନଙ୍କ ଦୃଷ୍ଟିରେ ନିଜ ପ୍ରତି କିପରି ନକାରାତ୍ମକ ଭାବନା ସୃଷ୍ଟି ହେଉଛି ସେ ଦିଗରେ ସେମାନେ ଯତ୍ନଶୀଳ ନ ଥା'ନ୍ତି। ତେଣୁ ରାଗିବା, ରାଗରେ ଏଭଳି କିଛି କଥା କହିବା ଯାହାକି ଅନ୍ୟକୁ କଷ୍ଟ ଦେବ କିମ୍ବା ନିଜର ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ ଏବଂ ଆକ୍ରୋଶମୂଳକ ଆଚରଣଠାରୁ ନିଜକୁ ନିବୃତ୍ତ ରଖନ୍ତୁ ଏବଂ ମିଷ୍ଟଭାଷୀ ହୁଅନ୍ତୁ।

**ଦକ୍ଷତାର ପରିଚୟ ଦିଅନ୍ତୁ:** କର୍ମତତ୍ପର ଏବଂ ଦକ୍ଷତାସମ୍ପନ୍ନ ମଣିଷକୁ ସମସ୍ତେ ଭଲପାଆନ୍ତି। ତେଣୁ ପାଠପଢ଼ା ହେଉ ଅବା ଜବ୍ କ୍ଷେତ୍ରରେ ଅଳସୁଆ ନ ହୋଇ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହା ସମସ୍ତଙ୍କ ନଜରରେ ଆପଣଙ୍କ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିବ।

**ଆତ୍ମପ୍ରଶଂସାଠୁ ଦୂରେଇ ରୁହନ୍ତୁ:** ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେଆପେ ସମସ୍ତଙ୍କ ମୁଖରୁ ପ୍ରଶଂସା ବାହାରେ। ହେଲେ ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇ ବୁଲନ୍ତି। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ ଦିଅନ୍ତି ନାହିଁ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବା ଦ୍ୱାରା ପରିହାସର ପାତ୍ର ହେବାକୁ ପଡ଼ିପାରେ, ଏକଥା ଅନେକେ ଭୁଲିଯାଆନ୍ତି। ତେଣୁ କଥାରେ ନୁହେଁ, ବରଂ ନିଜ କାମକୁ ଏଭଳି କରନ୍ତୁ; ଯେପରି ତାହାହିଁ ଆପଣଙ୍କ ବ୍ୟକ୍ତିତ୍ୱର ପରିଚୟ ପାଲଟିବ।

**ସଚ୍ଚୋଟ ହୁଅନ୍ତୁ:** ନିଜର ଦୁର୍ବଳତାକୁ ଚିହ୍ନିବା ଏବଂ ଏହାକୁ ଘୋଡ଼ାଇବା ଲାଗି ମିଥ୍ୟାର ସାହାଯ୍ୟ ନେବା ଦ୍ୱାରା ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ। ଆଉ ଏହା ଯେ କେତେବେଳେ ଅନ୍ୟମାନଙ୍କ ଆଗରେ ଆପଣଙ୍କ ପର୍ସନାଲିଟିକୁ ଖରାପ କରିଦିଏ ତାହା ଜଣାପଡ଼େନି। ତେଣୁ ସବୁବେଳେ ନିଜ କାମ ଏବଂ କଥାକୁ ନେଇ ସଚ୍ଚୋଟ ହୁଅନ୍ତୁ, ଦେଖିବେ ଏହା ଆପଣଙ୍କ ଉତ୍ତମ ବ୍ୟକ୍ତିତ୍ୱର ପରିଚୟ ପାଲଟିବ।





**ଠିକ୍ ନୁହେଁ ଅନ୍ୟର ଚର୍ଚ୍ଚା :** ଅନ୍ୟର ଦୋଶ ତ୍ରୁଟି ଖୋଜି ବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ'ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିଥାଏ ଏକଥା ଅନେକେ ଭୁଲିଯାଆନ୍ତି। ସେହିପରି କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟିକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ମଧ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ଆବଶ୍ୟକ।

**ୟୁନିକ ହେବା ଭଲ:** ଅନ୍ୟମାନଙ୍କଠାରୁ କିଛି ଅଲଗା କରିବାକୁ ଚେଷ୍ଟା କରନ୍ତୁ। ନିଜ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପରିପ୍ରକାଶ କରନ୍ତୁ। ଏହା ଧୀରେ ଧୀରେ ଆଦୃତ ହେବା ଦ୍ୱାରା ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ। ହେଲେ ମନେରଖନ୍ତୁ ୟୁନିକ ହେବା ଆଳରେ ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯାହା ଆପଣଙ୍କୁ ପରିହାସର ପାତ୍ର କରାଇବ ଅବା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ।





## ୟୁଥ୍ କ୍ଲବ୍

# ଲକ୍ଷ୍ୟ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତ ଅଧୀନ ଗୌଡ଼ପଡ଼ା ଅଞ୍ଚଳରେ ୧୯୯୨ ମସିହାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଗଠନ ହୋଇଥିଲା 'ନେତାଜୀ ୟୁଥ୍ କ୍ଲବ'। ବିଭିନ୍ନ ଜନହିତକର କାର୍ଯ୍ୟ ଲକ୍ଷ୍ୟ ନେଇ ମାତ୍ର କେତେଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କ୍ଲବ୍‌ର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୭୦। ବର୍ଷ ତମାମ ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ କରି ସେମାନେ ସ୍ଥାନୀୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରତିବର୍ଷ ଜାନୁୟାରୀ ୨୩ରେ କ୍ଲବର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ, ଯେଉଁଥିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ଥାନୀୟ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥାଏ। ଏହାବ୍ୟତୀତ କ୍ଲବର ସଭ୍ୟମାନଙ୍କ ଦ୍ୱାରା ରକ୍ତଦାନ ଶିବିର, ବୃକ୍ଷରୋପଣ, ଅଗ୍ନିକାଣ୍ଡ ବିପନ୍ନମାନଙ୍କୁ ସହାୟତା, ଗରିବ ପରିବାରର କନ୍ୟାମାନଙ୍କ ବିବାହ ଇତ୍ୟାଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। କରୋନା ସମୟରେ କ୍ଲବ୍ ପକ୍ଷରୁ ଅସହାୟ ବ୍ୟକ୍ତିମାନଙ୍କୁ ଖାଦ୍ୟ ବଣ୍ଟନ, ରହିବା ପାଇଁ ସହାୟତା ଇତ୍ୟାଦି ସୁବିଧା ଯୋଗାଇ ଦିଆଯାଇଥିଲା ।

ପ୍ରତିବର୍ଷ ଗୌଡ଼ପଡ଼ା ଲକ୍ଷ୍ମୀପୂଜା ମଣ୍ଡପରେ ଯୁବକମାନଙ୍କ ସହଯୋଗରେ ଲକ୍ଷ୍ମୀପୂଜା ଉତ୍ସବ ୫ରୁ ୭ଦିନ ବ୍ୟାପୀ ଆୟୋଜନ କରାଯାଇଥାଏ। ଗ୍ରାମାଞ୍ଚଳର କୁନିକୁନି ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। କ୍ଲବର ସଭାପତି ଦିଲୀପ କୁମାର ମହାକୁଡ଼ କୁହନ୍ତି, ଗତ ୩୧ ବର୍ଷ ପୂର୍ବେ ଏହି ୟୁଥ୍ କ୍ଲବ ଗଠିତ ହୋଇଥିଲା । ନିୟମ ଅନୁସାରେ ସମଗ୍ର ପଞ୍ଚାୟତର ବିକାଶ ପାଇଁ ପ୍ରତ୍ୟେକ ୱାର୍ଡରୁ ଯୁବକମାନେ ଏଥିରେ ଯୋଗ ଦେଇଥାଆନ୍ତି। ପୂର୍ବରୁ ବଡ଼ ଭାଇମାନେ ଦାୟିତ୍ୱ ନେଉଥିଲେ । ପର୍ଯ୍ୟାୟକ୍ରମେ ବର୍ତ୍ତମାନ ଆମେ ଏହାର ଦାୟିତ୍ୱ ସମସ୍ତଙ୍କ ସହଯୋଗରେ ତୁଲାଉଛୁ। ସେହିପରି ସମ୍ପାଦକ ଉମେଶ ଚନ୍ଦ୍ର ପରିଡ଼ା କୁହନ୍ତି, ଏହି କ୍ଲବରେ ଥିବା ମୋଟ ୭୦ଜଣ ସଭ୍ୟଙ୍କ ମଧ୍ୟରୁ ସକ୍ରିୟ ସଭ୍ୟ ରୂପେ ଦେବେନ୍ଦ୍ର ଜେନା, ସନ୍ତୋଷ ସେଠୀ, ଅଭୟ ବିଶ୍ୱାଳ, ହିମାଂଶୁ ପଢ଼ିହାରୀ, ଅଜୟ ବେହେରା, ସୁମିତ ପରିଡ଼ା, ରମାକାନ୍ତ ଦଳାଇ, ତପନ ସାହୁ, ଅକ୍ଷୟ ବିଶ୍ୱାଳ, ଉଜ୍ଜ୍ୱଳ ବାରିକ ପ୍ରମୁଖଙ୍କ ସମେତ ୪୦ଜଣ ଅଛନ୍ତି। ବାହାରେ ରହୁଥିବା ଯୁବକମାନେ ଆର୍ଥିକ ସହଯୋଗ ଦେଇଥାଆନ୍ତି। ତେବେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଆମମାନଙ୍କର ପ୍ରାଥମିକ ଲକ୍ଷ୍ୟ ବୋଲି ସଦସ୍ୟମାନେ ପ୍ରକାଶ କାରିଛନ୍ତି।

– ସନ୍ତୋଷ କୁମାର ନାୟକ


'ନେତାଜୀ ୟୁଥ୍ କ୍ଲବ'ର ସଦସ୍ୟମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ, ୨୦୨୩ | Bhubaneswar, Sunday, August 20, 2023

# କର୍ଣ୍ଣାଟକ ଖେଳାଳିଙ୍କ ୪ ଜାତୀୟ ରେକର୍ଡ




ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଏକ ଇଭେଣ୍ଟରେ ଭାଗନେଇଥିବା ଜଣେ ପ୍ରତିଯୋଗୀ।

## କଳିଙ୍ଗରେ ଜୁନିୟର ସନ୍ତରଣ

ଭୁବନେଶ୍ୱର,୧୯।୮(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ କର୍ଣ୍ଣାଟକର ଆଧିପତ୍ୟ ଜାରି। କର୍ଣ୍ଣାଟକର ୪ ଜଣ ଖେଳାଳି ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। କର୍ଣ୍ଣାଟକର ବିଦିଥ୍ ଏସ୍ ଶଙ୍କର ପୂର୍ବରୁ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଶନିବାର ବିଦିଥ୍ ୧:୦୪.୨୬ ସେକେଣ୍ଡର ସମୟ ନେଇଥିବା ବେଳେ ୧:୦୫.୦୪ ତାଙ୍କର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଝାଡ଼ଖଣ୍ଡର ରାଣା ପ୍ରତାପ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଳ୍ପକେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ତାମିଲନାଡୁର ଏମ୍ ଏସ୍ ନୀତିଶ ୧:୦୮.୮୦ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ଅର୍ଜିତ ସମୀର ମୋର୍ଭେକାର ୧:୧୧.୪୩ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ ଗୁଜରାଟର ଆରହାନ ହର୍ଷ ୧:୧୧.୪୫ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ କର୍ଣ୍ଣାଟକର ଅକ୍ଷଜ ଠାକୁରିଆ ୨:୧୩.୮୨ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ, ଆନ୍ଧ୍ରପ୍ରଦେଶର ୟଜ୍ଞ ସାଇ ମୋଙ୍ଗାମ ୨:୧୬.୦୭ ସେକେଣ୍ଡ ସହ ରୌପ୍ୟ ଓ କର୍ଣ୍ଣାଟକର ହରି କାର୍ତ୍ତିକ ଭେଲୁ ୨:୧୭.୫୧ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୦୦ ମିଟର ବାଳକ ବଟର ଫ୍ଲାଏ ଇଭେଣ୍ଟରେ ତାମିଲନାଡୁର ଅବଦୁଲ୍ ହଫିଜ୍ ୧:୦୮.୯୮ର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉତ୍ତର ପ୍ରଦେଶର ଅଜିତ୍ ଯାଦବ ୧:୧୦.୭୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ କର୍ଣ୍ଣାଟକର ବେଦାନ୍ତ ଆନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୧୦୦ ମିଟର ବାଳିକା ବଟର ଫ୍ଲାଏ ଇଭେଣ୍ଟରେ ତେଲଙ୍ଗାନାର ଭ୍ରିତି ଅଗ୍ରୱାଲ ୨:୨୩.୫୫ ସେକେଣ୍ଡର ଟାମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କର୍ଣ୍ଣାଟକର ହାଶିକା ରାମଚନ୍ଦ୍ର ୨:୨୩.୬୪ ସେକେଣ୍ଡର ଟାଇମିଂ ସହ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ମହାରାଷ୍ଟ୍ରର ଧ୍ରିତି ଯୋଗେଶ ୨:୨୮.୦୪ ସେକେଣ୍ଡର ଟାଇମିଂ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୨୦୦ ମିଟର ବାଳିକା ବଟର ଫ୍ଲାଏ ଇଭେଣ୍ଟରେ କର୍ଣ୍ଣାଟକର ତନିଶି ଗୁପ୍ତା ଓ ଧୀନିଧି ଦେଶିଙ୍ଘୁ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ୨୦୧୯ରୁ ଅପେକ୍ଷା ଫର୍ନାଣ୍ଡେସ୍‌ଙ୍କ ୨:୨୩.୬୭ ସେକେଣ୍ଡର ଜାତୀୟ ରେକର୍ଡ ଭାଙ୍ଗିଥିଲେ ଉଭୟ ଖେଳାଳି। ତନିଶି ୨:୨୧.୪୫ର ଟାଇମିଂ ସହ ସ୍ୱର୍ଣ୍ଣ ଓ ଧୀନିଧି ୨:୨୨.୧୮ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ସଚିନ୍ ଆମ୍ବେକ୍ଟା ୨:୩୧.୯୫ ସେକେଣ୍ଡର ସମୟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ବାଳକ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ କର୍ଣ୍ଣାଟକର ଇଶାନ ମେହେରା ୨୪.୬୮ ସେକେଣ୍ଡର ଟାଇମିଂ ସହିତ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଏହା ପୂର୍ବରୁ ୨୪.୭୧ ସେକେଣ୍ଡର ରେକର୍ଡ ତାଙ୍କ ନାମରେ ରହିଥିଲା। ତାମିଲନାଡୁର ନିତିସାଇ ହରିନାଥ ୨୫.୬୦ ସେକେଣ୍ଡ ସହିତ ରୌପ୍ୟ ଓ ଆସାମର ନିବିର ହଜାରିକର ୨୫.୮୯ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ତୃଣମୂଳ ସ୍ତରରୁ ସୃଷ୍ଟିହେବେ ସ୍ପ୍ରିଣ୍ଟର



କୃତୀ ପ୍ରତିଯୋଗୀଙ୍କ ସହିତ ଏସ୍‌ଏସ୍‌ଆଇଏ ମୁଖ୍ୟ ଡ. ସାର୍ଥକ ପଟ୍ଟନାୟକ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

## ଓଡ଼ିଶାରେ ଲଞ୍ଚ ହେଲା ଏସ୍‌ଏସ୍‌ଆଇଏ

ଭୁବନେଶ୍ୱର,୧୯।୮(ସରୋଜ ଜେନା)

ଭୁବନେଶ୍ୱରରେ ଶନିବାର ଲଞ୍ଚ ହୋଇଛି ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଏକାଡେମୀ ଅଫ୍ ସ୍ପ୍ରିଣ୍ଟର୍ସ(ଏସ୍‌ଏସ୍‌ଆଇଏ)। ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ(ଏସ୍‌ଏସ୍‌ଆଇ) ପକ୍ଷରୁ ସ୍ଥାପନ କରାଯାଇଥିବା ଏହି ସଂଗଠନ ତୃଣମୂଳ ସ୍ତରରୁ ସ୍ପ୍ରିଣ୍ଟରମାନଙ୍କୁ ଚୟନ କରି ସେମାନଙ୍କ ଦକ୍ଷତା ବିକାଶ ଦିଗରେ କାର୍ଯ୍ୟ କରିବ। ଆର୍ଥୋସ୍କୋପିକ୍ ସର୍ଜନ ତଥା ସ୍ପୋର୍ଟ୍ସ ସାଇନ୍ସ ବିଶେଷଜ୍ଞ ଡ. ସାର୍ଥକ ପଟ୍ଟନାୟକ ଓ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ଏହି ସଂସ୍ଥା ପ୍ରତିଷ୍ଠିତ। ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରୁ ପ୍ରତିଭା ଚିହ୍ନଟ କରାଯିବା ସହିତ ସେମାନଙ୍କ ଦକ୍ଷତା ବିକାଶ ଏହି ସଂଗଠନର ପ୍ରାଥମିକ ଲକ୍ଷ୍ୟ ରହିଥିବା ପ୍ରକାଶ କରିଛନ୍ତି ସାର୍ଥକ ପଟ୍ଟନାୟକ। ପ୍ରାଥମିକ ଭାବରେ ଦକ୍ଷତା ବିକାଶ ପାଇଁ ଏକ ପ୍ରତିଯୋଗିତାର ଆୟୋଜନ କରିଥିଲା ଏସ୍‌ଏସ୍‌ଆଇ। ଅଗଷ୍ଟ ୧୨ରୁ ୧୫ ମଧ୍ୟରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ୭ ସ୍କୁଲର ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ବୟସ ବର୍ଗ(୧୦, ୧୧ ଓ ୧୨ ବର୍ଷରୁ କମ୍)ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ମାଧ୍ୟମରେ ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏମାନଙ୍କୁ ଏସ୍‌ଏସ୍‌ଆଇ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସହିତ ବିଭିନ୍ନ ବସ୍ତି ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରତିଯୋଗିତାରେ ହାଙ୍ଗଝୌରେ ହେବାକୁ ଥିବା ଏସିଆନ୍ ଗେମ୍ସ ୨୦୨୩ରେ ଭାଗନେବାକୁ ଥିବା ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଏକ ହ୍ୱାଇଟ ବୋର୍ଡରେ ସ୍ୱାକ୍ଷର ଅଭିଯାନ କରାଯାଇଥିଲା।

ଯୁବ ପ୍ରତିଭାମାନଙ୍କୁ କିଭଳି ଆହତ ସମସ୍ୟାରୁ ଦୂରରେ ରଖାଯିବ ଏବଂ ସ୍ପୋର୍ଟ୍ସ ସାଇନ୍ସ ମାଧ୍ୟମରେ କିଭଳି ସେମାନଙ୍କ ପ୍ରଦର୍ଶନକୁ ଆହୁରି ବିକଶିତ କରାଯାଇପାରିବ ତାହା ଏକାଡେମିର ଲକ୍ଷ୍ୟ ବୋଲି କହିଥିଲେ ସାର୍ଥକ। କେବଳ ଖେଳାଳି ନୁହନ୍ତି ବରଂ କୋଚ୍ ଏବଂ ଫିଜିଓମାନଙ୍କୁ ମଧ୍ୟ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ଏସ୍‌ଏସ୍‌ଆଇର ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଗାମୀ ଦିନରେ ଦେଶ ତଥା ବିଦେଶରେ ଏହାର ନୂତନ ଶାଖା ଖୋଲାଯିବ। ଓଡ଼ିଶାରେ କ୍ରୀଡା ପ୍ରତିଭାର ଅଭାବ ନ ଥିବା ବେଳେ ଦୃଢ ଭିତ୍ତିଭୂମି ମଧ୍ୟ ଉପଲବ୍ଧ ରହିଛି। ଆଗାମୀ ଦିନରେ ସ୍ପ୍ରିଣ୍ଟରେ ଓଡ଼ିଶାକୁ ଏକ ସ୍ପୋର୍ଟିଂ ହବ୍ ଭାବରେ ଗଢିତୋଳିବା ଏସ୍‌ଏସ୍‌ଆଇଏର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହା ସହିତ ଡୋପିଂ ମାମଲା ଉପରେ ମଧ୍ୟ ପ୍ରତିକ୍ରିୟା ରଖିଥିଲେ ସାର୍ଥକ। କୌଣସି ବି ଆଥ୍‌ଲେଟ ଉପଯୁକ୍ତ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରିବା ଅନୁଚିତ। କ୍ରୀଡା ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ହିଁ ଆଥ୍‌ଲେଟମାନେ ଔଷଧ ସେବନ କରିବା ଉଚିତ ବୋଲି ସେ କହିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

## ଦ୍ୱିତୀୟ ଟି୨୦

ଡବ୍ଲିନ୍,୧୯।୮(ପି.ଟି.)

ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚ୍‌କୁ ଜିତିବା ସହିତ ଭାରତ ସିରିଜ ଜିତିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଭାରତୀୟ ବୋଲର ପ୍ରଭାବୀ ବୋଲିଂ କରିଥିବା ବେଳେ ବର୍ଷା କାରଣରୁ ବ୍ୟାଟରମାନଙ୍କୁ ସୁଯୋଗ ମିଳି ନ ଥିଲା। ତେବେ ଦ୍ୱିତୀୟ ଟି୨୦ରେ ଯୁବ ଭାରତୀୟ ବ୍ୟାଟର ନିଜର ଦକ୍ଷତା ଦେଖାଇବାକୁ ପ୍ରୟାସ କରିବେ। ୧୩ ମାସ ପରେ ଷ୍ଟ୍ରେସ୍ ଫ୍ରାକ୍ଚରରୁ ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରି ଆରମ୍ଭରୁ ଦୁଇ ଉଇକେଟ ନେଇଥିଲେ। ଚିରାଚରିତ ଭାବରେ ନିଜ ପେସ୍‌ରେ ବୋଲିଂ କରିବା ସହିତ ଏକ ଇନ୍‌ସୁଇଙ୍ଗ ୟର୍କର ଜରିଆରେ ବୋଲ୍ଡ କରିଥିଲେ। କେବଳ ବୁମ୍‌ରା ନୁହନ୍ତି, ଆଉ ଜଣେ ପଦାର୍ପଣକାରୀ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଚମତ୍କାର ବୋଲିଂ କରି ଦୁଇଟି ଉଇକେଟ ନେଇଥିଲେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ମଧ୍ୟ ଦୁଇଟି ସଫଳତା ହାସଲ କରିଥିଲେ। ଆୟର୍ଲାଣ୍ଡ ୭ ଉଇକେଟ ହରାଇ ୧୩୯ ରନ୍ ସ୍କୋର କରିଥିବା ବେଳେ ଭାରତ ୨ ଉଇକେଟ ହରାଇ ୪୭ ରନ୍ କରିଥିଲା। ଡର୍କୱର୍ଥ ଲୁଇସ୍ ନିୟମ ଅନୁସାରେ ଭାରତ ଏହି ମ୍ୟାଚ୍‌କୁ ୨ ରନ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଭାରତର ମିଡିଲ୍ ଅର୍ଡର ବ୍ୟାଟିଂ ସୁଯୋଗ ପାଇ ନ ଥିଲା।

ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିବମ ଦୁବେ ଏକ ଭଲ ଇନିଂସ ଲକ୍ଷ୍ୟରେ ରହିଥିବା ବେଳେ ଋତୁରାଜ ଗାଏକ୍ୱାଡ ଓ ରିଙ୍କୁ ସିଂ ମଧ୍ୟ ସମାନ ଆଶା ରଖିବେ। ଅନ୍ୟ ପକ୍ଷରେ ଯଶସ୍ୱୀ ଜୟସ୍ୱାଲ ଏକ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲେ। ୱେଷ୍ଟଇଣ୍ଡିଜ୍ ସିରିଜରେ ଟପ୍ ସ୍କୋରର ରହିଥିବା ତିଳକ ବର୍ମା ଖାତା ଖୋଲିବାରେ ବିଫଳ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଭଲ ସ୍କୋରର ଆଶା ରଖିବେ। ଅନ୍ୟପକ୍ଷରେ ସଞ୍ଜୁ ସାମସନଙ୍କ ପାଇଁ ଏହା କର ଅବା ମର ସିରିଜ ରହିଥିବା ବେଳେ ଦ୍ୱିତୀୟ ଟି୨୦ରୁ ସେ ମଧ୍ୟ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ଅନ୍ୟପକ୍ଷରେ ବୋଲିଂ ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନ ପୂରଣ କରିବାକୁ ପ୍ରୟାସ କରିବେ। ଭାରତୀୟ ବୋଲର ପ୍ରଥମ ଟି୨୦ରେ ଚମତ୍କାର ବୋଲିଂ କରିଥିବା ବେଳେ ଅଧିନାୟକ ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ଟି୨୦ରେ ଭାରତ ଟସ୍ ଜିତିଲେ ବୋଲିଂ ନିଷ୍ପତ୍ତି ନେବ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରବି ବିଷ୍ଣୋଇ। ଅନ୍ୟପକ୍ଷରେ ଘରୋଇ ଆୟର୍ଲାଣ୍ଡ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡର ଟପ୍ ଅର୍ଡର ବିଫଳ ହୋଇଥିବା ବେଳେ ବରିଷ୍ଠ ଖେଳାଳିଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ପଲ୍ ଷ୍ଟର୍ଲିଂ, ଆଣ୍ଡ୍ରୁ ବାଲବିରିନ୍, ଜୋଶୁଆ ଲିଟିଲ, କ୍ରେଗ୍ ୟଙ୍ଗ ଓ ଜର୍ଜ ଡକରେଲ୍‌ଙ୍କ ପରି ଖେଳାଳିଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ଆଗାମୀ ଏସିଆ କପ୍ ତଥା ଦିନିକିଆ ବିଶ୍ୱକପ୍ ପାଇଁ ଏହା ଭାରତୀୟ ଦଳର ପ୍ରସ୍ତୁତି ସିରିଜ ହୋଇଥିବା ବେଳେ ସମସ୍ତଙ୍କ ନଜର ଏହା ଉପରେ ରହିବ।

**ମ୍ୟାଚ୍ ସ୍ଥାନ: ଦ ଭିଲେଜ୍, ଡବ୍ଲିନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ସର୍ଦ୍ଦାରଙ୍କ ନେତୃତ୍ୱରେ ୪୦ ଜଣିଆ ଟିମ୍

## ପୁରୁଷ ସବ୍‌ଜୁନିୟର ହକି କ୍ୟାମ୍ପ

ନୂଆଦିଲ୍ଲୀ,୧୯।୮(ପି.ଟି.)

ହକି ଇଣ୍ଡିଆ ପକ୍ଷରୁ ସବ୍‌ଜୁନିୟର ପୁରୁଷ ଦଳର କ୍ୟାମ୍ପ ପାଇଁ ୪୦ ଜଣିଆ କୋର୍ ଗ୍ରୁପ୍ ଘୋଷଣା କରାଯାଇଛି। ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ପୂର୍ବତନ ଭାରତୀୟ ଖେଳାଳି ସର୍ଦ୍ଦାର ସିଂଙ୍କୁ ଏହି ଦଳର କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ଯୁବ ପ୍ରତିଭାମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କ୍ୟାମ୍ପ ପରେ ୟୁରୋପ ଗସ୍ତରେ ଯାଇ ଭାରତୀୟ ଦଳ ମ୍ୟାଚ୍ ଖେଳିବ।

# ବିଶ୍ୱକପ୍ ମାସ୍କଟ ଲଞ୍ଚ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଶନିବାର ଗୁରୁଗ୍ରାମରେ ଆଇସିସି ପକ୍ଷରୁ ମାସ୍କଟ ଲଞ୍ଚ କରାଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ଅଧିନାୟକ ଯଶ ଧୂଲ ଓ ଶେଫାଳି ବର୍ମା ମାସ୍କଟର ଉନ୍ମୋଚନ କରିଥିଲେ। ଲିଙ୍ଗଗତ ସମାନତା ପାଇଁ ଚଳିତ ବର୍ଷ ଦୁଇଟି ମାସ୍କଟ ରଖାଯାଇଛି। ପୁରୁଷ ମାସ୍କଟଟି ଟର୍ବୋ ପାୱାର ବ୍ୟାଟ ସହ ବ୍ୟାଟିଂ କରୁଥିବା ବେଳେ ମହିଳା ମାସ୍କଟକୁ ବୋଲିଂର ପ୍ରତୀକ ଭାବରେ ରଖାଯାଇଛି।




# ଫିଫା ମହିଳା ବିଶ୍ୱକପ୍
# ସୁଇଡେନ୍‌କୁ ବ୍ରୋଞ୍ଜ ପଦକ



ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ସୁଇଡେନ ଖେଳାଳି।

ବ୍ରିସ୍‌ବେନ୍,୧୯।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି ସୁଇଡେନ୍। ଶନିବାର ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ଦଳ ଘରୋଇ ଅଷ୍ଟ୍ରେଲିଆକୁ ୨-୦ରେ ପରାସ୍ତ କରିଛି। ଦଳ ପକ୍ଷରୁ ଫ୍ରିଡୋଲିନା ରୋଲ୍ଫୋ(୩୦ ମିନିଟ) ଓ କୋସୋଭେରେ ଆସଲାନି(୬୨ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମହିଳା ବିଶ୍ୱକପ୍‌ରେ ସୁଇଡେନ୍‌ର ଏହା ଚତୁର୍ଥ ବ୍ରୋଞ୍ଜ ପଦକ। ପୂର୍ବରୁ ୧୯୯୧, ୨୦୧୧ ଓ ୨୦୧୯ରେ ଦଳ ତୃତୀୟ ସ୍ଥାନରେ ରହିଥିଲା। ସ୍ପେନ୍ ନିକଟରୁ ସେମିରେ ପରାଜିତ ହେବା ପରେ ସୁଇଡେନ୍ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିଥିଲା। ଆକ୍ରମଣାତ୍ମକ ଫୁଟବଲ ଖେଳିବା ସହିତ ଦଳ ୫୪ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ସ୍ପେନ୍ ପକ୍ଷରୁ ୧୮ଟି ଫାଉଲ ମରାଯାଇଥିବା ବେଳେ ଦଳକୁ ଦୁଇଟି ରେଡ୍‌କାର୍ଡ ମିଳିଥିଲା।

ପ୍ରଥମ ୨୫ ମିନିଟର ଖେଳରେ ଉଭୟ ଦଳର ପ୍ରଦର୍ଶନ ପ୍ରାୟତଃ ସମାନ ରହିଥିଲା। ତେବେ ୩୦ତମ ମିନିଟରେ ମିଳିଥିବା ପେନାଲ୍ଟି କିକ୍‌ରୁ ପ୍ରଥମ ଗୋଲ ଦେଇଥିଲା ସୁଇଡେନ। ଅଷ୍ଟ୍ରେଲିଆର ଡିଫେଣ୍ଡର କ୍ଲେୟାର ହଣ୍ଟ ସୁଇଡେନ୍‌ର ଷ୍ଟିନା ବ୍ଲାକ୍‌ଷ୍ଟେନିସଙ୍କୁ ଫାଉଲ୍ ମାରିଥିଲେ। ଭାର୍ ରେଫରାଲ ପରେ ରେଫରି ଏହାକୁ ପେନାଲ୍ଟି କିକ୍ ଦେଇଥିଲେ। ଫ୍ରିଡୋଲିନା ରୋଲ୍ଫୋ ପୋଷ୍ଟର ବାମପଟ କର୍ନରକୁ ଟାର୍ଗେଟ କରିବା ସହିତ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ସୁଇଡେନ୍ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣାତ୍ମକ ଖେଳିଥିଲା। ୬୨ ତମ ମିନିଟରେ ଷ୍ଟିନା ବ୍ଲାକ୍‌ଷ୍ଟେନିସଙ୍କ ଆସିଷ୍ଟରେ ସ୍କୋର କରିବାରେ ସମର୍ଥ ହୋଇଥିଲେ କୋସୋଭେରେ ଆସଲାନି। ୨୦ ଗଜ ଦୂରରୁ ଶଟ୍ ମାରିବା ସହିତ ଆସଲାନି ଅଷ୍ଟ୍ରେଲୀୟ ଗୋଲକିପରଙ୍କୁ ପରାସ୍ତ କରିଥିଲେ। ସୁଇଡେନ୍ ଗୋଲ୍ କିପର ଜେକିରା ମୁସୋଭିକ୍ ଗୋଟିଏ ବି ଗୋଲ ବରଣ କରି ନ ଥିବା ବେଳେ ଆଉ ଏକ କ୍ଲିନ୍ ସିଟ୍ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ରବିବାର ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ